
ନ
ନ
ସାହିତ୍ୟ

ନଂ........
ତା........

ସାହିତ୍ୟ

ଏକମାତ୍ର ଉପନ୍ୟାସ ମାସିକ
ସଂପାଦକ
[illegible]

| | | |
|---|---|---|
| ୫ମ ଭାଗ | ଜାନୁୟାରୀ | ପଚସ୍ତରୀ |
| ୭-୮ମ ସଂଖ୍ୟା | ୧୯୬୦ | ନୂଆ ପଇସା |

# ନବବର୍ଷର ଶୁଭେଚ୍ଛା

ଆଜି ନବବର୍ଷର ଶୁଭେଚ୍ଛା ଜଣାଇବା ଅବସରରେ ଭାରତୀୟଙ୍କ ମନରେ ଗତ ବର୍ଷମାନଙ୍କ ପରି ସେ ଉଚ୍ଛ୍ୱାସ ନାହିଁ କି ସେ ସରସତା ମଧ୍ୟ ନାହିଁ । ପୃଥିବୀରୁ ଶୀତଳ ଯୁଦ୍ଧର ଅବସାନ କରି ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ପାଇଁ ବିରାଟ ଶକ୍ତିମାନେ ଉଦ୍ୟମ କରୁଥିବା ବେଳେ କେତେ ବର୍ଷ ଧରି ପରମ ବନ୍ଧୁ ଭୂମିକାରେ ଅଭିନୟ କରି ଆସୁଥିବା ପଡ଼ୋଶୀ ଚୀନର କାର୍ଯ୍ୟକଳାପ ଭାରତବାସୀଙ୍କ ମନରେ ଯୁଦ୍ଧର ଆତଙ୍କ ସୃଷ୍ଟି କରିଛି ଏବଂ ତାହା କ୍ରମେ ଦୁଇ ଦେଶର ସମ୍ପର୍କକୁ ତିକ୍ତତାରେ ପରିଣତ କରୁଛି । ଦୁଇ ଦେଶର ନେତୃବୃନ୍ଦଙ୍କ ସାକ୍ଷାତ ପରେ ବୁଝାମଣା ହେଲେ ମଧ୍ୟ ଉତ୍ତର ସୀମାନ୍ତରେ ଚୀନ ଯେ ଭାରତ ପ୍ରତି ଏକ ସ୍ଥାୟୀ ବିପଦ, ଏକଥା ଯୁଦ୍ଧ ବିଶାରଦ ତଥା ନେତୃମଣ୍ଡଳୀଙ୍କଠାରୁ ଆରମ୍ଭ କରି ସାଧାରଣ ଜନତା ମଧ୍ୟ ମର୍ମେ ମର୍ମେ ଅନୁଭବ କରୁଛନ୍ତି । ପୃଥିବୀର ଏ ଦୁଇଟି ଦେଶ ଅତି ପୁରାତନ ଓ ଜନ-ସଂଖ୍ୟାରେ ମଧ୍ୟ ବୃହତ୍ତମ କିନ୍ତୁ ଅର୍ଥନୈତିକ ଓ ବୈଷୟିକ ଦିଗରେ ପାଶ୍ଚାତ୍ୟର ଯେ କୌଣସି ଶ୍ରେଷ୍ଠ ଦେଶ ଅପେକ୍ଷା ଅନୁନ୍ନତ । ଏପରି ସ୍ଥଳେ ଦୁଇଟି ଦେଶର

ସଂଘର୍ଷ କାହାର ପକ୍ଷେ ମଙ୍ଗଳପ୍ରଦ ନୁହେଁ । ଏହାର ସମାଧାନ ନ ହେଲେ ବିଶ୍ୱସମର ସୃଷ୍ଟିର ସହାୟକ ହୋଇ ମାନବ ସମାଜକୁ ପୃଥିବୀ ପୃଷ୍ଠରୁ ଯେ ନିଶ୍ଚିହ୍ନ କରିବ ... ଏଥିରେ ବିନ୍ଦୁମାତ୍ର ସନ୍ଦେହ ନାହିଁ । ଗତ କେଇ ବର୍ଷ ଧରି 'ହିନ୍ଦୀ ଚୀନି ଭାଇ ଭାଇ' ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହେଉଥିଲେ ହେଁ ... ଦେଶର ଶାସନପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ଏବଂ ଗୋଟିଏ ଦେଶରେ ଗଣତାନ୍ତ୍ରିକ ଭିତ୍ତିରେ ଶାସନ ଚାଲୁଥିବା ବେଳେ ଅନ୍ୟଟିରେ ଏକନାୟକତ୍ୱ ଶାସନ ପ୍ରତିଷ୍ଠିତ, ଯାହାକି ଦୁଇ ଦେଶର ହୃଦୟ ମିଳନର ସମ୍ପୂର୍ଣ୍ଣ ପରିପନ୍ଥୀ । କାଶ୍ମୀର ବିଭ୍ରାଟ ପରେ ତିବ୍ବତ ଉପରେ ଚୀନର ସାର୍ବଭୌମତ୍ୱ ସ୍ୱୀକୃତିରେ ଭାରତର ମାନବିକତା ପ୍ରକାଶ ପାଇଲେ ମଧ୍ୟ କୂଟନୀତି କ୍ଷେତ୍ରରେ ଭାରତର ଅଧଃପତନ ହୋଇଛି । ଯାହାଫଳରେ ଭାରତୀୟ ଜନତା ମନରେ ଆଜି ସ୍ୱତଃପ୍ରବୃତ୍ତ ସନ୍ଦେହର ଉନ୍ମେଷ ହୋଇଛି—ଭାରତ କଣ ପ୍ରକୃତରେ ଦେଶରକ୍ଷା ପାଇଁ ସକ୍ଷମ ?

ବିଦେଶୀ ରାଷ୍ଟ୍ରର ସାମରିକ ବା ବୈଷୟିକ ସାହାଯ୍ୟ ଏହାର ଉତ୍ତର ଦେଇ ପାରିବନି—ଏହାର ଉତ୍ତର ଦେବ କେବଳ ଭାରତର ଜାଗ୍ରତ ଯୁବ-ସମାଜ । ସେଇମାନଙ୍କ ଉଦ୍ଦେଶ୍ୟରେ ଆମେ ନବବର୍ଷର ଶୁଭେଚ୍ଛା ଜ୍ଞାପନ କରୁଛୁ ।

—*—

## ଭାରତରେ ଆମେରିକା ରାଷ୍ଟ୍ରପତି

ଗତ ମାସରେ ଆମେରିକା ରାଷ୍ଟ୍ରପତି ଆଇଜେନହାୱାରଙ୍କ ଭାରତ ଭ୍ରମଣ ଦୁଇ ଦେଶର ମୈତ୍ରୀ ଇତିହାସରେ ଏକ ଗୌରବମୟ ଅଧ୍ୟାୟ ସୃଷ୍ଟି କରିଛି । ଦିଲ୍ଲୀରେ ୨୦ ଲକ୍ଷ ଲୋକ ତାଙ୍କର ଆଗମନକୁ ସ୍ୱାଗତ କରିଥିଲେ । ପାଲମ ଏରୋଡ୍ରମଠାରୁ ରାଷ୍ଟ୍ରପତି ଭବନ ପର୍ଯ୍ୟନ୍ତ ୧୩ ମାଇଲ ରାସ୍ତା ଆଲୋକମାଳାରେ ସୁସଜ୍ଜିତ ହୋଇ ଏକ ସ୍ୱପ୍ନପୁରୀ ସୃଷ୍ଟି କରିଥିଲା । ଆଇଜେନହାୱାରଙ୍କ ଭାରତକୁ ଆସିବା ଏହା ପ୍ରଥମ । ଚୀନ ଭାରତ ସୀମା ବିବାଦ ପରେ ପରେ ଆଇଜେନହାୱାରଙ୍କ ଭାରତ ଭ୍ରମଣ କେତେକଙ୍କ ଦୃଷ୍ଟିକଟୁ ହେଲେ ମଧ୍ୟ ଦିଲ୍ଲୀର ମୁକ୍ତ ବାୟୁମଣ୍ଡଳରେ ତାଙ୍କର ସଦିଚ୍ଛାର ସନ୍ଦେଶ ଓ ଆମେରିକା ବାସୀଙ୍କ ଆନ୍ତରିକ ଶୁଭେଚ୍ଛା ପ୍ରତି ଭାରତୀୟ ଜନତାର ମନ ସ୍ୱତଃପ୍ରବୃତ୍ତ ଆକୃଷ୍ଟ ହୋଇଥିଲା । ଆମେରିକା

ପରି ଭାରତ ଏକ ଗଣତାନ୍ତ୍ରିକ ଦେଶ, ଆମେରିକା ଓ ଭାରତର ସହଯୋଗରେ ପୃଥିବୀରେ ମାନବିକତାର ପ୍ରତିଷ୍ଠା ସେ କାମନା କରିଥିଲେ ।

ବିଶ୍ୱ କୃଷିମେଳା ଉତ୍ସବରେ ଯୋଗଦାନ କରି ପୃଥିବୀର ପ୍ରଧାନ ଶତ୍ରୁ କ୍ଷୁଧା ବିରୁଦ୍ଧରେ ସଂଗ୍ରାମ କରିବାକୁ ମଣିଷ ସମାଜକୁ ଆହ୍ୱାନ ଜଣାଇ ସେ କହିଥିଲେ, ପୃଥିବୀରେ ବମ୍‌ଠାରୁ ମଧ୍ୟ ଅଧିକ ଶକ୍ତିଶାଳୀ ହେଉଛି—ଖାଦ୍ୟ ପରିବାର, ମୈତ୍ରୀ ଓ ସ୍ୱାଧୀନତା । ଏହି ଚାରୋଟି ଶକ୍ତିର ପ୍ରାପ୍ତି ପାଇଁ ମଣିଷର ଅହରହ ଉଦ୍ୟମ ହେବା ଦରକାର ।

—o—

## ଅପୂର୍ବ ତଥ୍ୟ

ମାଲଥାସ କହିଥିଲେ ଯେ ପୃଥିବୀରେ ମଣିଷର ସଂଖ୍ୟା ବଢ଼ୁଛି ଜ୍ୟାମିତିକ ହାରରେ, ଆଉ ସେମାନଙ୍କ ଖାଦ୍ୟ ପରିମାଣ ବଢ଼ୁଛି ପାଟିଗଣିତ ହାରରେ । ଅର୍ଥାତ୍ ମଣିଷ ବଢ଼ୁଛି 'ତିନି ଦୁଣେ ଛ, ଛ' ଦୁଣେ ବାର' ହିସାବରେ, ଆଉ ଖାଦ୍ୟ ବଢ଼ୁଛି 'ତିନି ଦୁଇ ପାଞ୍ଚ, ପାଞ୍ଚ ଦୁଇ ସାତ' ହିସାବରେ । ଅତଏବ ହେ ମନୁଷ୍ୟଜାତି ! ଯେତେ ଶୀଘ୍ର ପାର ବଂଶବୃଦ୍ଧି କମାଅ । ନଇଲେ ଅନ୍ନ ବିନା ମରିବ, ରୁଟି ପାଇଁ ହଣାହଣି ହେବ । କିନ୍ତୁ ମାଲ୍‌ଥାସଙ୍କ ଦୁର୍ଭାଗ୍ୟ ଯେ ତାଙ୍କ ଭବିଷ୍ୟତ ବାଣୀ ଫଳପ୍ରଦ ହେଲନି । ଶିଳ୍ପ-ବିପ୍ଳବ ଯୋଗୁ ତାଙ୍କର ହିସାବ ସବୁ ଗୋଳମାଳ ହୋଇଗଲା । ଏବେ ମାଲଥାସଙ୍କ ଗୋଟିଏ ନୂତନ ଦଳ ଚିତ୍କାର କରୁଛନ୍ତି—ବଂଶବୃଦ୍ଧି ନ ରୋକିଲେ ଅଦୂର ଭବିଷ୍ୟତରେ ଅନ୍ନସଙ୍କଟ ସୁନିଶ୍ଚିତ । କିନ୍ତୁ ଏଇ ଦଳଟି ପୃଥିବୀର ଲୋକସଂଖ୍ୟା ଓ ଖାଦ୍ୟ ଉତ୍ପାଦନ ସଂପର୍କୀୟ ମାର୍କିନପରାଷ୍ଟ୍ର ବିଭାଗର ଗବେଷଣାଲବ୍ଧ ତଥ୍ୟ ଦେଖିଲେ ଆପେ ଆପେ ଜବାବ୍ ହୋଇଯିବେ—ଉକ୍ତ ଗବେଷଣାରେ ପ୍ରକାଶ ପାଇଛି—ପୃଥିବୀର ଖାଦ୍ୟ ଉତ୍ପାଦନ ଏପରିକି ଅନୁନ୍ନତ ଅଞ୍ଚଳରେ ମଧ୍ୟ, ଲୋକସଂଖ୍ୟା ଅପେକ୍ଷା ଖୁବ୍ ବୃଦ୍ଧି ପାଉଛି, ଲୋକସଂଖ୍ୟା ବୃଦ୍ଧିର ବାର୍ଷିକ ଶତକଡ଼ା ହାର ୧.୭ ହେଲେ ଖାଦ୍ୟର ଉତ୍ପାଦନ ବୃଦ୍ଧି ବାର୍ଷିକ ଶତକଡ଼ା ୩ ହାରରେ ହେଉଛି । ଆସନ୍ତା ୧୭ବର୍ଷ ଭିତରେ ପୃଥିବୀରେ ଖାଦ୍ୟ ସମସ୍ୟା ମୋଟେ ନଥିବ । ବରଂ ସମସ୍ୟା ହେବ ଖାଦ୍ୟର ଅତିରିକ୍ତ ଉତ୍ପାଦନ । ବିଶେଷତଃ ଗହମ ଓ ଧାନର ଅତ୍ୟଧିକ ଫସଲ ।

———

('ନ୍ୟୁୟର୍କ ଟାଇମସ'ରୁ)

## ସଂକ୍ଷିପ୍ତ ସମାଚାର......

✻ ପୁରୀରେ ୨୭, ୨୮, ୨୯ ତାରିଖ ଡିସେମ୍ବର ୩ ଦିନ ଜାତୀ ନାଟ୍ୟସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି । ନିଖିଳ ଭାରତ କଂଗ୍ରେସ ସଂପାଦିକା ଶ୍ରୀମତୀ ସୁଚେତା କୃପାଲନୀ ସଭାପତିତ୍ୱ କରିଥିଲେ ।

✻ ଗତ ତା ୨୯ ତାରିଖରେ କଳାବିକାଶ କେନ୍ଦ୍ରର ୨ମ ବାର୍ଷିକ ଉତ୍ସବ ମହାଆଡ଼ମ୍ବରରେ ନବନିର୍ମିତ ଭବନରେ ଅନୁଷ୍ଠିତ ହୋଇଥିଲା । କେନ୍ଦ୍ର ସାଂସ୍କୃତିକ ମନ୍ତ୍ରୀ ହୁମାୟୁନ କବିର ଏହା ଉଦ୍‌ଘାଟନ କରିଥିଲେ ।

✻ ପାର୍ଲିମେଣ୍ଟରେ ଘରୋଇ ମନ୍ତ୍ରୀ ଏକ ପ୍ରଶ୍ନର ଉତ୍ତରରେ କହିଛନ୍ତି—ଷଢ଼େଇକଳା-ଖରସୁଆଁ କଥା ସବୁଦିନ ପାଇଁ ନିଷ୍ପତ୍ତି ହୋଇ ଯାଇଛି । ଏଣୁ ପାର୍ଲିମେଣ୍ଟରେ ତାର ପୁନର୍ବିଚାରର ପ୍ରଶ୍ନ ଉଠେନା ।

✻ ନିଖିଳ ଭାରତ ଦର୍ଶନ କଂଗ୍ରେସର ୩୪ଶ ଅଧିବେଶନ ଗତ ୨୫ ତାରିଖରେ କଟକରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭାରତୀୟ ଦାର୍ଶନିକଙ୍କ ଛଡ଼ା ବିଦେଶରୁ କେତେକ ଦାର୍ଶନିକ ମଧ୍ୟ ଯୋଗ ଦେଇଥିଲେ ।

✻ ମାଡ୍ରାସରେ ଭାରତୀୟ ଲେଖକ ସମ୍ମିଳନୀ (ପି.ଇ.ଏନ.) ଅନୁଷ୍ଠିତ ହୋଇ ଯାଇଛି । ଓଡ଼ିଶାରୁ ଗୋପୀନାଥ ମହାନ୍ତି, ଅଧ୍ୟାପକ ଗୌରୀକୁମାର ବ୍ରହ୍ମା, ଗୋପାଳଚନ୍ଦ୍ର ମିଶ୍ର, କାହ୍ନୁଚରଣ ମିଶ୍ର ଓ କୃଷ୍ଣଚରଣ ବେହେରା ଯୋଗ ଦେଇ ବିଭିନ୍ନ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

✻ ଗତ ୨୮ ତାରିଖରେ ସୁଇଡେନର ପ୍ରଧାନମନ୍ତ୍ରୀ ଟାର୍ ଆର୍ଲଣ୍ଡର ସସ୍ତ୍ରୀକ ଓଡ଼ିଶା ପରିଦର୍ଶନରେ ଆସି କୋଣାର୍କ, ଭୁବନେଶ୍ୱରର ସ୍ଥାପତ୍ୟ ଶିଳ୍ପ ଦେଖି ଭୂୟସୀ ପ୍ରଶଂସା କରିବା ସଙ୍ଗେ ସଙ୍ଗେ ପୃଥିବୀର ଅନ୍ୟାନ୍ୟ ଅଞ୍ଚଳ ତୁଳନାରେ ଓଡ଼ିଶାର ସଭ୍ୟତା ଅତି ପ୍ରାଚୀନ ବୋଲି ମତବ୍ୟକ୍ତ କରିଥିଲେ ।

✻ ପୃଥିବୀରେ ସ୍ଥାୟୀ ଶାନ୍ତି ସ୍ଥାପନ ପାଇଁ ପାଶ୍ଚାତ୍ୟ ଗୋଷ୍ଠୀଙ୍କ ଶିଖର ସମ୍ମିଳନୀ ପ୍ରସ୍ତାବକୁ ରୁଷିଆ ଗ୍ରହଣ କରିଛି । ଆସନ୍ତା ମଇ ମାସରେ ଉକ୍ତ ସମ୍ମିଳନୀ ଅନୁଷ୍ଠିତ ହେବ ।

ଯାଉଛି । ଶିଶୁଟିକୁ ଧରି ସେ ତାକୁ ଚଳାଇ ଶିଖାଉଛନ୍ତି । ...
ଏହି ବୟସ୍କ ହାତର ସାହାଯ୍ୟର ପ୍ରୟୋଜନ ହେବ ସେତେ ...
ଯାଏ ସେତେବେଳ ପର୍ଯ୍ୟନ୍ତ ସେ ଜୀବନ ପଥରେ ନିଜ ଗୋଡ଼ରେ
ଚାଲି ନ ପାରୁଛି । ସେ ଜଣେ ବିଚକ୍ଷଣ ପିତା ଯେ ଅଳ୍ପ ପ୍ରିମି-
ୟମରେ ବେଶି ଟଙ୍କାର ଚିଲ୍ଡ୍ରେନ୍ସ ଡେଫର୍ଡ଼ ଏନସ୍ୟୁରେନ୍ସ
ପଲିସି କିଣି ତାଙ୍କ ଅବର୍ତ୍ତମାନରେ ବି ଏହି ସାହାଯ୍ୟ ବ୍ୟବସ୍ଥା
ପକ୍କା କରି ନିଶ୍ଚିନ୍ତ ହୋଇଛନ୍ତି ।



...ଲିସି
...ାତରେ
...ାହାଯ୍ୟ

ବିସ୍ତୃତ ବିବରଣୀ ପାଇ...
ଜଣେ ଜୀବନ ବୀମା
ଏଜେଣ୍ଟଙ୍କ ସହିତ ଯୋଗା-
ଯୋଗ କରନ୍ତୁ ।



ଯେଉଁ ଦିନ ବୀମା କରାଇବେ ସେଦିନଠାରୁ ଆପଣ ନିରାପଦ

# ୧୯୫୯ର କେତୋଟି ଶ୍ରେଷ୍ଠ ଚିତ୍ର

ଏ ବର୍ଷ ଯେତେଗୁଡ଼ିଏ ଚଳଚିତ୍ର ପ୍ରଦର୍ଶିତ ହୋଇଛି, ସେଥିମଧ୍ୟରୁ ଅଧିକାଂଶ ସଫଳତା ପାଇ ପାରିନି । କାଗଜକେ ଫୁଲ, ନବରଙ୍ଗ, ଚାରଦିଲ ଚାର ରାହେଁ, କନ୍ହେୟା, ଅପର ଦେଶ ଆଉ ସ୍ୱର୍ଗ ଗଣ୍ଡିକୁ ଯେପରି ଆଶା କରି ଯାଉଥିଲା, ତା' ହୋଇନି । ବରଂ ସୁଜାତା, ଚରାଗ କାହାଁ ରୋଶନି କହାଁ, ହୀରା ମୋତି ଚିତ୍ର ଗୁଡ଼ିକ କଥାବସ୍ତୁ ଦୃଷ୍ଟିରୁ ଦର୍ଶକଙ୍କ ଦ୍ୱାରା ଆଦୃତ ହୋଇଛି । ସଙ୍ଗୀତ ଦୃଷ୍ଟିରୁ ଅନାଡ଼ି, ଶରାରତ, ଛୋଟି ବହେନ ଓ ଦୋ ଉସ୍ତାଦ ଚିତ୍ର ପ୍ରଶଂସିତ ହେବା ସଙ୍ଗେ ସଙ୍ଗେ ବହୁଳ ସଂଖ୍ୟାରେ ରେକର୍ଡ଼ ମଧ୍ୟ ବିକ୍ରି ହୋଇଛି । କିନ୍ତୁ ବ୍ୟବସାୟ ଦୃଷ୍ଟିରୁ ପୈଗାମ୍, ଦିଲ ଦେକେ ଦେଖୋ, ଛୋଟି ବହେନ, ଅନାଡ଼ି, ସୁଜାତା ଆଦି ଚିତ୍ର ବକ୍ସ ଅଫିସ ହିଟ୍ ହୋଇଛି ।

୧୯୫୯ରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ନାନା ଅସୁବିଧାର ସମ୍ମୁଖୀନ ହୋଇ ଅନେକ ଗୁଡ଼ିଏ ଚିତ୍ର ମୁକ୍ତି ଲାଭ କରି ପାରିଲାନି । ତା' ମଧ୍ୟରେ କେତେକ ଉତ୍କୃଷ୍ଟ ଓ ବ୍ୟୟବହୁଳ ଚିତ୍ର ମଧ୍ୟ ଅଛି ।



'କାନ୍ ହୋପ୍ ଲକ ରୁମ ଲ'ର ଏକ ଦୃଶ୍ୟ

ସେଗୁଡ଼ିକ ହେଉଛନ୍ତି—ମୁଗ୍‌ଲେ ଆଜମ, କୋହିନୁର, ଅପନା ହାତ ...ଥ, ମିନିଷ୍ଟର, ଗାର୍ଲ ଫ୍ରେଣ୍ଡ, କାଞ୍ଚ ବଜାର, ସରହଦ, ବୁଟପୋର୍ଟର, ...ଟର୍ଦ୍ୱାରି, ଦାସୀ, ଗଙ୍ଗା ଯମୁନା, ଲ୍ୟାକ୍, ଜଲ୍ ଦୋଠ, ଜିସ୍ ଦେଶ ମେ ଗଙ୍ଗା ବହତି ହେ, କଲ୍‌ପନା, ନିର୍ମଲା, କରସାଇ କି ଗୁଡ଼, ଏକ ...ହ୍ମନେକେ ବାଦ ଏକ, ରୂପ କି ରାଣୀ ଚୋରୋଂ କା ରାଜା, ସଚେ ମୋତି, ... ମୁରୁ, ଡବଲ୍‌କ୍ରସ୍, ଫିଲ ହାତ, କଟେଞ୍ଜ ପଟ୍ଟି, ଶରାବୀ, ନମାସ୍ତ ...ମୀରେ ବଢ଼ୋ, ଦିଲେ ପରଦେଶ, କାଲେ ଗୋରେ ଓ ଆଉରି ଅନେକ ଚିତ୍ର ୧୯୬୦ ଜାନୁୟାରୀଠାରୁ ଆରମ୍ଭ ହୋଇ ଧୀରେ ଧୀରେ ପ୍ରଦର୍ଶିତ ହେବ ।

## 'ଶ୍ରୀଲୋକନାଥ'

ରୂପରାଗର ଓଡ଼ିଆ କଥାଚିତ୍ର 'ଶ୍ରୀଲୋକନାଥ'ର ଚିତ୍ର ଗ୍ରହଣ କାର୍ଯ୍ୟ ସରି ଯାଇଛି । କାର୍ଯ୍ୟ ଶେଷ ହେବା ସଙ୍ଗେ ସଙ୍ଗେ ତା'ର ଏଡ଼ିଟିଂ କାର୍ଯ୍ୟ କଲିକତାର ପ୍ରଖ୍ୟାତ ଏଡ଼ିଟର୍ ସୁକୁମାର ସେନଗୁପ୍ତ ଶେଷ କରିଛନ୍ତି । ଏଥିରେ କେବଳ ପ୍ରକୃତ ସଂଗୀତ ଯୋଗ କରିବାର କାର୍ଯ୍ୟ ବାକି ଅଛି । ତଥାପି ଯେଉଁ କେତୋଟି ଗୀତ ଦିଆ ଯାଇଛି ତା'ର ଶବ୍ଦ ଗ୍ରହଣ ଖୁବ୍ ସୁନ୍ଦର ହୋଇଛି । ସଂଗୀତ ପରିଚାଳନା କରିଛନ୍ତି ଓଡ଼ିଶାର ପ୍ରିୟ ସଂଗୀତ ଶିଳ୍ପୀ ଶ୍ରୀ ବାଳକୃଷ୍ଣ ଦାସ । ଏଡ଼ିଟିଂ ପରେ ଛବିଟିକୁ ସ୍କ୍ରିନ୍‌ରେ ଦେଖି ସମସ୍ତେ ଏକମତ ଯେ 'ଶ୍ରୀଲୋକନାଥ' କେବଳ ଓଡ଼ିଶାରେ ଶ୍ରେଷ୍ଠ ନୁହେଁ, ବଙ୍ଗଳାର ବହୁ ଚିତ୍ରଠାରୁ ଉଚ୍ଚକୋଟୀର ହୋଇଛି । ପ୍ରତ୍ୟେକ ଅଭିନେତା ଓ ଅଭିନେତ୍ରୀଙ୍କର ଅଭିନୟ ଅତି ସ୍ୱାଭାବିକ ଓ ଚମତ୍କାର ହୋଇଛି । ଅଭିନୟର ଚମତ୍କାରିତା ଓ ... ସଂଗୀତ ସହିତ ରାମାନନ୍ଦ ସେନଗୁପ୍ତଙ୍କର ଅଭୂତପୂର୍ବ ଚିତ୍ର ଗ୍ରହଣ 'ଶ୍ରୀଲୋକନାଥ'କୁ ସର୍ବାଙ୍ଗ ସୁନ୍ଦର କରିଛି ।

ଏହି ଓଡ଼ିଆ ଚିତ୍ରଟିର ମୁକ୍ତିଲାଭ ପାଇଁ ସମସ୍ତେ ଆଗ୍ରହର ସହିତ ଅପେକ୍ଷା କରିଛନ୍ତି ।




## ପ୍ରେମିକାରୁ ସମ୍ରାଜ୍ଞୀ

ଅତୁଳ ସୌନ୍ଦର୍ଯ୍ୟ ଓ ସମ୍ପତ୍ତିର ଅଧିକାରୀ, ୨୫୦୦ ବର୍ଷ ପୁରୁଣା ସିଂହାସନର ଉତ୍ତରାଧିକାରୀ ୪୦ ବର୍ଷୀୟ ଇରାନର ଶାହ ପହଲବି ତୃତୀୟ ଥର ପାଇଁ ଭାଗ୍ୟପରୀକ୍ଷା କରିବାକୁ ପ୍ରୟାସୀ ହୋଇଛନ୍ତି । ଶାହଙ୍କ ପ୍ରଥମ ସ୍ତ୍ରୀ ମିସରର ରାଜକୁମାରୀ ପରେ ଶାହଙ୍କ ପ୍ରେୟସୀ ଓ ଦ୍ୱିତୀୟ ପତ୍ନୀ ରୂପସୀ ସୁରେୟା ଇରାନ୍ ରାଜବଂଶ ପାଇଁ ପୁତ୍ରଦାନ ଦିଗରେ ଅକ୍ଷମ ହେବାରୁ ଶାହ ତାଙ୍କୁ ଛାଡ଼ପତ୍ର ଦେଇ ଗତ ୨୧ ଡିସେମ୍ବରରେ ୨୧ ବର୍ଷୀୟା ଯୁବତୀ ଫରାହ ଦିବାଙ୍କୁ ବିବାହ କରିଛନ୍ତି । ଏ ବିବାହ ଖୁବ୍ ଆଡ଼ମ୍ବର ସହକାରେ ସମ୍ପନ୍ନ ହୋଇଥିଲା ।

କିନ୍ତୁ ଗୋଟିଏ ସାଧାରଣ ସେନାପତି ଝିଅ ସୁନ୍ଦରୀ ଦିବା ଇରାନର ରାଣୀ ହେବା କାହାଣୀ ଖୁବ୍ କୌତୁହଳପ୍ରଦ—

୧୯୫୮ରେ ଯେତେବେଳେ ସମ୍ରାଟ ଶାହ ସୁରେୟାଙ୍କୁ ଛାଡ଼ପତ୍ର ଦେଲେ, ସେତେବେଳେ ପାରିସରେ ସ୍ଥାପତ୍ୟ କଳାର ଛାତ୍ରୀ ଫରାହ ଦିବାଙ୍କୁ ତାର ସହପାଠିମାନେ ହସି ହସି କହୁଥିଲେ—ଏଥର ତୋର ଶାହଙ୍କୁ ବାହାହେଇ ପଡ଼ିବା ଉଚିତ ।

ଦିବା ମଧ୍ୟ ଏ କଥାରେ ହସିଦେଉଥିଲେ—ଅବଶ୍ୟ ସେ ପିଲାଦିନେ ଖେଳ କୁଦରେ କେତେଥର ରାଣୀ ହୋଇଛନ୍ତି, କିନ୍ତୁ ସେ ଯେ ଇରାନର ରାଣୀ ହୋଇପାରେ ଏହା କଣ କେବେ ସେ ସ୍ୱପ୍ନ ଦେଖିପାରେ ? କିନ୍ତୁ ସତକୁ ସତ ଇରାନର ଶାହ ତାକୁ ଯେତେବେଳେ ବିବାହ ପ୍ରସ୍ତାବ ଦେଲେ—ସେ

ଗମ୍ଭୀର ହୋଇ କହୁଥିଲେ—ଭବିଷ୍ୟତ ଉତ୍ତର ଦେବ । କିନ୍ତୁ ମନେ ମନେ ସେ ଏତେ ଖୁସି ହୋଇଥିଲେ ଯେ ଶାହ ତାର ଠେର ବି ପାଇ ନଥିଲେ । ପରେ ଫରା କହିଛନ୍ତି 'ପ୍ରକୃତରେ ରାଣୀ ହବା ମୋର ଉଦ୍ଦେଶ୍ୟ ନହେଁ, ମୁଁ ତାଙ୍କୁ ବିବାହ କରୁଛି, କାରଣ ମୁଁ ତାଙ୍କୁ ଭଲ ପାଏ ।'

ଫରାହ ଦିବା ରାଜକୁମାରୀ ନହେଲେ ମଧ୍ୟ ଯୋଗ୍ୟତାରୂପୀ ବାୟୁଦ୍ୱାରେ ଚାଳିତା ଜଣେ ସ୍ୱାବଲମ୍ବୀ ଖୁସ୍ ମିଜାଜ ଯୁବତୀ ।

ତେହେରାନର ଫ୍ରେଞ୍ଚ ହାଇସ୍କୁଲରେ ସେ ବରାବର ପ୍ରଥମ ସ୍ଥାନ ରଖୁଥିଲେ । ୧୬ ବର୍ଷ ବୟସରେ ଫରା ନିଜ ସହପାଠିନୀଙ୍କ ମଧ୍ୟରେ ଅଗ୍ରଣୀ ହେବା ସଙ୍ଗେ ସଙ୍ଗେ ବାସ୍କେଟ ବଲ ଟିମର କାପ୍ଟେନ ମଧ୍ୟ ଥିଲେ । ସବୁଠୁ ଡେଙ୍ଗା ମଧ୍ୟ ଥିଲେ । ଥରେ ଶାହାଙ୍କ ଜନ୍ମଦିବସ ପରେଡ୍‌ରେ ଝିଅମାନଙ୍କ ନେତୃତ୍ୱ ନେଇ ଶାହଙ୍କୁ ସମ୍ମାନ ପ୍ରଦର୍ଶନ ମଧ୍ୟ କରୁଥିଲେ । ଇରାନର ଭାବୀ ରାଣୀ କଣ ସେତେବେଳେ ଜାଣିଥିଲେ ଶାହା ଦିନେ ତାଙ୍କର ସ୍ୱାମିତ୍ୱ ଗ୍ରହଣ କରିବେ !

ଫରା ଆଉ ଶାହଙ୍କ କେତେକ ଅଭ୍ୟାସ(ହବି)ରେ ମଧ୍ୟ ସମତା ଅଛି; ଯଥା—ଘୋଡ଼ା ଦୌଡ଼, ଶାସ୍ତ୍ରୀୟ ସଙ୍ଗୀତ, ସ୍କିଇଙ୍ଗ୍ । ଶାହ ବିମାନ ଚଳାଇବାକୁ ଭଲ ପାନ୍ତି । ସେ ନିଜର ପ୍ରାଇଭେଟ ବିମାନ ନେଇ ଉଡ଼ାନ୍ତି । ବିବାହ ପରେ ଫରା ମଧ୍ୟ ବିମାନ ଚଳାଇବା ଅଭ୍ୟାସ କରିବେ ବୋଲି ପ୍ରକାଶ କରିଛନ୍ତି ।

ଫରାଙ୍କ ପ୍ରଥମ ଆକାଂକ୍ଷା ହେଉଛି ଇରାନ୍ ରାଜବଂଶର ରକ୍ଷା । 'ମୁଁ ଖୁବ୍ କମରେ ଡଜନଟି ପୁଅ ଚାହେଁ ।' କହି ଯେଉଁ ଉଲ୍ଲାସରେ ଇରାନ୍‌ର ସମ୍ରାଜ୍ଞୀ ପଦ ସେ ଲାଭ କରିଛନ୍ତି । ପୁତ୍ରଦାନ ପାଇଁ ଅକ୍ଷମ ହେଲେ ତାଙ୍କୁ ଯେ ବିନା କାରଣରେ ପରିତ୍ୟକ୍ତ ନହେବ, କିଏ କହିବ ! ସେ ଯାହାହେଉ ରୂପବତୀ ଫରାହ ଦିବାଙ୍କୁ ପତ୍ନୀ ରୂପରେ ସ୍ୱୀକାର କଲାବେଳେ ଶାହା ଖୁବ୍ ପ୍ରଫୁଲ୍ଲ ଜଣା ଯାଉଥିଲେ ।

ଏ ମାଧୁରୀ ଆସିଛି ନୂଆ ବୋହୂ । ଗାଁ ବହୂଙ୍କର
ଝିଅ ମାଧୁରୀ । ମଧୁପୁର ଭଳି ଗାଁରେ ସେ ନିଜକୁ ପୁରାପୁରି ଖାପ୍ ଖୁଆଇ ଚଳାଇ ନେଇ ପାରୁନା । ସବୁ ଦେଖିଲେ ତା'ର ଭିତର ଭୟ ହୁଏ । ବିଲୁଆ ହୋବେଇଲେ ସେ ଘର ଦରଜା ବନ୍ଦ କରିଦିଏ । ପେଚାର ଡାକରେ ନିସ୍ତବ୍ଧ ରାତିରେ ମଧ୍ୟ ତାର ନିଦ ଭାଙ୍ଗିଯାଏ । ଖୁବ୍ ଉଚରେ—ଗାଁର ବୋହୂ-ମାନେ ଏମନ୍ତେ ମାଧୁରୀକୁ ନେଇ ହସାହସି କରନ୍ତି । ମଧୁପୁର ଭଳି ଗାଁକୁ ଆସି କଟକ ସହରର ଲୋକ ମଧ୍ୟ ସତରେ ବୋକା ବନି



# “ତାରାପଦ ମାଷ୍ଟର”

ଯାଆନ୍ତି । ତେବେ ମାଧୁରୀକୁ ଗାଁ ଭଲ ଲାଗେ । ଭଲ ଲାଗେ ତାକୁ ଗାଁର ମାଟି ଓ
ସେ ଚେଷ୍ଟା କରେ ସମସ୍ତଙ୍କୁ ଆପଣାର କରି ନେବାକୁ ।

ବୁଢ଼ୀ ଶାଶୁ ସରଳାବାଳାର ଯତ୍ନ ନେବାକୁ ମାଧୁରୀ କେବେହେଲେ ହେଳା କରେନା । ସେ ମାଧୁରୀକୁ ଏତେ ଭଲ ପାଆନ୍ତି । ପାଇ ଫରମାସ୍ ଭଳି ତାଙ୍କୁ ଭଲ ମନ୍ଦ ରାନ୍ଧ ଖୁଆଏ । ଆଉ କେତେଦିନ ବା ବଞ୍ଚିବେ ? ଏଇ ଭାବେ ମାଧୁରୀ ଶାଶୁର ଅନୁରୋ ଚଳିଯାଏ । ତାଙ୍କର ଛୋଟ ସଂସାରରେ ମାଧୁରୀକୁ ପାଇ ବେଶି ଖୁସି ହୋଇଥନ୍ତି ଶାଶୁ । କେତେ ଅନୁନୟ ବିନୟ ପରେ ତାରାପଦ ବିଭା କରିବାକୁ ରାଜି ହେଲା । ହଠାତ୍ ଏଇ ବିବାହ ନେଇ ମାଆଠାରୁ କେତେ କଥା ଶୁଣିଛି । ମାଧୁରୀ ଆସିବା ପରେ ଆଉ ସକାଳେ ସଞ୍ଜେ ମା'ର ଖବର ନେବାକୁ ହୁଏନାହିଁ ।

ଏମ୍, ଏ, ପାସକରି ଗାଁ ସ୍କୁଲରେ ମାଷ୍ଟର କାମ କରୁଛି ତାରାପଦ । ଭଲ ସୁଯୋଗ ଆ ସେ କାମ ଛାଡ଼ି ସହରକୁ ଯାଇନି । ଗାଁକୁ ସେ ଭଲ ପାଏ । ଏଇ ଗାଁର ପିଲାଏ ଓ ତାର ଆପଣାର । ଏଇମାନଙ୍କୁ ନେଇ ତାରାପଦ ଦିନ କାଟିଛି । ......ମାଧୁରୀ ଆସି ପାଖରେ ଠିଆ ହୋଇଛି—ତାର ସ୍ୱପ୍ନ ହେଉଛି ମଧୁପୁରକୁ ଆଦର୍ଶଗାଁ କରି ଗଢ଼ିବା ।

ଏଇ ଭିତରେ ମାଧୁରୀ ସମସ୍ତଙ୍କର ପ୍ରିୟ ହୋଇ ଉଠିଛି । ପିଲାଙ୍କରେ, ରାନ୍ଧଣାରେ, ପ ମାଧୁରୀର ଖୁବ୍ ନାଁ । ତାକୁ ଅନାଡ଼ି ଭାବିଲେ ମଧ୍ୟ ଗାଁର ବୋହୂମାନେ ଆସି ମାଧୁରୀ ପ ଭୁଣ୍ଡ ହୁଅନ୍ତି । ବୁଢ଼ୀମାନେ ଆସିଲେ ସରଳା ଦେଖି ବୋହୂର ଖୁବ୍ ପ୍ରଶଂସା କ ଏହାଦ୍ୱାରା ସବୁ ଶାଶୁମାନେ ଗ୍ରହାନ୍ତି ଯେ ସେମାନଙ୍କର ବୋହୂ ମାଧୁରୀ ଭଳି କାମ କ

ଗାଁର ବୋହୂମାନଙ୍କୁ ଯତ୍ନ ନେଇ ରାନ୍ଧଣା ଶିଖାଏ ମାଧୁରୀ । ଅବାକ୍ ହୋଇ ଦେ ଦେଖନ୍ତି ମାଧୁରୀର ରାନ୍ଧଣାର ଢଙ୍ଗ । ମାଧୁରୀ ତାର ସବୁ ରାନ୍ଧଣାରେ 'ଡାଲଡା' ବ୍ୟ



[illegible]
ତୋବାଡ଼ ସରୀ 'ହେଲଥ୍ ଗାଇଡ୍' ମଧ୍ୟ ସବୁ 'ଡାଲଡା'
ଟିଣରେ । ସେମାନେ ସମସ୍ତେ ଦେଖିଛନ୍ତି । ଲୋକମାନେ
ଜାଣନ୍ତି 'ଡାଲଡା' ଦେଇ କେବଳ ମିଠାଇ ତିଆରି
ହୁଏ—ସବୁପ୍ରକାର ରାନ୍ଧଣା ଯେ 'ଡାଲଡା'ରେ ହୁଏ
ଏକଥା ସେମାନେ ଭାବି ପାରନ୍ତିନାହିଁ ।

ମାଧୁରିକୁ 'ଡାଲଡା' ଦେଇ ସବୁପ୍ରକାର ରୋଷେଇ କର-
ବାର ଦେଖି ସେମାନଙ୍କୁ ବେଶ ଆଶ୍ଚର୍ଯ୍ୟ ଲାଗେ ।
ସେମାନଙ୍କର କୌତୂହଳ ବଢ଼େ । ତେବେ ମାଧୁରୀକୁ
ପଚାରିବାକୁ ସେମାନେ ଲଜ୍ଜ୍ୟା ବୋଧ କରନ୍ତି । ଶେଷେ
ଲଜ୍ଜ୍ୟା ନକରି ବେନୁ ମା' ପଚାରିଲା । ମାଧୁରି ବନ୍ଦୁ
ତା'ର କଥାରେ ହସିଲା । ବୁଝାଇ କହେ ତାକୁ
'ଡାଲଡା'ର କାହାଣୀ । ବେନୁ ମା ପାଏ ତା'ର ପ୍ରଶ୍ନର
ଉତ୍ତର କେଉଁଥିପାଇଁ ମାଧୁରି ସବୁ ରାନ୍ଧଣାରେ 'ଡାଲଡା'
ବ୍ୟବହାର କରେ ।

"ଖାଣ୍ଟି ଉଦ୍ଭିଦ ତେଲରୁ 'ଡାଲଡା' ତିଆରି । ଅଉ
...ଡାଲଡା'ରେ ୭୦୦ ଇଣ୍ଟର ନ୍ୟାସନାଲ ୟୁନିଟ୍ ଭିଟାମିନ୍ 'ଏ' ଏବଂ
...ଟ ଭିଟାମିନ 'ଡି' ଯୋଗ କରାଯାଏ—ଆମମାନଙ୍କ ଶରୀର ରକ୍ଷା କରିବାର ଅ...
...ଜମାନ୍ତୁ ହୁଇଟି ଉପାଦାନ । କେବଳ ମାତ୍ର ବିଶେଷ ରାନ୍ଧଣାରେ 'ଡାଲଡା' ବ୍ୟବହାର
। । 'ଡାଲଡା' ଦେଇ ଆମେ ସବୁପ୍ରକାର ରାନ୍ଧଣା କରିପାରୁ—'ଡାଲଡା' ସବୁବେଳେ
...ଟିଣରେ ମିଳେ ବୋଲି ଧୂଳି ଓ ମଇଳା ପଡ଼ିବାର କୌଣସି ଭୟ ନାହିଁ ।
...' ଚିହ୍ନିବାର ସହଜ ଉପାୟ ହେଲା ପିଲବାଲା ଟିଣ ଉପରେ ଖଜୁରି ଗଛର ଛବି ।"
... ତା'ର 'ଡାଲଡା'ର ବିଶ୍ଳେଷଣ ପର୍ବ ଶେଷ କରେ—ଗାଁର ଲୋକମାନେ
... ଫେରନ୍ତି ।

...ଦିନ ପରର କଥା । ବାହାରେ ହରିଆ ଦୋକାନୀର ଗଳା ଶୁଣି ମାଧୁରି ଦରଜା ପାଖକୁ...
... ଦେଖେ ହରିଆ ଦୋକାନୀ ହାତରେ 'ଡାଲଡା'ର ଗୋଟିଏ ପ୍ୟାକେଟ ଟିଣ । ...
... ହରିଆ କହିଛୁ । ସତ୍ୟତା ଜାଣିବା ପାଇଁ ମାଷ୍ଟରଙ୍କ ପାଖକୁ ଆସିଛି ।
... କେଉଁଥିପାଇଁ ? ନିଶ୍ଚୟ ଏସବୁ ବେନୁ ମା'ର ପରାମର୍ଶ । ତାହାହେଲେ ହରିଆ
...ଡା' କଣିବା ପାଇଁ ଯିବ କାହିଁକି ? ସ୍ୱାମୀ ଡାକୁରେ ଡାକୁ ପଡ଼ିବାରୁ ମାଧୁରି
...କୁ ଖୋଲିଗଲା । ଭିତରୁ କାନପାତି ଶୁଣିଲା ସ୍ୱାମୀର କଥା । "ଏକାବେଳେ ଖାଣ୍ଟି
... 'ଡାଲଡା' । ସେଥିରେ ଆଉ କହିବାର କଣ ଅଛି—ବ୍ୟବହାର କରିବେ ...
...ବ......" ହସି ହସି ମାଧୁରି କାମରେ ଲାଗିଯାଏ ।

[illegible]

# ଭାରତୀୟ କ୍ରିକେଟ୍ ଦଳର ଅଭୂତପୂର୍ବ ବିଜୟ

କାନପୁର ଗ୍ରୀନ ପାର୍କରେ ଅନୁଷ୍ଠିତ ଭାରତୀୟ କ୍ରିକେଟ ଦଳର ବିଜୟ ସାରା ଖେଳ ଜଗତରେ ଏକ ବିସ୍ମୟ ସୃଷ୍ଟି କରିଛି । ଅଷ୍ଟ୍ରେଲିଅ କ୍ରିକେଟ୍ ଖେଳରେ ପୃଥିବୀରେ ଅପରାଜେୟ ଥିଲେହେଁ ଡିସେମ୍ବର ୨୪ ତାରିଖରେ ଉକ୍ତ ଦଳ ୨ୟ ଟେଷ୍ଟ ମ୍ୟାଚ୍ ଖେଳରେ ୧୧୯ ରନରେ ଭାରତ ଠାରୁ ପ୍ରରାସ୍ତ ହୋଇଛି ।

ଅଷ୍ଟ୍ରେଲିଆର ବିଚକ୍ଷଣ ଖେଳାଳୀମାନେ ମଧ୍ୟ ଭାରତର ଏ ପ୍ରକାର ବିଜୟକୁ ସ୍ୱାଗତ ଜଣାଇ କ୍ରୀଡ଼ା ଜଗତରେ ଭାରତରେ ଏହା ସହାୟକ ବୋଲି ମତବ୍ୟକ୍ତ କରିଛନ୍ତି । ଏ ଖେଳରେ ଉମ୍ରିଗର ଓ ପଟେଲଙ୍କ କୃତିତ୍ୱ ବିଶେଷ ଭାବରେ ଉଲ୍ଲେଖ ଯୋଗ୍ୟ । ଏ ଦଳର ନେତୃତ୍ୱ ନେଇଥିଲେ ସାହସୀ ଅଲ ରାଉଣ୍ଡର ରାମଚନ୍ଦ୍ର । ୧୯୫୬ରେ ଅଷ୍ଟ୍ରେଲିଆ ବିରୁଦ୍ଧରେ ଖେଳି ରାମଚନ୍ଦ୍ର ଶତକ ପ୍ରତିଷ୍ଠା କରିଥିଲେ ଏବଂ ଏ ଏକମାତ୍ର ଖେଳାଳୀ ଯିଏକି ଇଂଲଣ୍ଡ ବିରୁଦ୍ଧରେ ମଧ୍ୟ ଖେଳିଛନ୍ତି । ପୁରା ଟିମ୍ଟି ହେଉଛି—ରାମଚନ୍ଦ୍ର (କାପ୍ଟେନ୍) ପଙ୍କଜ ରାୟ, ନରିକଣ୍ଟ୍ରାକର, ଅବ୍ବାସଅଲି ବେଗ, ଉମ୍ରିଗର, ଚନ୍ଦୁ ବୋର୍ଡେ, ନାଡ଼କର୍ଣ୍ଣି, ଯୋଶି, (ଉଇକେଟ୍ କିପର) ସୁରେନ୍ଦ୍ର ନାଥ, ରମାକାନ୍ତ ଦେଶାଇ, ମୁଦ୍ଦିୟା ।

ପ୍ରଥମେ ନିର୍ବାଚନ ସମିତି କାପଟେନ ଭାବରେ ଗାଏକୋଵାଡ଼ଙ୍କୁ ନିର୍ବାଚନ କରିଥିଲେ, କିନ୍ତୁ ସେ ପୁନା ଖେଳରେ ଆହତ ହୋଇ ଥିବାରୁ ଅକ୍ଷମତା ପ୍ରକାଶ କରିଥିଲେ । ରାମଚନ୍ଦ୍ର କାପଟେନ ହେବା ଫଳରେ ଖେଳାଳୀ ତଥା କ୍ରିକେଟ୍ ପ୍ରେମୀଙ୍କ ମହଲରେ ଉଲ୍ଲାସ ସୃଷ୍ଟି ହୋଇଥିଲା, କାରଣ ଅଦମ୍ୟ ସାହସ ଓ ଉତ୍ସାହ ପାଇଁ ସେ ବିଖ୍ୟାତ ।

## ଓଡ଼ିଆ ବାଳକ ବାଳିକାଙ୍କ କୃତିତ୍ୱ

ବମ୍ବେରେ ଅନୁଷ୍ଠିତ ହୋଇଥିବା ନିଖିଳ ଭାରତ କ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଶାର ଆନରବସନ୍ ବାଳିକାଙ୍କ ଶଟପୁଟ୍ ପ୍ରତି-ଯୋଗିତାରେ ୨୭ଫୁଟ ପାଞ୍ଚ ଇଞ୍ଚିକୁ ଗୋଳା ଫୋପାଡ଼ି ନୂତନ ଭାରତୀୟ ରେକର୍ଡ଼ ସୃଷ୍ଟି କରିଛନ୍ତି ।

ଓଡ଼ିଶାର ବାଳକ ଭଲିବଲ ଦଳ ଦିଲ୍ଲୀ ଓ ମହୀଶୂରକୁ ଏବଂ ବାଳିକା ଭଲିବଲ ଦଳ ହିମାଚଳ ପ୍ରଦେଶକୁ ପରାସ୍ତ କରି କୃତିତ୍ୱ ଅର୍ଜନ କରିଛନ୍ତି ।

ଜୀବନରେ ଭଲ ପାଇ ହୁଏ ଥରେ, ତାର ପରିଣତି ଆଗରୁ କଳନା
କରି ହୁଏନି······କି ଭଲ ପାଇବା ପରେ ପଛକୁ
ଫେରି ହୁଏନା······

# ସୁଜାତାର ସ୍ୱପ୍ନ



ଭାଗିରଥୀ ନେପାକ, ବି. ଏ. (ଅନର୍ସ)

ଜନସାହିତ୍ୟ ପ୍ରକାଶନ

## ଜନ-ସାହିତ୍ୟ ଗ୍ରାହକ ମାନଙ୍କ ଜାଣିବା ପାଇ

୧। 'ଜନ-ସାହିତ୍ୟ'ର ବାର୍ଷିକ ମୂଲ୍ୟ ଟ ୬୲, ଖୁଚୁରା ଟ ୦ ଖଣ୍ଡେ ଟ୦୵୲ । ରେଜେଷ୍ଟ୍ରି ଡାକରେ ଅଧିକା ବାର୍ଷିକ ୬୲ ଅଗ୍ରୀମ ଦେୟ ।

୨। ଜନ-ସାହିତ୍ୟ ପ୍ରତି ମାସ ପ୍ରଥମ ସପ୍ତାହରେ ପ୍ରକାଶ ପାଏ ।

୩। ଗ୍ରାହକମାନଙ୍କ ପାଖକୁ ସାର୍ଟିଫିକେଟ ଅଫ୍ ପୋଷ୍ଟିଂରେ ପଠା ଯାଉଥିବାରୁ ଡାକରେ ହଜିବା କପି ବଦଳରେ ବିନା ଦାମରେ ଅନ୍ୟ କପି ଦିଆଯାଏ ନାହିଁ ।

୪। ଗ୍ରାହକମାନଙ୍କୁ ବିଶେଷ ସଂଖ୍ୟା ପାଇଁ ଅଧିକା ଦେବାକୁ ହୁଏନା ।

## ଏଜେଣ୍ଟମାନଙ୍କ ଜାଣିବା ପାଇଁ

୧। ଏଜେଣ୍ଟମାନେ ଅନ୍ୟୂନ ୧୦ ଖଣ୍ଡ କପି ନେବେ ।

୨। ଦଶଖଣ୍ଡ ବା ସେଥିରୁ କମ କପି ନେବା ଏଜେଣ୍ଟ ଖଣ୍ଡ ପିଛା ଟ୦୵୬ କମିଶନ ପାଇବେ । ଦଶ ଖଣ୍ଡରୁ ଉର୍ଦ୍ଧ୍ୱ କପି ନେବା ଏଜେଣ୍ଟ ଶତକଡ଼ା ୨୫ କମିଶନ ପାଇବେ ।

୩। ପ୍ରତି ଖଣ୍ଡ ପିଛା ଟ୦୵୲ ଜମା ଦେଲେ ପରେହିଁ ଏଜେଣ୍ଟ ଶ୍ରେଣୀଭୁକ୍ତ ହୋଇ ପାରିବେ ।

୪। ପ୍ରତି ମାସର ବିକ୍ରୟ ଟଙ୍କା କମିଶନ ବାଦ ଉକ୍ତ ମାସର ୨୫ ତାରିଖ ସୁଦ୍ଧା ନ ପାଇଲେ ପରବର୍ତ୍ତୀ ସଂଖ୍ୟା ପଠାଯିବ ନାହିଁ ।

## ଲେଖକମାନଙ୍କ ଜାଣିବା ପାଇଁ

୧। ଜନ-ସାହିତ୍ୟରେ ରାଜନୈତିକ, ସାମାଜିକ, ଐତିହାସିକ ଓ ରହସ୍ୟମୂଳକ ଉପନ୍ୟାସ ପ୍ରକାଶ ପାଏ ଏହାଛଡ଼ା ଉତ୍କୃଷ୍ଟ ଅନୁବାଦ ସାହିତ୍ୟ ମଧ୍ୟ ପ୍ରକାଶ ପାଏ ।

୨। ଜନ-ସାହିତ୍ୟରେ ପ୍ରକାଶ ପାଇଁ ଯେଉଁ ଲେଖକମାନେ ଲେଖା ପଠାଇବେ, ସେଗୁଡ଼ିକ ପେପର ୧୦୦ ପୃଷ୍ଠା ଭିତରେ ହୁଏ, ସେଥିପ୍ରତି ଦୃଷ୍ଟି ଦେବେ । ନୂତନ ଲେଖକମାନଙ୍କ ଲେଖା ଗ୍ରହଣ କରାଯାଏ ଏବଂ ମନୋନୀତ ହେଲେ ପ୍ରକାଶ କରାଯାଏ ।

ନଂ 0/328
ତା 17. 1. ୮୦

ମଧୁର ସନ୍ଧ୍ୟାର ମହୋତ୍ସବ ।

ଶ୍ରାନ୍ତ ସୂର୍ଯ୍ୟ ବଳୟ ଦେହକୁ ଖସି ଖସି ଯାଉଥାଏ । ଚଳିବାଉଦ ଶାଟି ଂଗରେ ସଜାଇଥାଏ ନିଜକୁ । ମହାନଗରୀ କଟକ ଆସନ୍ନ ସନ୍ଧ୍ୟାକୁ ଭେଚ୍ଛା ଜଣାଇବା ସକାଶେ ପ୍ରସ୍ତୁତ ହେଉଥାଏ ।

ଭୂପୃଷ୍ଠ ନିପତିତ ସୁନେଲି କିରଣ ଅଜୟର ଆଖିରେ ସ୍ୱପ୍ନ ବୁଣୁଥିଲା । ଳ ଗୋଧୂଳିର ଲୋଭନୀୟ ମାଧୁର୍ଯ୍ୟକୁ ସେ ଆକଣ୍ଠ ପାନକଲା । ମନ ଭିତରେ ଯା ଲୁଚକାଳି ଖେଳୁଛି । ସର୍ବାଙ୍ଗରେ ଗୋଟିଏ ମନମତାଣିଆ ମୂର୍ଚ୍ଛନାର ସ୍ପର୍ଶ । ର ସଞ୍ଚାର ହେଉଛି । ସେ ହସରେ ତାଳ ପକାଇ ହସି ଉଠୁଛି ଅ ଜୟର ମନ ଆଉ ପ୍ରାଣ । ନା, ସେ ଚେଷ୍ଟା କରିବ, ଏହି ସ୍ୱପ୍ନିଳ ଗୋଧୂଳୀର ସ୍ନିଗ୍ଧ ପରିବେଶକୁ କରଗତ କରିବା ପାଇଁ । ସୁନ୍ଦର ଭାଷା ମାଧ୍ୟମରେ ଥିବାର ସମୃଦ୍ଧ ସୌନ୍ଦର୍ଯ୍ୟକୁ ବ୍ୟକ୍ତିଗତ କରି ରଖିବ ।

ଅଜୟର ମନଭିତରେ ଗୋଟିଏ ଉତଳା ଭାବନାର ଜୁଆର ଖେଳିଗଲା । ଖିରେ ତା'ର ଅସ୍ତଗାମୀ ସୂର୍ଯ୍ୟର ସହସ୍ର ରୂପ ଚକାଭଉଁରୀ ଖେଳିଲେ । ଥର ଧରଣୀର ଲୋଭନୀୟ ଛବିରେ ସେ ପ୍ରାଣ ପ୍ରାଚୁର୍ଯ୍ୟର ସନ୍ଧାନ ଇଲା ।

ଅଜୟ କଲମ ମୂନ ଉପରେ ଦୃଷ୍ଟି ନିବଦ୍ଧ କରି ଭାଷା ଖୋଜୁଥିଲା । ଷା ସରଳ ଅଥଚ ଛନ୍ଦମୟ ହୋଇଥିବ । ପ୍ରକୃତିର ଉଚ୍ଛଳା ରୂପଶ୍ରୀକୁ କାଶ କରିବାକୁ ସକ୍ଷମ ହୋଇଥିବ, ଆଉ ସେ ଲେଖିବ ମାତ୍ର ଗୋଟିଏ ଗୀତ—ସେ ସଂଗୀତ ସୌନ୍ଦର୍ଯ୍ୟର, ମାଧୁର୍ଯ୍ୟର......

ଧୀରେ କବାଟରେ କାର କରାଘାତ ଶୁଣାଗଲା । ଠକ୍ ଠକ୍ ଶବ୍ଦ ସହିତ ଝୁଣୁଝୁଣୁ ଆବାଜ । ଅଜୟ କାନ ଡେରି ଶୁଣିଲା । ମୁହଁରେ ତା'ର ଆଶ୍ଚର୍ଯ୍ୟ ଭାବ । କରାଘାତ କେଉଁ ନାରୀର ହାତର !

ମନ ଭିତରେ ଦ୍ୱନ୍ଦ୍ୱଭରି ପଚାରିଲା, 'କିଏସେ ?'

'ମୁଁ ଅଜୟ ବାବୁ, କବାଟ ଖୋଲନ୍ତୁ ।'

ପରିଚିତ କଣ୍ଠସ୍ୱର, କିନ୍ତୁ କିଏ ? ଅଜୟ ଦୋ' ଦୋ' ପାଇଁହୋଇ କବାଟ ଖୋଲିଲା ।

'ନମସ୍କାର' ସୁଜାତା ହାତ ଯୋଡ଼ି ଛିଡ଼ା ହେଲା କବାଟ ପାଖରେ

ଅଜୟ ପ୍ରତି ନମସ୍କାର ଜଣାଇଲା ସହକର୍ମୀ ସୁଜାତାକୁ । ଚୌକି ପାଖରୁ ଭଙ୍ଗା ଚୁଲି ଖଣ୍ଡିକ ଟାଣି ଆଣି ସୁଜାତାକୁ ଚୌକି ଉପରେ ବସିବାକୁ ଅନୁରୋଧ କଲା ।

ସୁଜାତା ଚୌକି ଉପରେ ବସିଲା । ବିବ୍ରତ ଆଖିରେ ତା'ର ବିକଳ ଚାହାଣି । ମୁହଁ ଯୋଡ଼ାକରେ ଉତ୍କଣ୍ଠାର ସ୍ପର୍ଶ । ସୁଜାତା ଯେପରି ଗଭୀର ଚିନ୍ତାରେ ବୁଡ଼ି ରହିଥାଏ । କିଛି ନ କହି ନିର୍ବାକ ହୋଇ ବସିଲା ସେ ।

ଅଜୟ ଏହି ସୁନ୍ଦରୀ ସୁଜାତାକୁ ତୀକ୍ଷ୍ଣ ଆଖିରେ ନିରୀକ୍ଷଣ କରୁଁ କରୁଁ ତା'ର ମନର ଭାବନାକୁ ବୁଝିବାକୁ ଚେଷ୍ଟା କରୁଥିଲା । ସୁଜାତା ବୋଧହୁଏ କୌଣସି ଗୁରୁତର ବିଷୟରେ ଚିନ୍ତା କରୁଛି । ହୁଏତ ପରିଣତି ସମ୍ବନ୍ଧରେ ସନ୍ଦିହାନ ହୋଇ ସମାଧାନର ପନ୍ଥା ଖୋଜୁଛି । ମୁହଁ ଉପରେ ସେହି ଚିନ୍ତାର ରଙ୍ଗ ବୋଳି ହେଉଛି । ଓଠ ଆଉ ଚିବୁକ ଥରିଉଠୁଛି । ପରିଚ୍ଛଦ ଅତି ସାଧାରଣ । ଗୋଲାପୀ ରଙ୍ଗର ବ୍ଲାଉଜ୍ ଉପରେ ବାଦାମୀ ରଙ୍ଗର ସାଧାରଣ ଶାଢ଼ୀଟିଏ ଅତି ଖାପଛଡ଼ା ଦେଖା ଯାଉଛି । କୁସୁମିତ ଲମ୍ବା କଳା ତେଲିଙ୍ଗୀ ବେଣୀ ପରିବର୍ତ୍ତେ ଗୋଟିଏ ଅତି ମାମୁଲି ବଙ୍ଗୀୟ ଜୁଡ଼ା ବେକ ଉପରେ ଝୁଲୁଛି । ସୁଜାତାର ବେଶବାସରେ ମଧ୍ୟ ନିଃସହାୟତା ଫୁଟି ଉଠିଛି ।

ସୁନ୍ଦରୀ ସୁଜାତାର ବିପନ୍ନତା ଦେଖି ଅଜୟ ଦୁଃଖିତ ହେଲା । ତା ଦୁଃଖରେ ସମବେଦନା ଜଣାଇ ସାହାଯ୍ୟ କରିବାକୁ ଦୃଢ଼ ପ୍ରତିଜ୍ଞ ହୋଇ ପଚାରିଲା—ଅନେକ ଦିନ ପରେ ଆସିଲ ସୁଜାତା । କ'ଣ କିଛି କାମ ଥିଲା ?

ସୁଜାତାର ଭାବନା ବାଧାପ୍ରାପ୍ତ ହେଲା । ଅର୍ଦ୍ଧ ନିଦ୍ରାରୁ ଉଠିଲା ଭଳି ଜଡ଼ିତ ଗଳାରେ ପଚାରିଲା—କ'ଣ ପଚାରିଲେ ଅଜୟ ବାବୁ ?

ଅଜୟ ଛେପ ଢୋକିଲା । ଭାବିଲା ତା'ର ପଚାରିବାରେ କିଛି ଭୁଲ୍ ହୋଇଗଲାକି । ନହେଲେ ଅନ୍ୟମନସ୍କତା ହେତୁ ତା'ର ପ୍ରଶ୍ନ ମୋଟେ ଶୁଣିନା । ହିଁ, ନା ସେମିତି କିଛି ନୁହେଁ ଯେ, ଏଇ ଜମର···ଅଜୟ ଅଟକି ଗଲା ।

ସୁଜାତାର ମନ ଭିତରେ ଚିନ୍ତାର ତରଙ୍ଗ । କେତେ ଭାବନା ଆସି ତା ଉପରେ ପଡି ହୋଇ ଲୁଚିଯାଉଛି । ପୁଣି ଆସୁଛି ଆଉ ଫେରି ଯାଉଛି, ଧା ଆଉ ସଂଶୟର ଲୁଚକାଳି ଖେଳ । କ'ଣ କରୁଛି ମନେ ରହୁନାହିଁ ! ଳକ ସମୟ ପରେ ପୁଣି କ'ଣ ମନକୁ ମନ ଭାବି ଚୌକି ଛାଡ଼ି ଛିଡ଼ା ହେଲା । ଜୟ ତା'ର ଅହେତୁକ କାର୍ଯ୍ୟ କଳାପକୁ ଦୃଷ୍ଟି ରଖିଥାଏ ଆଉ ଚନ୍ଦ୍ରା ଭେଇର ମୁଖମଣ୍ଡଳକୁ ଗୋଟିଏ ଲୟରେ ଅନାଇ ଥାଏ । ସୁଜାତାକୁ ଛିଡ଼ା ହେବାର ଦେଖି ପଚାରିଲା, 'ବସିଲ ନାହିଁ ?'

'ନା' ଯାଉଛି, ଆପଙ୍କୁ ଅକାରଣଟାରେ ବ୍ୟସ୍ତ କଲି । କ୍ଷମା ଦେବେ ।'

'କିନ୍ତୁ କାହିଁକି ଆସିଥିଲ କହିଲ ନାହିଁ ତ ?'

'ମୋର ଆସିବାର ନଥିଲା ଅଜୟବାବୁ ! ଆସି ଭୁଲ୍ କଲି ।'

'ଆସିଛ ଯେତେବେଳେ ଆସିବାର ଉଦ୍ଦେଶ୍ୟ ତ ଜଣାଇବା ରକାର ।'

'ପରେ କହିବି ଅଜୟବାବୁ, ବର୍ତ୍ତମାନ ମୁଁ ବିଶେଷ କ୍ଲାନ୍ତ । ମା ଦେବେ ।'

ସୁଜାତା ଚାଲିଗଲା । କବି ଅଜୟକୁ ବିସ୍ମୟରେ ଅଭିଭୂତ କରି ସୁଜାତା ଲିଗଲା । ଅଜୟ ଆଉ କବିତା ଲେଖି ପାରିଲା ନାହିଁ । ସୁଜାତାକୁ କନ୍ଦ୍ରକରି ମନ ଭିତରେ ଛୋଟି ବଡ଼ ଅନେକ ଗୁଡ଼ିଏ ଭାବନାବୃତ୍ତ ଲଖିଗଲା । ସମ୍ଭବ ଅସମ୍ଭବ ଅନେକ ପ୍ରଶ୍ନ ଆସି ମସ୍ତିଷ୍କକୁ ଭାରକ୍ରାନ୍ତ ଲେ । ଅଜୟ ଭାରସାମ୍ୟ ହରାଇଲା ।

ଆସିଲା ଅଥଚ କିଛି ନ କହି ଫେରିଗଲା—ଅଜୟ ବିଛଣା ଉପରେ ଶୋଇ ଶୋଇ ମନକୁ ମନ ଖାଲି ଭାବି ହେଲା ।

ସୂର୍ଯ୍ୟ ଅସ୍ତ ହୋଇ ଯାଉଥାଏ । ଆକାଶରେ ଅସଂଖ୍ୟ ତାରକାର ରୋଶଣୀ । ଚନ୍ଦ୍ରହୀନ ରାତି ଗମ୍ଭୀର ଆଉ ରହସ୍ୟ ମନେ ହେଉଥିଲା । ସଂସାରର ସମସ୍ତ ଆବର୍ଜନାକୁ ଗର୍ଭ ଭିତରେ ଲୁଚାଇ ଧରିନେଇ ଆସୁଛି ପଞ୍ଚମୀ ରାତି । ମେସ୍‌ର ସମସ୍ତେ ସିନେମା ଚାଲିଯାଇଥିବାରୁ କୋଠରୀ ସାରା ନିଘୁଞ୍ଚିଆ ଲାଗୁଛି । ଏଇ ନିର୍ଜନ, ନିଶୂନ ପରିସ୍ଥିତିରେ ଶୋଇ ଶୋଇ ଭାବିବାକୁ ଭଲ ଲାଗେ । ସ୍ଥିର ଶରୀର ଭିତରେ ଅସ୍ଥିର ଭାବନା ଇତଃସ୍ତତ ହୁଏ । ମନେ ପଡ଼େ ଅତୀତ ଦିବସର ଧାରାଭୁକ୍ତ ଚିତ୍ର ।

ଅଜାଣ୍ତୁ ଶୋଇ ଶୋଇ ଅତୀତ ଆଉ ବର୍ତ୍ତମାନ ଭିତରେ ନିଜର ଅସ୍ତିତ୍ୱକୁ ମିଶାଇ ଘାଣ୍ଟିଚକଟି ହେଉଥିଲା ।

ନାଁ, ଏମିତି ଅମୃତଜାନ୍ତ୍ରିକ ଲୋକଙ୍କ ସଙ୍ଗେ ମିଶିବାକୁ ମୁଁ ମନେ କରେନା । ଏମିତି ଲୋକଙ୍କ ସଙ୍ଗେ ମିଶିବ ଯିଏ ଶୁଣାଇବ, କହିଲେ ଶୁଣିବାକୁ ଆଗ୍ରହୀ ଥିବ । କିଏ ତ କାହାକୁ କଥାରେ କ ଦେଇ ପାରୁ ନାହିଁ କି ନେଇ ପାରୁନାହିଁ ! ଖାଲି ତୋହର ଯୋଗୁ ସିନା ! ନହେଲେ ରାଜୀବବାବୁ କିଏ, ଆଉ ମୁଁ କିଏ ? ବାରୁଣ ଉଦ୍ଦେଶ୍ୟରେ କହିଲା ବୀରେନ୍ଦ୍ର ।

ଦୁନିଆରେ ଜନ୍ମହୋଇ, କାହାରି ସଙ୍ଗେ ନ ମିଶି, କାହାରି କଥା ନ ଶୁଣି, ଗୋଠଛଡ଼ା ଜୀବନ ଯାପନ କରିବା କଣ ଭଲ ?

ମୁଁ ତ ସେକଥା କହୁନି । ଯିଏ ସମାନସ୍କନ୍ଧ ନୁହେଁ ବା ହୋଇ ପାରେନି ତାର ସଙ୍ଗେ ମିଶିବା ଅର୍ଥ ଗୋଲାମୀ ଛଡ଼ା କଣ ହୋଇପାରେ ?

ତୋର ଏଇ ଅଥର୍ବ ଜୀବନ-ଦର୍ଶନର ମୂଲ୍ୟ ନାହିଁ ବୀରେନ୍ଦ୍ର । ଏଇ ଦୁନିଆରେ ଆମେ ଜନ୍ମ ହେଲେ, ଦୁନିଆର ସମଭାଗୀ ନର

ସ୍ତ୍ରୀଙ୍କ ସଙ୍ଗେ ମିଶିବା ନାହିଁ ? ପୁଣି କାହାର ପ୍ରକୃତି କଣ—ତାହ’ ସଙ୍ଗେ ପରିଚିତ ନ ହେଲେ ଜଣାପଡ଼ିବ କିପରି ? ବୀରେନ୍ଦ୍ରର ଭାଷାରେ ଥିଲା ଉତ୍ତେଜନା ।

ମେସ୍ ଭିତରର ହାଲୁକା ବାତାବରଣ ବୀରେନ୍ଦ୍ର ଓ ବରୁଣର ଓଜନିଆ ଆଲୋଚନାରେ ବେଶ୍ ମୁଖର ହୋଇଉଠେ । କଟକ ସହରର ପ୍ରତ୍ୟେକ ସ୍ତରର ବିଷୟବସ୍ତୁ ଏଥିରେ ସ୍ଥାନ ପାଏ । ଦେଶର ଶାସନ ସଙ୍କଟଠାରୁ ଆସନ୍ତାକାଲିର ରାଶିଫଳ ପାଏ, ସିନେମା ସଂସାରର ଅଭିନେତା ଅଭିନେତ୍ରୀଙ୍କ ଠାରୁ ସମରନିରତ ସୈନିକ ସମାଜର ଦାୟିତ୍ୱଜ୍ଞାନ ସମ୍ବନ୍ଧରେ ଗଭୀର ଆଲୋଚନା ଚାଲେ । ବେଳେବେଳେ ସାମାନ୍ୟ କଥା କେଇଟି ତୁମୂଳ ବାକ୍‌ବିତଣ୍ଡାର ପ୍ରଧାନ କାରଣ ହୋଇଉଠେ । ଅଜୟ ଆସି ଦୁହିଁଙ୍କ ମଝିରେ ଛିଡ଼ାହୋଇ କଳି ଭାଙ୍ଗେ । ଅଜୟର ମୀମାଂସାହିଁ ଚରମ ମୀମାଂସା । ଭୁଲହେଉ, ଭଲ ହେଉ, ଦୁହେଁଯାକ ମାନି ଯାଆନ୍ତି । କାରଣ ଚତୁର୍ଥ ପୁରୁଷ ଆଉ କେହି ନାହିଁ । ରାଜୀବବାବୁଙ୍କର ଆଲୋଚନାଟି ଦୁଇଟି ବିପରୀତଗାମୀ ନଈସୁଅର ଧାରଭଳି ଗତି କରୁଥିଲା ।

କିଛି କ୍ଷଣ ସେମାନେ ସେହି ମଇଳିଆ ଅନ୍ଧାର ଭିତରେ ବୁଲି ରହିଲେ । ପୂଜାରୀ ଏପର୍ଯ୍ୟନ୍ତ ଫେରିନାହିଁ । ଫେରିବ କେତେବେଳେ ସେ ନିଜେ କେବଳ ଜାଣେ । ବୀରେନ୍ଦ୍ର ଇତ୍ୟବସରରେ ଅଣ୍ଡାଳି ହେଉଥିଲା ଅନ୍ଧାର ଭିତରେ । ଅତି କଷ୍ଟରେ ଲଣ୍ଠନ ଆଣି ବରୁଣ ପାଖରୁ ଦିଆସିଲି ମାଗି ଧରାଇଲା । ଅନ୍ଧାରର ମୃତ୍ୟୁ ହୋଇ ହସି ଉଠିଲା ଆଲୁଅ ।

ଆରେ ଅଜୟ ଯେ···ଏତେବେଳେ ଶୋଇଛି ? ଗୌରୀଶଙ୍କର ପାର୍କ ଦେଖି କାନ୍ଦୁଥିବ । ବରୁଣ ଅଜୟ ମୁହଁକୁ ନିଠାଇ ନିଠାଇ ଚାହିଁଲା ।

କଣ ଶୋଇ ଯାଇଛି ବୋଧହୁଏ । କିନ୍ତୁ ଅବେଳରେ କେବେ ଶୁଏ ନାହିଁ ତ ! ଦେହ ଅସ୍ୱସ୍ଥ ନା କଅଣ ? ବୀରେନ୍ଦ୍ରର ଭାଷାରେ ଥିଲା ବ୍ୟସ୍ତତା ।

ଦେହ ଅସ୍ୱସ୍ଥ ହେବ ଏ ମେସ୍‌ରେ ? ବଗଡ଼ା ଚାଉଳର ମୁଲାୟମ ଭାତ, ଗୋଡ଼ମିଶା ଡାଲିର ଅପୂର୍ବ ସ୍ୱାଦ ଯେଉଁ ଶରୀରକୁ ପୁଷ୍ଟ କରୁଛି—ସେହି ଶରୀରଯେ ଏକାବେଳକେ ନିଦା ପଥର, ‘ଅଲ୍‌ପ୍ରୁଫ୍’ ମାନେ କାଶ, ସର୍ଦ୍ଦି,

ଜ୍ୱର କିଛି ହେଲେ ପ୍ରବେଶକରି ପାରିବ ନାହିଁ । କଟିକର ଭୟଙ୍କର ଇନ୍‌ଫ୍ଳୁଏଞ୍ଜା ଏହି ମେସ ମାଡ଼ିବାକୁ ଡରିଗଲା ପରି ! ! ବୋଧହୁଏ ଶୋଇ ଶୋଇ ପ୍ଲଟ୍ ଖୋଜୁଥିବ । କାହିଁ ଦେଖେଁ···ବରୁଣ ବଙ୍କେଇ ବଙ୍କେଇ ହସୁଥିଲା ।

ନା ସେ ଶୋଇଥା'ନ୍ତି, ଖାଇଲାବେଳକୁ ଉଠିବା—ବୀରେନ୍ଦ୍ର କହିଲା ।

ଆଚ୍ଛା ଶୋଇଥା'ନ୍ତୁ ବିଚରା, ବୋଧହୁଏ ସ୍ୱପ୍ନ ଦେଖୁଥିବ ଶୋଇ ଶୋଇ । ଉଠିଲେ କବିତା ଲେଖିବ । ସ୍ୱପ୍ନମୟ ତାର ସଂସାର । କବିତାରେ ସ୍ୱପ୍ନ ଆଉ ଶୋଇଲେ ସ୍ୱପ୍ନ । ଖାଲି ସେକ୍ରେଟେରିଏଟର ନାଲିଫିତା ପାଖା ଖାଇଲା । ବରୁଣ ବ୍ୟଙ୍ଗ କଲା ଅଜୟକୁ ।

ଅଜୟ ସବୁ ଶୁଣୁଥିଲା ଶୋଇ ଶୋଇ । ନିଦରୁ ଉଠିଲା ଭଳି ଭଙ୍ଗ ମୋଡ଼ି ହୋଇ ଖଟ ଉପରେ ଉଠି ବସିଲା ।

ବରୁଣ ଗୁଡ଼ାଖୁ ଘସିବାକୁ କୂଅ ମୂଳକୁ ଗଲା । ପାଣିକୁ ଛିଣ୍ଡାଦଉଡ଼ା ପାଉ ନାହିଁ ବୋଲି ତାର ଶେଷାଂଶ ସଙ୍ଗରେ ଖୋଳି ତଉଲିଅଟିକୁ ସଂଯୋଗ କରୁଥିଲା ।

ବୀରେନ୍ଦ୍ର ଅଜୟକୁ ପଚାରିଲା—କଣ ଦେହ ବ୍ୟସ୍ତ ଅଜୟ ଭାଇ ?

ନା—ମନବ୍ୟସ୍ତ ।

ଘରୁ କିଏ ଚିଠି ଆସିଥିଲା ?

ସୁଜାତା ଆସିଥିଲା !

ଆଗମନର କାରଣ ?

ପୂର୍ଣ୍ଣିମା ଡାକ ପକାଇଲା ଅଗଣାଦୁଆର ଫିଟାଇବାକୁ । ଡାକ ଶୁଣି ବରୁଣ ବାଲପଠୁ ଅଗଣାକୁ ଆସିଲା । ହାତ ଆଉ ଅଧର ସାରା ଗୁଡ଼ାଖୁ ସଲବଲ । ତାର ଛିଟିକା ପଡ଼ିଛି ଚିବୁକରେ । ଗୋଟିଏ ଉତ୍କଟ ଗନ୍ଧ ପବନ ଦେହରେ ଭାସି ବୁଲୁଛି । ଅଜୟ ଆଉ ବୀରେନ୍ଦ୍ର କଥା ହୁଉ ହୁଉ ଅଟକି ଯାଇଥିଲେ । ବରୁଣ ସନ୍ଦେହ କଲା ।

କହ ଦେଇନା ? ତୁହା ଏମିତକା ? ବୀରେନ୍ଦ୍ର ଚିଡିଲା ସ୍ୱରରେ ପଚାରିଲା ।

ଅଜୟ ପ୍ରଶ୍ନ କଲା, କଥା କଣ ବରୁଣ ?

ସତେ ଯେମିତି କିଛି ଜାଣିନ ! ଭଲପଇର କହୁଚୁ ଛବିକଥା ବୀତରନ୍ଧ ହୁଏନି ?

କେଉଁ ଛବି ? ଓହୋଃ ଆଜ ମାଟିନୀ ଯାଇଥିଲ ପରା ?

ନିଜେ ଯେମିତି, ପରକୁ ବି ସେମିତି ଭାବୁନା କଅଣ ?

ସନ୍ଦେହ ଆପଣାକୁ ଖାଏ ବରୁଣ ! ତୁ ଲୋକଙ୍କୁ ଚିହ୍ନିବାକୁ ଚେଷ୍ଟା କର । ମନକୁ ପଢ଼ି ଶିଖ । ଉପରେ ଭାସି ଲାଭ ନାହିଁ ।

ଜାଣିଛି ମୁଁ—ଖୁବ୍ ଜାଣିଛି । ଅନ୍ତତ କହିବ, ଦୁନିଆ ସମ୍ବନ୍ଧରେ ତୋ'ଠୁଁ ମୋର ଅଭିଜ୍ଞତା ଯଥେଷ୍ଟ ବେଶୀ । ଛବି କଥା କହି ନଥିଲେ କଣ ଚଳି ନଥାନ୍ତା ?

ଜଣକ କଥା ଆଉ ଜଣକ କାନରେ ପୂରାଇବା ପ୍ରବୃତ୍ତି ମୋର ନାହିଁ ବରୁଣ ! ଛବି କଏ—ଆଉ ଅଜୟ କିଏ ? ମୁଁ ବା କାହିଁକି ତୋ' କଥା ଆଉ କାହା ଆଗରେ କହିବି ?

ରୂପେଲି ପର୍ଦାର ଜୀବନହୀନ ଛବି ଦେଖି ଲାଭ ନାହିଁ ବରୁଣ ! ଜୀବଣୀ ପକ୍ଷେ ସ୍ୱପ୍ନର ସଂସାର ପୋଷାଏ ନାହିଁ । ବାସ୍ତବ ଦୁନିଆ ତାର ଅତି କର୍କଶ, ଆଉ କଠୋର । ସତର୍କ ନ ରହିଲେ ପଦେ ପଦେ ବିପଦର ଆଶଙ୍କା । ଅସ୍ଥା ଭିଡ଼ି ଜୀବନମୂର୍ଚ୍ଛା ଲଢ଼େଇ କରିବାକୁ ହୁଏ ।

ଜୀବନଦର୍ଶନର ସମୟ ଇଏ ନୁହେଁ । ଭଲପାଉଥିବା ଜୀବନର ପୁଣି ଦର୍ଶନ କାହିଁ ? ସଜୀବ ଛବି କଥା କହୁଛି ଅଜୟ ! ସେ ମୋତେ ଭଲପାଏ । ଖାଲି ସଜୀବତାକୁ ଥିଲେ ବୋଲି ସିନା ! ନହେଲେ ବାଲ ଗଧ ଦେଖି ଦେଖି ଜଳକା ହୋଇଥାନ୍ତା ନାଁ !

ଅଜୟ ଏତେବେଳେ ଯାଇ ବରୁଣ କଥା ବୁଝିଲା । ହସି ହସି କହିଲା, ହେ ପ୍ରେମିକ ପ୍ରବର, ରସରାଜ ! ତୁମେ ଟିକିଏ ଥୟ ଧର !

ସୁଜାତା ଅଥୟ ହେଲା ।

ରାତି ବାରଟା ହେବ ବୋଧହୁଏ । ଜନ କୋଳାହଳ ଅନେକ କମି ଯାଉଛି । ମହାନଗରୀ ବିଶ୍ରାମ ନେବାକୁ ପ୍ରସ୍ତୁତ ହେଉଛି ।

ସୁଜାତାର ଆଖିରେ ନିଦ ନାହିଁ ! ମଉଳା ମନରେ ତାର ବ୍ୟର୍ଥ ବିଳାପର ମୂର୍ଚ୍ଛନା । ଭାବନା ଲହଡି ଭାଙ୍ଗୁଛି । ମନେ ମନେ ବ୍ୟସ୍ତ ହୋଇ ଉଠିଲା ସୁଜାତା । ଭାବିଲା ଅଜୟ ପାଖକୁ ଯାଇ କଣ ସେ ଭୁଲ କଲା ? ପୁଣି କିଛି ନ କହି ନ ଶୁଣି ଫେରି ଆସିବା କ'ଣ ଉଚିତ ହେଲା ? ଅଜୟ ଯେମିତିକା ଲୋକ ରାତିସାରା ଶୋଇ ପାରିବ ନାହିଁ । କାଲି ତାହାର କଥା ଭାବି ହବ !

ଉପାୟହୀନା ସୁଜାତା କାନ୍ଦିବାକୁ ଇଚ୍ଛା କରୁଥିଲା । ଯାହାକୁ ଚଲାପଥର ଏକମାତ୍ର ଅବଲମ୍ବନ ଭାବି ନିଶ୍ଚିନ୍ତ ଥିଲା, ସେହିଁ ଆଜି ଦଗା ଦେଇଛି । ଆଶା ତାର ନିରାଶାରେ ପରିଣତ ହୋଇଛି । ଏତେ ବଡ଼ ଦୁନିଆ ଆଜି ତାକୁ ନିଃସହାୟ ବୋଧହେଲା । ଏକାକୀ ସମସ୍ତ ରାସ୍ତା ଚାଲିବ । ସାହା ହେବାକୁ ପାଖରେ କେହି ନଥିବେ । ଝୁଣ୍ଟି ପଡ଼ିଲେ ଆହା ପଦ ଶୁଣିବ ନାହିଁ । ଜୀବନ ସାରା କଟାଇବ ସାଥିହରା ହୋଇ ।

କାଲିର ପ୍ରିୟତମ ପ୍ରଫୁଲ୍ଲ ଆଜି ତାର ଦୁଃଖର କାରଣ । ଯାହାକୁ ଜୀବନ ଦେଇ ଭଲ ପାଇଲା, ସେ କରଛଡ଼ା ଦେଇ ଦୂରେଇ ଯାଇଛି । ନିଜର ଲୋକ ପର ହୋଇ ଯାଉଛି । ଅତୀତର ମିଠା କଥା କେଇପଦ କାନ ପାଖରେ ଆପଣାଛାଏଁ ଫିଟିହେଲା ।

ତୁମେ ଗୋଟିଏ ସୁନ୍ଦର ଫୁଲ ସୁଜାତା ! ଦେଖିଲେ ଲୋଭ ଲାଗେ । ଅଜଣା ମୋହରେ ଅଚ୍ଛନ୍ନ ହୁଏ ମନ । ତୁମର ଏହି ଅନିନ୍ଦ୍ୟ ରୂପ ଆଉ ମନଭୁଲା ସୌନ୍ଦର୍ଯ୍ୟକୁ ଆକଣ୍ଠ ପାନ କରିବାକୁ ମନ ଡାକେ । ତୁମକୁ ଗଢ଼ିଲା କିଏ ସୁଜାତା ?

ତୁମକୁ ଯିଏ ଗଢ଼ିଲା—ସର୍ବଶକ୍ତିମାନ ପରମେଶ୍ୱର !

କିନ୍ତୁ ଏତେ ରୂପ ସେ ପାଇଲା କେଉଁଠୁ ? ମୁଁ ଭାବୁଛି ପରମେଶ୍ୱରଙ୍କ ଆଙ୍ଗୁର ଶକ୍ତିମାନ୍ କିଏ ତମକୁ ଗଢ଼ିଛି । ତୁମେ ଗୋଟିଏ ଆନନ୍ଦର ଉତ୍ସ ସୁଜାତା ! ସୃଷ୍ଟିର ଗୋଟିଏ ଶାଶ୍ୱତ ସୁଷ୍ମ !

ଆଉ ତୁମେ ?

ରୂପହୀନ, ରଙ୍ଗହୀନ କଳା ଭଅଁରଟିଏ । ଯାହାର ଗୁଣ ନାହିଁକି ଗରିମା ନାହିଁ ।

ଭଅଁର ହିଁ ତ ଫୁଲର ସ୍ୱପ୍ନ !

କିନ୍ତୁ ଧ୍ୱଂସକାମୀ, ସହସ୍ର ଫୁଲର ନାୟକ ଭ୍ରମରକୁ ଘୃଣା କରିବା ଉଚିତ ନୁହେଁକି ?

ଫୁଲତ ଜାଣେନି ଭଅଁର ସହସ୍ର ଫୁଲର ସର୍ବନାଶ କରି ଶେଷକୁ ତାହାର ବିନାଶ କରିବାକୁ ଧାଉଁଛି । ତାର ଅଳସିଆ କଣ୍ଠର ପ୍ରେମ ଜର୍ଜର ସଙ୍ଗୀତ, ଢୁଲୁଢୁଲୁ ଆଖିର ନୀରବ-ମିଳନ-କାମନା, ଆକର୍ଷଣ ଅଭିଳାଷ, ଅସ୍ଫୁଟ ଗୁଞ୍ଜରଣ କଣ ସୁନ୍ଦର ହୁଏ ସେ ଲମ୍ପଟ ବୋଲି ? ତା' ଛଡ଼ା ତୁମେତ ସେହି ସହସ୍ର ସୃଷ୍ଟିର ନାୟକ ନୁହ ?

ତୁମେ ପ୍ରକୃତରେ ସୁଚତୁରା ସୁଜାତା ! ରୂପ ସାଙ୍ଗକୁ ଗୁଣର ଏହି ଅଦ୍ଭୁତ ମିଳନ ବାସ୍ତବିକ ବିସ୍ମୟକାରକ । ତୁମର ସାନ୍ନିଧ ଲାଭକରି ଧନ୍ୟ ହୋଇଛି ମୁଁ ।

ଏତେ ପ୍ରଶଂସା କରନି ପ୍ରଫୁଲ୍ଲ ବାବୁ !

ପ୍ରଶଂସା କରୁ ନି' ସୁଜାତା ! ତୁମେ ଜାଣିନି ତୁମର ଏହି ପବିତ୍ର ମୁଖମଣ୍ଡଳ ଭିତରେ କେତେ ରୂପ, କେତେ ରାଗ । ବସନ୍ତର ବିଭବ ଭଳି ତା' ବିମୁଗ୍ଧ କରେ, ମୌସୁମୀ ସମ ମାତାଲ କରେ । କାକକୃଷ୍ଣ କବରୀର କରବୀ ସଂଗୀତ ନୀଳ ଡୋଳାଯୁଗଳର ସ୍ୱପ୍ନ ମଧୁର ଶୈଳୀ ମନ ଭିତରେ ଇନ୍ଦ୍ରଜାଲ ସୃଷ୍ଟି କରେ । ବଙ୍କିମ ଗ୍ରୀବାର ଅବନମିତ କୁନ୍ତଳ, ବହଳିଆ ଭ୍ରୂଲତିକାର ଲାବଣ୍ୟମୟ ଭ୍ରୂବିଳାସ ମନକୁ ମୋର ମାତାଲ କରେ । ମନେହୁଏ, ତୁମରୂପ ସ୍ରୋତରେ ଅବଗାହନ କରି ଶରୀରର ସମସ୍ତ କ୍ଳାନ୍ତି ପୋଛି ପକାନ୍ତି । କିନ୍ତୁ ତୁମେ ଯେ ତୁମର ମୁଖକୁ ଅନାଇବାର ଅଧିକାର ପାଇନ' ସୁଜାତା ! ପ୍ରଫୁଲ୍ଲ ଆଗ୍ରହରେ ସୁଜାତାର ହାତ ଧରିଲା ।

ସୁଜାତା ପ୍ରଥମ ସ୍ପର୍ଶରେ ଚମକେଇ ଗଲା । ବସନାଞ୍ଚଳକୁ କାନ୍ଧପାଖ
ଉଡ଼ିନେଇ ଆଖି ଦୁଇଟି ଲୁଚେଇ ଦେବାକୁ ଚେଷ୍ଟା କରୁଥିଲା, ପ୍ରଫୁଲ୍ଲ ତା
ବାଁ ହାତ ପାପୁଲିକୁ ନିଜ ହାତ ମୁଠାରେ ଛନ୍ଦିଦେଇ କହିଲା—ମଣିମା
ମୁଖମଣ୍ଡଳକୁ ଶାଢ଼ୀ ଭିତରେ ଘୋଡ଼ାଇବାକୁ ଚେଷ୍ଟାକରି ଅନ୍ୟାୟ କରୁ
ସୁଜାତା—

ସୁଜାତା ପ୍ରଫୁଲ୍ଲର ବଳିଷ୍ଠ ସ୍ପର୍ଶ ପାଇ ଧିମେଇ ଗଲା । ମନ ଆ
ଶରୀର ଉଭୟେ ଭାରସାମ୍ୟ ହରାଇ ବସିଲେ । ପାଦ ଦୁଇଟି ଅସ୍ଥି
ହୋଇ ଇତସ୍ତତ ହୋଇ ପଡ଼ୁଥିଲା । ତନ୍ଦ୍ରାର ସ୍ପର୍ଶ ଭଳି ଆଖି ଦୁଇଟି ମା
ମାଡ଼ି ପଡ଼ୁଥିଲେ । ଦେହର ଶିରା ପ୍ରଶିରା ସ୍ଥବିର ହୋଇ ଉଠୁଥିଲେ । ସୁଜା
ମୂର୍ଚ୍ଛାହତ ମୟୂରୀ ଭଳି ଢଳି ପଡ଼ିଲା ପ୍ରଫୁଲ୍ଲର ବଳିଷ୍ଠ ଛାତି ଉପରେ ।

କ୍ଳାନ୍ତ ସୁଜାତାର ଅବଶ ଅଙ୍ଗରେ ଆଖି ପକାଇ ପ୍ରଫୁଲ୍ଲ ଚଞ୍ଚଳ ହେଲା
ଠିକ୍ ସେତିକିବେଳେ ସୁଜାତାର କାନମୂଳ ପ୍ରଫୁଲ୍ଲର ଓଠତଳେ ତା
ଉଠୁଥିଲା । ପ୍ରଫୁଲ୍ଲର ଓସାରିଆ ଛାତିର ଆଘ୍ରାଣ ମନ ଭିତରେ ମାୟା ରଚୁଥିଲା
ଗୋଟିଏ ଦେହ ଆଉ ଦେହଟି ଭିତରେ ମିଶିଯାଇ ଏକାକାର ହେବାକୁ
ଚାହୁଁଥିଲା । ସୁଜାତାର ସ୍ୱାତନ୍ତ୍ର୍ୟ କିଛି ନଥିଲା । ସମସ୍ତ ବ୍ୟକ୍ତିଗତ ଇଚ୍ଛା
ଅନିଚ୍ଛାକୁ ଚିରଦିନ ପାଇଁ ଭୁଲିଯାଇ ସେ ପ୍ରଫୁଲ୍ଲ ଦେହ ଆଉ ମନ ଭିତରେ
ଆତ୍ମାକୁ ଖୋଜୁଥିଲା ।

ପ୍ରଫୁଲ୍ଲ ବିମୁଗ୍ଧ ସୁଜାତାର ମୂର୍ଚ୍ଛିତ ଯୌବନଶ୍ରୀକୁ ମନ ଭ
ଦେଖିନେଲା । ସବୁଦିନିଆ ସୁଜାତା ସେଦିନ ଭିନ୍ନ ଦିଶୁଥାଏ । ଆଖିରେ
ତାର ନୂତନ ରଙ୍ଗ, ମନରେ ତାର ନୂତନ ଚେତନା ବାଢ଼ି ତରୁଣୀ ସୁଜା
ତାର କାମନା ଶିଖାକୁ ପ୍ରଜ୍ୱଳିତ କରୁଥାଏ । ପ୍ରଫୁଲ୍ଲ ବାସ୍ତବ ଦୁନିଆ
ଭୁଲିଗଲା । ସେ ଅନୁଭବ କଲା ଏହି ସୁନ୍ଦର ସୃଷ୍ଟି କେବଳ ତାର ଆଉ ସୁଜା
ପାଇଁ ଅଭିପ୍ରେତ । ସୁଜାତାର ଝୁମନ୍ତ ଡୋଳାରେ ଖେଳୁଥିଲା ପ୍ରଣୟ
ଅନ୍ତରଙ୍ଗ ଉଷ୍ଣ । ବାସନା ବିଭୋର ପ୍ରଫୁଲ୍ଲ ସ୍ୱପ୍ନ ନିଶାରେ ଢୁଳୁ ଢୁ
ହେଉଥିଲା । ସୁଜାତାର ଅର୍ଦ୍ଧମୁକୁଳା ଅବୟବକୁ ବାହୁବଳୟ ଭିତରେ
ଆବଦ୍ଧ କରି, ବୟସ ଆଉ ଯୌବନର ସମସ୍ତ ଉତ୍ତାପକୁ ଏକତ୍ରିତ କରି
ସୁଜାତାର କମ୍ପିତ ଅଧରରେ ଢାଳିଦେଲା ଗୋଟିଏ ପ୍ରଗାଢ଼ ଚୁମ୍ବନ ।

ସୁନ୍ଦରୀ ସୁଜାତା ଥର ଉଠୁଥିଲା । ସେ ଜୀବନରେ ପ୍ରଥମ କରି
ଅନୁଭବ କଲା ଗୋଟିଏ ଶୃଙ୍ଖଳାହୀନ ଯୁବକର ଆତୁର ସ୍ପର୍ଶ । ସେହି ସ୍ପର୍ଶ
ମୂର୍ତ୍ତି ନୂତନ । ଚୁମ୍ବନ ଆବେଗରେ ଢଳେଇ ପଡ଼ି ସେ ଧୀରେ ଧୀରେ ଆଖି
ଲଥିଲା । ଦେଖିଲା, ପ୍ରଫୁଲ୍ଲ ଫୁଲ୍ଲ ମନରେ ଅନାଇ ରହିଛି ତାର ବେକ
ଖୋଲା ଦେହ ଉପରକୁ । ତାର ଅର୍ଦ୍ଧମୁକୁଳା ଆଖି ଦୁଇଟି ଲଜ୍ଜାରେ
ନତ ହେଲା । କିନ୍ତୁ ପରକ୍ଷଣରେ ସମ୍ବିତ ତାର ଫେରି ଆସିଲା । ଅନାଗତ
ଶଙ୍କାରେ ଆତଙ୍କିତ ହୋଇ ଉଠିଲା ସୁଜାତା ।

ବାଧା ଦେବାର ଶକ୍ତି ନଥିଲା ସୁଜାତାର । ତଥାପି ସେ ରହି ରହି
କହିଲା—"ଏ କଣ ପ୍ରଫୁଲ୍ଲବାବୁ ? ତମେ ଯେ ଏକାବେଳକେ ଲଗାମହୀନ
ହୋଇ ପଡ଼ିଛ !"

"ଲଗାମହୀନ ମୁଁ ହୋଇନି ସୁଜାତା । ତମେହିଁ ମୋର ଲଗାମଟାକୁ
ନିଜ ହାତରେ କାଢ଼ି ନେଇଚ"—ପ୍ରଫୁଲ୍ଲ ହସି ହସି ଉତ୍ତର ଦେଲା ।

"ମୁଁ ?"

"ନିଜକୁ ପଚାର ! ଏହି ମଦମତ୍ତ ଗୃହିଣୀ, ସଂଗୀତମୟ ମୁଖମଣ୍ଡଳ,
ଉଦ୍ଭିନ୍ନ ଯୌବନ କ'ଣ ତମର ନୁହେଁ ?"

"ଏତେ ବଡ଼ ପ୍ରଶଂସାର ପାତ୍ରୀ ମୁଁ ନୁହେଁ ପ୍ରଫୁଲ୍ଲବାବୁ ! ଅପାତ୍ରକୁ
ପ୍ରଶଂସା କରିବା ଅନୁଚିତ ।"

"ରୂପ ଆଉ ଗୁଣର ପ୍ରଶଂସା କରିବାତ ମାନବର ଧର୍ମ ସୁଜାତା !
ସେଠି ଅନୁଚିତର ପ୍ରଶ୍ନ ଉଠୁଛି କାହିଁକି ?"

"ମୁଁ ତମର ସମକକ୍ଷା ନୁହେଁ—"

"ସେ କଥା ମୋର ବିଚାର୍ଯ୍ୟ !"

"ଶେଷ ସିଦ୍ଧାନ୍ତରେ କଣ ଉପନୀତ ହୋଇଛନ୍ତି..."

"ସିଦ୍ଧାନ୍ତର କ'ଣ ଶେଷଥାଏ ସୁଜାତା ? ମନର ଯାହା ଇଚ୍ଛା
ତାହା ହିଁ ସିଦ୍ଧାନ୍ତ ।"

"ମନର ଇଚ୍ଛା ଯେ ସବୁବେଳେ ପରିବର୍ତ୍ତନଶୀଳ ପ୍ରଫୁଲ୍ଲ ବାବୁ !
ବିବେକ ଆଉ ବୁଦ୍ଧିର ସାହାଯ୍ୟ ନେବା ବାଞ୍ଛନୀୟ ।"

"ବୁଦ୍ଧି ଆଉ ବିବେକ ଭିତରେ ପଶିବାକୁ ଆଉ ଅବସର କାହିଁ ସୁଜାତା ? ତମର ଏଇ ଦୁରନ୍ତ ଗୋଲାପର ଶୋଭା ସମ୍ପଦ ମନ ଭିତରେ ଝଡ଼ ତୋଳେ । ତମର ଉପସ୍ଥିତି ମୋର ବିବେକ ଆଉ ବୁଦ୍ଧିକୁ ଘୋଡ଼ାଇ ରଖେ । ଇଚ୍ଛା ହୁଏ ଏ ଧରଣୀର ସମସ୍ତ ବନ୍ଧନକୁ ତୁଟେଇ ଯାଇ ତୁମରି ସଙ୍ଗରେ ଏକାନ୍ତ ଜୀବନ ଯାପନ କରନ୍ତି । ଯାହା କିଛି ଗୁପ୍ତ ଆଉ ବ୍ୟକ୍ତିଗତ ତୁମରି ଆଗରେ ବାଢ଼ି ଦେଇ କୃତାର୍ଥ ହୁଅନ୍ତି । ପୃଥିବୀର ପ୍ରତ୍ୟେକଟି ଆକର୍ଷଣ ଭିତରୁ ତୁମରି ଆକର୍ଷଣହିଁ ମହାନ ସୁଜାତା—ଆଉ ତାହାହିଁ ମୋ ଜୀବନର ପ୍ରଧାନ ସତ୍ୟ ।"

ମୁଗ୍ଧା ସୁଜାତା ମୂର୍ଚ୍ଛାହତ ହୋଇ ପ୍ରଫୁଲ୍ଲକୁ ଅର୍ଥହୀନ ଦୃଷ୍ଟିରେ ଅନାଇ ରହିଥିଲା । ତା'ର ଛନ୍ ଛନ୍ ଆଖିର କଳା ତୋଳା ଦୁଇଟି ଅଚଞ୍ଚଳ ଥିଲେ । ଶରୀରର ବେଶବାସ ପ୍ରତି ତା'ର ଖିଆଲ ନ ଥିଲା ମୋଟେ । ଯାହା ଭାବୁଥିଲା ପରକ୍ଷଣରେ ଭୁଲି ଯାଉଥିଲା ।

ପ୍ରଫୁଲ୍ଲ ତା'ର ଅବହେଳିତ ଯୌବନଶ୍ରୀକୁ ଲକ୍ଷ ଆଖିର ବିସ୍ମୟ ନେଇ ଅନାଇଲା । ନୟନ ଆଉ ମନ ପୂରି ଉଠୁଥାଏ । ଗୋଟିଏ ଆଶ୍ୱସ୍ତିର ନିଶ୍ୱାସ ଛାଡ଼ି ଛାଡ଼ି କହିଲା—"ତୁମେ ଗୋଟିଏ ବାସ୍ତବ ସ୍ୱପ୍ନ ସୁଜାତା—ଗୋଟିଏ ନିଛକ ଆନନ୍ଦର ଅଭିବ୍ୟକ୍ତି ।"

"ପରକୁ ପ୍ରଶଂସା କରିବାଦ୍ୱାରା ନିଜର ଗୁଣହିଁ ପରିସ୍ଫୁଟ ହୁଏ ପ୍ରଫୁଲ୍ଲ ବାବୁ ।"

ପ୍ରଫୁଲ୍ଲ ସେ ଦିନ ରହି ରହି ହସିଲା । ସେ ହସରେ ଥିଲା ଗୋଟିଏ ଅଦେଖା ମୋହର ଆକର୍ଷଣ । ଆଖି ତୋଳାରେ ଥିଲା ସ୍ୱପ୍ନର ସଙ୍କେତ । ମୁହଁଟି ଅତି ପ୍ରଶାନ୍ତ ଦେଖା ଯାଉଥିଲା ।

ସୁଜାତା ବିମୁଗ୍ଧା ହେଲା ପ୍ରଫୁଲ୍ଲର ସାନ୍ନିଧ୍ୟ ପାଇ । ପ୍ରଫୁଲ୍ଲ ମୁହଁରେ ତାର ରୂପ ଗୁଣର ପ୍ରଶଂସା ଶୁଣି ଛାତି ଫୁଲି ଉଠୁଥିଲା । ଇଚ୍ଛା କଲା ଜୀବନକୁ ପ୍ରଫୁଲ୍ଲର ପାଦତଳେ ସମର୍ପଣ କରି, ତାର ମୁହଁରୁ ନିଜର ପ୍ରଶଂସା ଶୁଣୁ ଶୁଣୁ ଦୁନିଆକୁ ଭୁଲି ଯାନ୍ତା ।

ଛବି ଆସି ପାଖରେ ଛିଡ଼ା ହେବାରୁ କଳ୍ପନା ତା'ର ବାଧାପ୍ରାପ୍ତ ହେଲା । ଆଖିରୁ ସେହି ତନ୍ଦ୍ରାଳୁ ସ୍ୱପ୍ନକୁ ତ୍ୟାଗକରି କୃତିସ୍ଥ ହୋଇ ବସିଲା ।

ମ.ଧା ଗଳାରେ କହିଲା, "ଛବି ! ଏଇ ପ୍ରଫୁଲ୍ଲ ବାବୁ, ତୋତେ ନିତି ଆସି ପଢ଼ାଇବେ ସଞ୍ଜବେଳେ । ନମସ୍କାର କର !"

ବାର ବର୍ଷର କିଶୋରୀ ଛବି ହାତ ଯୋଡ଼ି ନମସ୍କାର ଜଣାଇଲା । ପ୍ରଫୁଲ୍ଲ ଭବିଷ୍ୟତ ଛାତ୍ରୀ ଛବିକୁ ଟିକିଏ କଣେଇ ଚାହିଁଲା । କିଶୋରୀ ଛବିର ପ୍ରତି ଅବୟବରେ ମଳୟର ପୁଲକିତ ସ୍ପର୍ଶ । ମୁହଁରେ ତା'ର ଗୋଲାପ କଳିକାର ନିଛକ ଅଭିବ୍ୟକ୍ତି । ରକ୍ତାଭ ଅଧର ଦୁଇଟି ଥର ଥର ହଉଛି । ବିସ୍ଫାରିତ ନୟନରେ ଗୋଟିଏ ରୂପ ଆଉ ରଙ୍ଗଭରା ଲାବଣ୍ୟ—କବିତାର ପ୍ରଥମ କେଇଟି ପଂକ୍ତି ।

କିଶୋରୀ ଛବି, ଯେବେ ବିକଶିତ ଗୋଲାପର ମାୟା ରଚି ବଢ଼ି ଉଠିବ । ପରିପୁଷ୍ଟ ଅପଘନର ପ୍ରତି ଲୋମକୂପରୁ ବାହାରିବ ଗୋଟିଏ ଅଶ୍ରୁତ ଆନନ୍ଦର ନିର୍ଝର ।

ଛବି ପ୍ରଫୁଲ୍ଲ ବାବୁଙ୍କର ତୀକ୍ଷ୍ଣ ଚାହାଣୀରେ ଲାଜେଇ ଗଲା । ପ୍ରଫୁଲ୍ଲର ଚାହାଣୀରେ ଥିଲା କାମନାବିଦଗ୍ଧ ଗୋଟିଏ ଶାଣିତ ଶର । କିଶୋରୀ ଛବି ପ୍ରଫୁଲ୍ଲର ଲାଳସାଭରା ଚାହାଣୀରୁ ନିଷ୍କୃତି ପାଇବାକୁ ସୁଜାତାର ବସନାଞ୍ଚଳ ତଳେ ଲୁଚିଗଲା ।

ସୁଜାତା ହସି ଉଠିଲା ଖୁବ୍ ଜୋରରେ ।

ସମୟ ଗଡ଼ି ଯାଇଛି ।

ଛବି ପ୍ରଫୁଲ୍ଲକୁ ଭୟ କରି ତା' ଅଞ୍ଚଳତଳେ ଆତ୍ମଗୋପନ କରୁଥିଲା ସେଦିନ, କିନ୍ତୁ ଆଜି ସୁଜାତା ଛବିକୁହିଁ ଭୟ କରୁଛି ବେଶୀ । ଛବିହିଁ ତ ତାର ଆଶା, ଆକାଂକ୍ଷାର ବିରାଟ କଳ୍ପନାକୁ ଧୂଳିସାତ କରିଦେବାକୁ ବସିଛି ! ଛବିର ଛଳନାପୂର୍ଣ୍ଣ ବ୍ୟବହାରକୁ ମନେ ମନେ ସମୀକ୍ଷଣ କରୁ କରୁ ସୁଜାତା କାନ୍ଦି ପକାଇଲା ।

ପଶ୍ଚିମ ପାହାଡ଼ର ଫାଙ୍କ ଭିତରୁ ବହି ଆସୁଥିବା ସୁଲୁସୁଲିଆ ପବନ ବାଜି ଦେହ ଝଲସି ଉଠୁଛି ସୁଜାତାର । ଦେହରୁ ପାତଳ ଲୁଗା ଖଣ୍ଡିକ କେତେବେଳେ ଖସି ଯାଇଛି । ତାର ସେ ଦିଗରେ ମୋଟେ ଦୃଷ୍ଟି ନାହିଁ । ସେ ଖାଲି ଚିନ୍ତା କରିଚାଲିଛି । ସ୍ୱାର୍ଥପର ଦୁନିଆର ବ୍ୟବହାର ସତେ କି ଦୁଃସହ ! ସ୍ନେହ, ପ୍ରେମ, ଅନୁରାଗ ଖାଲି ଗୁଡ଼ାଏ ମନଗଢ଼ା କଥା । ତାର

ଅସ୍ତିତ୍ୱ କେବେହେଲେ ନ ଥିଲା କି ଆଜି ମଧ୍ୟ ନାହିଁ । ଦୁନିଆରେ ପ୍ରକୃତରେ କିଏ କାହାକୁ ସ୍ନେହ କରେ ? ଅକଳଙ୍କିତ ସ୍ୱର୍ଗୀୟ ପ୍ରେମ ଏହି କଳଙ୍କିତ ଧରଣୀରେ କ'ଣ ସମ୍ଭବ ? ପୁରୁଷ ନାରୀକୁ ମନ ପାଇଁ ନୁହେଁ, ଦେହ ପାଇଁ ପ୍ରେମକରେ । ଦେହର ମିଠା ଗନ୍ଧକୁ ମନଭରି ଆଘ୍ରାଣ କରେ । ପ୍ରତ୍ୟେକଟି ଅଙ୍ଗକୁ ଘାଣ୍ଟି ଚକଟି ସମସ୍ତ ରୂପ ସୁଧାକୁ ପିଇଯାଏ । ଯେତେବେଳେ ଦେହର ମୋହ ତୁଟି ଯାଏ, ପୁଣି ମନ ଖୋଜେ ନୂଆ ସାଥି । ଗୋଟିଏ ଧର ଫୁଟିଲା ଫୁଲ । ଯା'ର ଗନ୍ଧ ପବନରେ ମିଶି ମିଶି ନଥିବ, ଯା' ଗନ୍ଧର ଆବେଗରେ ଭ୍ରମର ମତୁଆଲା ହୋଇ ଘୂରି ବୁଲୁଥିବ ବୃନ୍ତ ପାଖରେ, ସ୍ପର୍ଶ କରିବାକୁ ସାହସ କୁଳଉ ନଥିବ !

ପ୍ରଫୁଲ୍ଲବାବୁ ଗୋଟିଏ ଦୁର୍ବଳ ମୁହୂର୍ତ୍ତର ସୁଯୋଗ ନେଇ ତାର ମଧୁର ଜୀବନରେ ଆଘାତ ଦେଇଛନ୍ତି । ନୂଆ ନୂଆ କେତେ ଭାବ, କେତେ ରଙ୍ଗ, ଆଶ୍ୱାସନା, ଆଲାପନ ଭିତରେ ଯାହାକୁ ଜର୍ଜର କରିଥିଲେ—ଆଜି ଦୂରେଇ ଦେଲେ ଏତେ ସହଜରେ ।

ତଥାପି ମନ ବୁଝୁ ନାହିଁ । ପ୍ରଫୁଲ୍ଲବାବୁଙ୍କ ସେହି ପହିଲି ପ୍ରେମର କୁହୁଳିଆ କଥା କେଇ ପଦ ମନେ ପଡ଼ୁଛି । ଆଜି ବା ତା ପାଖରେ ଅଛି କିଏ ? ଯାହା ଥିଲା ପ୍ରଫୁଲ୍ଲ ବାବୁଙ୍କୁ ସବୁ ଅର୍ପଣ କରି ଦେଲା ସେ । କିନ୍ତୁ ପ୍ରତି-ଦାନରେ ପାଇଲା କଣ ? ବିଗତ ଅତୀତର ମୂଲ୍ୟହୀନ ମିଠା କଥା କେଇ ପଦକୁ ଆଶ୍ରୟ କରି ସେ କଣ ଧୈର୍ଯ୍ୟଧରି ରହି ପାରିବ ! ଅତୀତ ବହୁ ଦୂରରେ —ଆଉ ସେ ଆଜି ସନ୍ଧ୍ୟାଭରସା ହରାଇ ନୀଳ ସାଗରର ମଝିରେ ଭାସୁଛି । କୂଳ କିନାରା କିଛି ଦେଖା ଯାଉନି । ଯୁଆଡ଼େ ଚାହିଁଲେ ଫାଙ୍କା । କିଏ ଅଛି ଯେ ପାଖକୁ ଆସିବ ? ଆସିବା ଲୋକତ ଆସୁନାହିଁ !

ରାତି ବଢ଼ିବା ସଙ୍ଗେ ସଙ୍ଗେ ମନର ଭାବନା ବଢ଼ି ଚାଲିଛି । ଅନ୍ଧାର ଭିତରେ ପୃଥିବୀ ଲୁଚିଗଲା ଭଳି ଭାବନା ଭିତରେ ନିଜେ ଗୋଟା ପଣେ ବୁଡ଼ି ଗଲାଣି ସୁଜାତା ।

ରାତି ପାହି ସକାଳ ହେଲେ ସବୁ ପୁଣି ଉଜ୍ଜ୍ୱଳ ହେବ । ଦେଖି ହେବ ଆଉ ବୁଝି ହେବ । କିନ୍ତୁ ତା ମନରୁ ଚନ୍ଦ୍ରବିନ୍ଦି କେବେ ପାହିବ ? କିଏ ଜାଣେ ?

ଛବି ଅନ୍ୟମନସ୍କ ଭାବରେ ପିଜୁଳି ଡାଳକୁ ହାତ ବଢ଼ାଉଛି । ଡାଳଟି ହାତକୁ ପାଉ ନାହିଁ । ଡାଳ ଅଗରେ ଝୁଲୁଛି ଦୁଇଟି ଦର ପାଚିଲା ପିଜୁଳି । ପିଜୁଳିର ରଙ୍ଗ ମନକୁ ବେଶ ଆକୃଷ୍ଟ କରୁଛି ।

ଛବି ପାଦର ବୁଢ଼ା ଅଙ୍ଗୁଳି ଦୁଇଟିରେ ଭାର ଦେଇ ପିଜୁଳି ଦୁଇଟିକୁ ହସ୍ତଗତ କରିବା ପାଇଁ ଚେଷ୍ଟା କରୁଛି । କିନ୍ତୁ ଫଳ ଦୁଇଟି ଆଙ୍ଗୁଠି ଅଗରେ ବାଜି ପୁଣି ଖସି ଯାଉଛି । ସତେ ଯେମିତି ସେମାନେ ଛବିକୁ ଧରା ଦେବାକୁ ନାରାଜ । ଛବି କିନ୍ତୁ ବ୍ୟସ୍ତ ହୋଇ କୁଦିବା ଆରମ୍ଭ କରିଦେଇଛି ।

ପ୍ରଫୁଲ୍ଲ ଦୋତାଲାର ବାରଣ୍ଡା କଣକୁ ଛିଡ଼ା ହୋଇ ଛବିକୁ ଲକ୍ଷ୍ୟ କରୁଥାଏ । କେତେବେଳେ ଗୋଲାପୀ ଶାଢ଼ୀଟି ଛାତି ଉପରୁ ଖସି ଗଲାଣି ତ କେତେବେଳେ ଟାଇଟ୍‌ଫିଟ୍ ବ୍ଲାଉଜର ଚାପା ବୋତାମ ଗୁଡ଼ିକ ଖୋଲି ଗଲାଣି । ଶୋଭନ ବକ୍ଷର ଉନ୍ନତ ଅଞ୍ଚଳରେ ବିକଚ ପଦ୍ମର ମାୟା ସୃଷ୍ଟି କରି ଛବି ଭଙ୍ଗୀ ସୃଷ୍ଟି କରୁଥାଏ । ଲମ୍ବ ବେଣୀ ଜୁଡ଼ାର ଗୋଟିଏ ଫଳକ ମୁଣ୍ଡ ଉପରୁ ଖସି ଆସି ପିଠି ଉପରେ ନାଚୁଛି । ଆଉ ଗୋଟାକର ନାଇଲନ୍ ଫିତା ଖଣ୍ଡିକ ବାଳ ମଝିରେ ଦରଫିଟା ହୋଇ ଦୋହଲୁଛି । କାନ ମୂଳରୁ ବାଳକେରାଏ ଖସି ଆସି ଗାଲ ଉପରେ ପିଟି ହେଉଥାଏ । କେଶଦଳର ଚୂନା ଚୂନା ବାଳ ଗୁଡ଼ିକ ଠୋପି ଠୋପି ସ୍ୱେଦ ବିନ୍ଦୁରେ ଗୁଚ୍ଛି ହୋଇ ଯାଇଛି । ବସନ ଖସି ପଡ଼ି ଦେହରୁ ଅଲଗା ହୋଇଥିଲେହେଁ ଅସମ୍ଭାଳ ହୋଇ ଛବି ପିଜୁଳି ତୋଳୁଛି । କେତେବେଳେ ପ୍ରଫୁଲ୍ଲ ପଟେ ପିଠେଇ ଦେଉଛି ତ କେତେବେଳେ ସାମନା ସାମନି ହୋଇ କୁଦା ମାରୁଛି । ଆଖି ଦୁଇଟିର କଳା ଡୋଳା ଦୁଇଟି ଉଜ୍ଜ୍ୱଳତାର ସହିତ ତଳ ଉପର ହେଉଥାଏ ।

ପ୍ରଫୁଲ୍ଲ ମୁଗ୍ଧ ବିଭୋର ହୋଇ ଅନାଇ ରହିଛି ଅନୁଢ଼ା ଛବି
ମଦମତ୍ତ ଅଙ୍ଗଶ୍ରୀକୁ । ଅଙ୍ଗେ ଅଙ୍ଗେ ତା'ର ଲାବଣ୍ୟର ତରଙ୍ଗ । ପ୍ରଫୁଲ୍ଲ
ଶିରପ୍ରଶିରରେ ଛନ୍ଦି ହୋଇଥାଏ ଛବିର ରୂପ ।

ଧନୀ ପିତାର ଅଦ୍ୱିତୀୟା କନ୍ୟା ଛବି । ଅଭାବ ବିହୀନ ଜୀବନ ତା'ର
ରଙ୍ଗୀନ ନିଶାରେ ଢୁଳୁ ଢୁଳୁ । ଆଖିରେ ଖେଳେ ମଳୟର ବାର୍ତ୍ତା, ଆ
ଭଙ୍ଗନାରେ ମୌସୁମୀର ମାୟା । ପ୍ରାଚୁର୍ଯ୍ୟ ଭିତରେ ବଢ଼ିବଢ଼ି ଛବି ଆଜି
ରୂପଲୀ ପରଦାର ସୁନ୍ଦର ଛବିଟିଏ ଭଳି ଦେଖା ଯାଉଛି । ଜୀବନ ତା'ର
କେବେ ଅଭାବର ଚୋଟ ସ୍ପର୍ଶ କରି ନାହିଁ । ଆନନ୍ଦର ପ୍ରାଚୁର୍ଯ୍ୟ ଭିତରେ ସମସ୍ତ
ଅତିବାହିତ ହୋଇଯାଇଛି ।

ବେଳେବେଳେ ଛବି ଅଭିମାନ କରେ । ଦୁଃଖକରି ଖାଏ ନାହିଁ
କିନ୍ତୁ ସେହି ଅଭିମାନ ଆଉ ଦୁଃଖ ତା ପକ୍ଷେ ସୌଖିନ ଛଡ଼ା କିଛି ନୁହେଁ
ବାପା ଦେଇଥିବା ଦାମିକା ଶାଢ଼ୀ ବା ବ୍ଲାଉଜ୍ ପିସ୍ ଆସିଗଲେ ଦୁଃଖ
ଅଭିମାନ କୁଆଡ଼େ ଉଭେଇଯାଏ । ହଠାତ୍ ଯାଇ ଶାଢ଼ୀ ପାଲଟି ଦର୍ପଣ
ଆଗରେ ଛିଡ଼ା ହୁଏ । ଶାଢ଼ୀ ଆଉ ବ୍ଲାଉଜ୍ କନାକୁ ନିଜର ଉଜ୍ଜ୍ୱଳ ଦେହ
ଉପରେ ଖେଳାଇ ଖେଳାଇ ମନପୂରାଇ ହସେ । ପ୍ରତିବିମ୍ବକୁ ନିଠେଇ
ନିଠେଇ ଅନାଇ, କ୍ରମ ବର୍ଦ୍ଧିଷ୍ଣୁ ଅଙ୍ଗ ଲତାକୁ ଆପଣା ଛୁଏଁ ଅନୁଭବ କରେ ।
ଗୁଣୁ ଗୁଣୁ ହୋଇ କୌଣସି ସଙ୍ଗୀତର ମିଠା ସୁରଟିଏ ଆବୃତ୍ତି କରେ ।
ସେହି ସମୟରେ ସେ ନିଜର ବର୍ତ୍ତମାନ ଆଉ ଭବିଷ୍ୟତ ଭିତରେ ବୁଡ଼ି
ଯାଇଥାଏ । ତେଣୁ କାହାରି ଡାକ କାନ ଭିତରେ ପଶେ ନାହିଁ ।

ଏହି ସୁସ୍ଥ ଛବିର ବିକଶିତ ରୂପଯୌବନକୁ ଆପ୍ରାଣ ପାନ କ...
ପ୍ରଫୁଲ୍ଲ । ଛବିକୁ ଗତ ଚାରିବର୍ଷ ଧରି ଅତି ପାଖରୁ ଦେଖି ଆସିଛି ସେ ।
ବାରବର୍ଷର ଛନ ଛନିଆ ଛବି, ଆଜି ଷୋହଳ ବର୍ଷର ସଂପୂର୍ଣ୍ଣ ଯୁବତୀ ।
ସୁପ୍ତ କଳିକାବସ୍ଥାରୁ ବିକଶିତ କୁସୁମ ହୋଇଛି । ତା'ର ସମସ୍ତ ପରିବର୍ତ୍ତନକୁ
ପ୍ରାଣେ ପ୍ରାଣେ ଅନୁଭବ କରି ଆସୁଛି । ପ୍ରତ୍ୟେକ ଅବସ୍ଥାର ବିଭିନ୍ନ ରୂପ
ଆଉ ରଙ୍ଗକୁ ମନଭରି ଦେଖି ନେଇଛି । ଛବିର କୌଣସି ବିଭବ ପ୍ରଫୁଲ୍ଲ
ଆଗରେ ଗୁପ୍ତ ନୁହେଁ । ତା ମନର ପ୍ରତ୍ୟେକ ବିଭାଗକୁ ସେ ପରୀକ୍ଷା କରିଛି ।

) ତା' ଅଙ୍ଗରେ ନିତାନ୍ତ ନୂଆ ଲାଗେ । ତଥାପି ସେ ସୁନ୍ଦର ଦେଖା
ଏନି' । ତା' ଆଖି ଦୁଇଟିରେ କି ଶକ୍ତି ଅଛି କେଜାଣି, ଦେଖିଲେ ଲୋକ
ର ପାରେନା । ଛବି ଚାଲିଲାବେଳେ ଚାଲିଯାଉଥିବା ଲୋକ ଦଣ୍ଡେ ଅଟକି
ହି ଅନାଏ ।

ଛବି ଏହି ଗୁଣ ପାଇଁ ପ୍ରଫୁଲ୍ଲର ବୁକୁ ଖୁବ୍ ବିଶ୍ୱାସ କରନ୍ତି । ତା ରୂପ
ଓ ଯୌବନର ପ୍ରଥମ ଦର୍ଶକ ପ୍ରଫୁଲ୍ଲବାବୁ । ନୂଆଙ୍କର ଆଖିରେ କଜଳ
ଲେ ବା ଓଠରେ ଟିକିଏ ଲିପଷ୍ଟିକ୍ ବୋଲି ହେଲେ ପ୍ରଫୁଲ୍ଲ ମୁଗ୍ଧହୋଇ
ନାଇ ରହେ । ନୂଆ ଫ୍ରକ୍ ବା ଶାଢ଼ୀ ଆସିଲେ, ଦେହକୁ ମାନୁଛି କି
ହିଁ ସେ କଥା କହିବ ପ୍ରଫୁଲ୍ଲ । ଛବିର ପ୍ରଶଂସା କରିବାକୁ ଶତଜିହ୍ୱ ହୁଏ ସେ ।
ଲେଟବେଳେ ତା'ର ଲାବଣ୍ୟପୁଷ୍ଟ ପିଠି ବା କୋମଳ ଚିବୁକ ଛୁଇଁ ବାହାବା
ରେ । ଛବି ଦୁଷ୍ଟାମୀ କରି ଦଉଡ଼ି ଗଲେ ପ୍ରଫୁଲ୍ଲ ପଛରେ ଯାଇ ତାକୁ
ହୁ ବଳୟରେ ଆବଦ୍ଧ କରେ । ଛବି ମୁକୁଳିବାକୁ ଚେଷ୍ଟା କଲେ,
ଫୁଲ୍ଲ ଅସହ୍ୟ ହୋଇ ତାକୁ ଛାତି ପାଖରେ ଭିଡ଼ିନେଇ କାନପାଖରେ ଚୁପ୍
ପ୍ କହେ—'ହେଲା ଏଥର ? ହାରିଲ ନା ?'

'ନାଁ,'

'ଆଚ୍ଛା !' କହି ଛବିକୁ ଆହୁରି ଜୋରରେ ଛାତି ଭିତରକୁ ଭିଡ଼ିଆଣି
ଢ଼ଭାବରେ ଚାପିଧରେ । ଛବି ଯେତେ ଟାଣିଭିଡ଼ି ହେଲେବି' ତାକୁ ଆଉ
ଛାଡ଼େ ନାହିଁ । ଛବି ଭିଡ଼ିହୋଇ ଦଉଡ଼ିବାକୁ ବସିଲେ ପ୍ରଫୁଲ୍ଲ ଛବିର
ମଣାରୁ କାନପାଖକୁ ମୁହଁ ନେଇ କାନ୍ଧରୁ ତା'ର କାଖ ପାଖରୁ ଚାପିଧରେ ।
ମାତ୍ର ଛବିର ଚପଳ ମନ ଭିତରେ ଶିହରଣ ଖେଳେ । ତାହାର ଅର୍ଥ ସେ
ଝିପାରେନା । ପ୍ରଫୁଲ୍ଲର ଅଦ୍ଭୁତ ମନୋବୃତ୍ତିକୁ ନୀରବ ରହି ଅନୁଭବ
ରେ ।

ବେଳେବେଳେ ପ୍ରଫୁଲ୍ଲର ନିବିଡ଼ ସ୍ପର୍ଶ ଛବିକୁ ବେଶ୍ ଆନନ୍ଦ ଦିଏ ।
ସ ଅଖିବୁଜି ପ୍ରଫୁଲ୍ଲର ଅତିଲୁ ଛାତି ଆଉ ଓଠ ଦୁଇଟିର ଉଷ୍ମ ସ୍ପର୍ଶ ଭିତରେ
ଜର ଉଦ୍‌ଗତ ଯୌବନକୁ ବେପରୁଆ ଭାବରେ ଛାଡ଼ିଦିଏ । ପ୍ରଫୁଲ୍ଲର
ାତ ଢ଼ିଲା ହେଲେ, ଛବି ବିଜୁଳି ଭଳି ହଠାତ୍ ଖସିଯାଏ । ଛବିର
ଢ଼ାଘରକୁ କେହି ଆସନ୍ତିନି । ଘମାଳ ପାଠ ପଢ଼ାଉ ପଢ଼ାଉ ବେଳେ

ବେଳେ ମୁଗ୍ଧ ଦୃଷ୍ଟିରେ ଅନାଇରହେ । ମନ ଭିତରେ କେତେ ଆ
କେତେ ନଶା ଲହଡ଼ି ଭାଙ୍ଗେ, ନିର୍ଜନ କୋଠରୀର ସୁରମ୍ୟ ପରିବେ
ଭିତରେ ଛବି ସଙ୍ଗରେ ଖେଳେ । କୁମାରୀ ଛବି କିଛି ବୁଝି ପାରେନି'
ଗୃହଶିକ୍ଷକ ପ୍ରଫୁଲ୍ଲବାବୁଙ୍କ ବ୍ୟବହାରକୁ ସନ୍ଦେହ ନକରି ସେ ପ୍ରଶ୍ରୟ ଦିଏ
ବେଳେବେଳେ ଲୁଚକାଳି ଖେଳି ଭଳି ନିଜେ ଧରାଦେଇ ପୁଣି ଖସି ଯାଏ
ଏମ୍ନାହିଁ ଚିତ୍ତୁଷନ ପଡ଼ିାର ପ୍ରଥମ ପରିଚ୍ଛେଦ । ସୁଜାତା ଉପରେ ରାଜୀବ ବାବୁଙ୍କ
ସ୍ନେହ ଥାଏ । ସୁଜାତା ପ୍ରଫୁଲ୍ଲର ସମ୍ବନ୍ଧ ନେଇ ଶୁଣିଥାନ୍ତି ବୋଲି ପ୍ରଫୁଲ୍ଲ
ସେ କେବେ ସଂଶୟ ଦୃଷ୍ଟିରେ ଦେଖନ୍ତିନି ।

କ୍ରମେ କୁମାରୀ ଛବିର ଦେହ ଆଉ ମନର ବିରାଟ ପରିବର୍ତ୍ତନ ହେଲା
ପ୍ରସ୍ଫୁଟିତ କୁସୁମର ସମସ୍ତ ବିଭବର ଅଧିକାରିଣୀ ହୋଇ ସମସ୍ତଙ୍କୁ ମୁଗ୍
କଲା । ତା'ର ଦନ୍ତ ବିକଶିତ ହସ, ତା'ର ଚାହାଣୀ ବାୟୁମଣ୍ଡଳର ପ୍ରତେ
ସ୍ତରେ ସୃଷ୍ଟିକଲା ସ୍ୱପ୍ନ । କଳିକା କାଗେଶ୍ୱର ଚପଳ ମନ ଭାଙ୍ଗି ନ ଥାଏ
ଶିରାପ୍ରଶିରାର ପ୍ରତ୍ୟେକ ରକ୍ତ କଣିକାରେ ବାହାରୁଥାଏ ଚଞ୍ଚଳତା
ଭେଉ । ପ୍ରଫୁଲ୍ଲ ବିସ୍ମିତ ହେଲା ଛବିର ଆକସ୍ମିକ ପରିବର୍ତ୍ତନରେ ।

ଛବିକୁ ପାଖର ପୂର୍ବ ଆସିଲା ବେଳେ ସେ ଅସମ୍ଭବ ଭାବରେ ଗମ୍ଭୀ
ହେବାକୁ ଚେଷ୍ଟା କଲା । ଚପଳ ଛବିର ଚଞ୍ଚଳତା ଆଉ ନାହିଁ । ଇତସ୍ତ
ଭେଳା ଦୁଇଟି ଆନନ୍ଦ ହେଲା । ଛନଛନିଆ ଛବି ଛନ୍ଦମୁଖର ହେଲା
ସେ ଛନ୍ଦରେ ଥିଲା କୋହିଏ ଗମ୍ଭୀର ସଂଗୀତର ସୁର, ମାର୍ଜିତ ମନର ସ୍ୱ

ସେଦିନ ଛବି ଇତିହାସ ପଢ଼ୁ ପଢ଼ୁ ପୃଥ୍ୱୀରାଜ ଆଉ ସଂଯୁକ୍ତା ପା
ମଝିରେ ଥିବା ସୁନ୍ଦର ଘଟଣାଟି ପ୍ରତି ଦୃଷ୍ଟି ପକାଇଲା । ସ୍ୱୟମ୍ବର ସଭାକୁ ବ୍ୟର୍ଥ
କରି ଜୟଚନ୍ଦ୍ରର ଅନିଚ୍ଛାସତ୍ତ୍ୱେ ସଂଯୁକ୍ତା ପୃଥ୍ୱୀରାଜର ନିଷ୍କଳ ପ୍ରତିମା
ବେକରେ ବରଣମାଳା ଲମ୍ବାଇ ଦେଲା । ଉପାୟହୀନ ଜୟଚନ୍ଦ୍ର କ୍ରୋଧରେ
ଜଳିପାଉଥିଲେହେଁ ସଂଯୁକ୍ତାର ନିଷ୍ପତ୍ତିକୁ ବଦଳାଇ ପାରିଲେନି ।

ଛବିର ମନ ଭିତରେ ସଂଯୁକ୍ତା ଓ ପୃଥ୍ୱୀରାଜର ପ୍ରଣୟ ଲୁଚକାଳି
ଖେଳୁଥିଲେ । ଛବି ସୁନ୍ଦରୀ ସଂଯୁକ୍ତାକୁ ମନେ ମନେ ତାରିଫ୍ କଲା
ନିଜକୁ ସଂଯୁକ୍ତାର ଅଶରୀରୀ ମନ ଭିତରେ ମିଶାଇ ବୀରାଙ୍ଗନାର ପ୍ରେମା
ନୁଭୂତି ଅନୁଭବ କଲା ଛବି ।

ସଂଯୁକ୍ତ ପ୍ରେମର ଜଗତରେ ଛବି ଭାବିଲା, ତାହାହେଲେ ପ୍ରେମ କଣ ବୁଝେଲେ ଉନ୍ମୁକ୍ତ ହୁଏ । ଜଣେ ଜଣକୁ ଭଲ ପାଇବା କଣ ପ୍ରେମ ? ପ୍ରେମର ଭାବାର୍ଥ କଣ ଏତେ ସଂକ୍ଷିପ୍ତ ? ଯୌବନର ଉଦ୍ଦାମତାକୁ ବେଳେ ବେଳେ ସଂଯତ କରିହୁଏ ନା । ଲଗାମହରା ଘୋଡ଼ା ଭଳି ମନ ଭାବନା ଶୃଙ୍ଖଳ ହୁଏ । କଳସ ଜଳ ଭଳି ସ୍ଥିର ନ ହୋଇ ପଦ୍ମପତ୍ର ଜଳ ଭଳି ଟଳଟଳ ହୁଏ । ଅନ୍ତତଃ ଯୌବନର ଉତ୍ତାପ ନିକଟ ରହିଥିବା ଯଏ ଶିଖ ଛନ୍ଦହରାଏ ଛନ୍ଦହରା ମନ ଭିତରେ ଖେଳିବୁଲେ କେତେ ରୂପ, କେତେ ରାଗ । ଚିହ୍ନା ଅଚିହ୍ନା ଅନେକ ମୁହଁ ଝଲସି ଉଠନ୍ତି । ଛନ୍ଦହରା ମନ ନାକାରଣରେ ଗୋଟିଏ ସୁନ୍ଦର ମୁହଁର ଆକର୍ଷଣ ଭିତରେ ନିଜର ସତ୍ତାକୁ ହଜାଇ ଦିଏ । ତାହାରି ପଛରେ ଗୋଡ଼ାଏ, ତାକୁ ଆକର୍ଷିତ କରିବାକୁ ସମସ୍ତ ଶକ୍ତି ନିୟୋଜିତ କରେ । ତେବେ କି ସେହି ରୂପର ଆକର୍ଷଣ କଣ ପ୍ରେମର ସଙ୍କେତ ? ହୁଏତ ସଂଯୁକ୍ତା ତା'ର ଚଞ୍ଚଳ କଳ୍ପନାକୁ ଆୟତ୍ତ ରି ନପାରି ଭାରସାମ୍ୟ ହରାଇଛି । ମନର ଉଦ୍ଦାମତା ସହିଗଲାପରେ ବିଥିବ ସେ ଉଚିତ କାମ କରିନି ।

ଅଳକ୍ଷ୍ୟରେ ଗୃହଶିକ୍ଷକ ପ୍ରଫୁଲ୍ଲବାବୁଙ୍କ କଥା ମନେ ପଡ଼ିଲା । ପ୍ରଣ ହାଣୀରେ ତା'ର ଆକର୍ଷଣର ଇଙ୍ଗିତ । ପ୍ରଫୁଲ୍ଲବାବୁ ସତରେ ଗୃହାନ୍ତ ଣ ?

ଛବି ଚମକି ପଡ଼ିଲା ତଳି ଗୃହଅଡ଼କୁ ଅନାଇଲା । କାନ୍ଥ ଉପରେ ଜର ବୟସ୍କ ପିତା ରାଜୀବବାବୁଙ୍କ ଛବି । ଆଖିରେ ତାଙ୍କର ଆଶା ପୂର୍ଣ୍ଣ ହାଣୀ । ସେହି ଗୃହ ଣୀ କହେ—ସମାଜ ମୋର ପଛରେ, ମୁଁ ସମାଜର ଛନଧି । ମୋର ଧନ ଅଛି, ମାନ ବି ଅଛି । ମୁଁ ଯାହା କହେ ବା କରେ ' ନଭୁଲି ।

ଏହି ସୁଶିକ୍ଷିତ, ସମ୍ଭ୍ରାନ୍ତ ରାଜୀବ ବାବୁଙ୍କର ଅଳିଅଳି କନ୍ୟା ଛବି ଯାହା କରୁଛି ସବୁ ଠିକ୍ ତ ।

ଗୃହଶିକ୍ଷକ ପ୍ରଫୁଲ୍ଲ ବାବୁ । ଅଭାବର କୃପାରେ ଟିୟୁସନ କରନ୍ତି ଟିୟୁସନ କରିବାକୁ ଆସି ତାକୁ ଆକୃଷ୍ଟ କରିବା ପାଇଁ ସର୍ବଦା ଚେଷ୍ଟିତ

ଆଖିର ପ୍ରତ୍ୟେକ ପଲକରେ ଅର୍ଥଭରା ପିପାସା । ଦୂରରୁ ଦେଖି ସମ୍ମୁ ନହୋଇ ପାଖେଇ ଆସନ୍ତି । ଓଠ ଦୁଇଟି ଥର ଥରୁଥାଏ ଉତ୍ତେଜନାରେ ପଲକ ନପକାଇ ସତେ ଅବା ପିଇଯାଆନ୍ତି ତା ଦେହ ସୁରାକୁ । କଥାରେ କଥାରେ ଅବରୁଦ୍ଧ ଅଭିଳାଷର ଅଭିବ୍ୟକ୍ତି, ପ୍ରଶଂସା ମୁଖର ସବୁବେଳେ ନିଜର ସୁପ୍ତ ଉଦ୍ଦେଶ୍ୟ ଭିତରେ ବ୍ୟସ୍ତ ରହି ଖାଲି ସ୍ୱପ୍ନ ଦେଖନ୍ତି । ସ୍ୱପ୍ନମ ଜୀବନ ତୃଷ୍ଣାର ଶିକାର ହୁଏ ସେନା ।

ଅନ୍ୟମନସ୍କା ଛବି ବେତାଳିଆ ହେଲା । ଏଣୁ ତେଣୁ ଗୁଡ଼ାଏ ଭା ଯାଉଛି ଆଉ କାନ୍ଥ ଉପରେ ଝୁଲୁଥିବା ପ୍ରତ୍ୟେକ ଛବିଟି ଉପରେ ଦୃଷ୍ଟି ପକାଉଛି । ପାଞ୍ଚବର୍ଷ ବୟସର ଏକ ଫଟୋ ଉପରେ ହଠାତ୍ ନଜର ପଡ଼ିଲା । ଛୋଟ ଛବି ଟିକେ ପ୍ରଫୁଲ୍ଲ ଥିଲା । ଦେହରେ ଖଣ୍ଡେ ଫ୍ରକ୍-ହାତରେ ସୁନାର ସରୁ ବଳାଟିଏ, ତିନିଚକିଆ ସାଇକେଲ ଉପରେ ବ ହେଣ୍ଡେଲଟିକୁ ଖୁବ୍ ଜୋର୍‌ରେ ମୁଠାଇ ଧରିଛି । ପଛପଟେ ଆୟା ସତର୍କତ ଛିଡ଼ା ହୋଇଛି ।

ଛବି ସେହି ସୁନ୍ଦର ଛବିଟିକୁ ନିଠାଇ ନିଠାଇ ଚାହିଁଲା । ଛୋଟ ଦିନ ସରସ ସୁନ୍ଦର କଥା ମନେ ପଡ଼ିଲା, ସେଦିନ ଆଉ ନାହିଁ । ପ୍ରଜାପତାର କ୍ଷୀଣ ଜହ୍ନଭଳି ମଳିଛିଆ ସ୍ମୃତି ମନେ ପଡ଼ୁଛି । ମନ ଭିତରେ ମାୟୁ ପଶିଲାଣି ।

ମସ୍ତିଷ୍କ ଭିତରେ ଭାବନାର ଭେଳା—ଗୋଟିକ ପରେ ଗୋଟିଏ ଲହରେଇ ଆସୁଛି । ଛବି ସେହି ବିଗତ ଦିନର ଉଦାର ଅତୀତକୁ ଫେରିଯିବାକୁ ଇଚ୍ଛା କରୁଥିଲା । ବର୍ତ୍ତମାନ ଜୀବନର କ୍ଳାନ୍ତିକର ଅନୁଭୂତି ମନ ଭିତରେ ମାୟୁ ରହୁଥିଲା ।

ପ୍ରଫୁଲ୍ଲ ରୁମ୍ ଭିତରେ ଛବି ପାଖକୁ ଲାଗି ଆସିଲାଣି । ଛବିର ସେ ପ୍ରତି ନଜର ନାହିଁ । ପିଜୁଳି ଡାଳକୁ ଧରାପାଟିଲା ପିଜୁଳି ଦୁଇଟିକୁ ଚୋଳ ଅଣ୍ଟୁଛି, ଚିନ୍ତାମଗ୍ନ ଛବି କାନ୍ଧ ଉପରେ ପଛପଟୁ କାହାର ହାତ ସ୍ପର୍ଶ ପାଇ ଚମକି ପଡ଼ି ପଛକୁ ଚାହିଁଲା । ଆଖିରେ ତା'ର ସ୍ୱପ୍ନ ହରିଣୀର ଚାହାଣୀ । ପ୍ରଫୁଲ୍ଲ ଛବିକୁ ଚାହିଁ ହସୁଥାଏ । ଟିକିଏ ରହି ପିଜୁଳି

ାହାକୁ ଛବିର ମୁହଁ ପାଖରେ ଦେଖାଇଲା—ଛବି ସେଇଟିକୁ ପାଟିରେ ନ ୁରାଇ ହାତରେ ଧରିଲା । ଆଖି ତାର ପିଜୁଳି ଉପରେ ନିବଦ୍ଧ ।

ସୁନ୍ଦର ଦିଶୁଛି, ଖାଇ ଦେଖ ସ୍ୱାଦୁ ଲାଗୁଛି କି ନା ! ପ୍ରଫୁଲ୍ଲ କହିଲା ।

ସୁନ୍ଦର ବୋଲିତ ଖାଉନି ।

ସୁନ୍ଦର ବୋଲି କ'ଣ ଖାଲି ଦେଖୁଥିବ, ଖାଇବ ନାହିଁ ?

ସୁନ୍ଦର ଜିନିଷକୁ ଦେଖିବାରେହିଁ ଆନନ୍ଦ ! ଖାଇଦେଲେ ସରିଗଲା ଯିନା !

ସବୁ ଯାଉନା—ଆହୁରି ବ'ଢ ଫଳିବ ।

ଏ ଗଛର ଫଳକୁ ମୁଁ ଖାଇବି ନାହିଁ ପ୍ରଫୁଲ୍ଲବାବୁ । ଗଛରେ ଏ ହିଲି ଫଳ । ଆଉ ଖାଲି ଦେଖୁଥିବି । ଇଏ ମୋ'ର ଜନ୍ମସାଥି କନା !

ମାନେ ?

ମୁଁ ଯେଉଁଦିନ ଜନ୍ମ ହେଲି, ମା' ବାପା କରିଥିଲେ ମୋର ଜନ୍ମ ନଟିକୁ ମନେ ରଖିବାପାଇଁ ସେ ଗୋଟିଏ ପିଜୁଳି ଗଛ ଲଗାଇବ । ମୁଁ ଢ଼ିବା ସଙ୍ଗେ ସଙ୍ଗେ ଏ ଗଛ ମଧ୍ୟ ବଢ଼ିଚାଲିଛି । କାଲି ତାକୁ ଷୋହଳ ବର୍ଷ ହିବ ।

ତାହା ହେଲେ କାଲି ତମର ଜନ୍ମଦିନ ଛବି ?

ହଁ ।

ପ୍ରଫୁଲ୍ଲ ଆଉ କିଛି ନକହି ସେହି ବଗିଚା ଭିତରୁ ଫେରିଗଲା । ପଛକୁ ତର ଫେରି ସୁଦ୍ଧା ଅନେଇଲା ନାହିଁ ।

ପ୍ରଫୁଲ୍ଲର ଏହି ଅପ୍ରତ୍ୟାଶିତ ପ୍ରସ୍ଥାନକୁ ବିସ୍ମୟ ଆଖିରେ ଅନାଇ ନାଉ ଅସ୍ପଷ୍ଟ ଭାବରେ ଉଚ୍ଚାରଣ କଲା ଛବି—ଆଶ୍ଚର୍ଯ୍ୟ ।

ଅଜୟ ଆଶ୍ଚର୍ଯ୍ୟ ହେଲା ମନେ ମନେ—ସୁଜାତା କଥା ହେଉ ମଧ୍ୟ ଥିଲା ନାହିଁ । ତା' ମନକଥା ବୁଝିବାକୁ ଯେତେ ଚେଷ୍ଟା କଲେ ମଧ୍ୟ ଝୁହେଲା ନାହିଁ । ସବୁଦିନ ଭଳି ଅଫିସ ଯାଉଛି, ଯାହା କାମ ଥାଏ

କରିଦେଇ ମନମାରି ବସୁଛି । କାହା ସଂଗରେ ମିଶୁନାହିଁ କି କିଛି କହୁନାହିଁ ସବୁବେଳେ ଚିନ୍ତାମଗ୍ନ ।

କ'ଣ ଏହାର କାରଣ ହୋଇପାରେ ? ସୁଜାତା ମୁହଁକୁ ଚାହିଁଲେ ଜଣା ପଡ଼ୁଛି ସେ ଯେମିତି ଅନ୍ୟମନସ୍କ । ଅଧରରୁ ଖୋଲା ହସଟିକୁ କିଏ ଯେମିତି ପୋଛି ନେଇଛି । ଢଳଢଳ ଡୋଳା ଦୁଇଟିର ଛଳଛଳ ଚାହାଣୀକୁ କିଏ ଯେପରି ଆବଦ୍ଧ କରି ଦେଇଛି । ରହିଛି କେବଳ ସୁଜାତା ତାହାର ଛାଇଟି । ସେ ହସେ ନାହିଁ କି କାହାରି ସଙ୍ଗରେ ମିଶେ ନାହିଁ । ମୁଖମଣ୍ଡଳରେ ବିତୃଷ୍ଣାର ଛାୟା । ସଂସାର ପ୍ରତି ବିତଶ୍ରଦ୍ଧ । ହୁଏତ ମନକୁ ଘୁଣ ଖାଉଛି ।

କଥା ଅଜୟ ଆତୁର ହେଲା । ପ୍ରାଣ ତା'ର ବିକଳ ହେଲା—ନିଜ ପାଇଁ ନୁହେଁ, ସୁଜାତା ପାଇଁ ।

ବରୁଣ ବାହାରେ କବାଟ ଧଡ଼ ଧଡ଼ କଲା । ବୀରେନ୍ଦ୍ରର ଚାପା ଗଳା ଶୁଭୁଛି । ସେ କୌଣସି ପାଶ୍ଚାତ୍ୟ ସଂଗୀତର ସୁର ଖୋଜୁଛି ବୋଧହୁଏ । ହଠାତ୍ ଧରା ନ ପଡ଼ି ଖାଲି ଭଅଁର ଭଳି ଗୁଣୁ ଗୁଣୁ ହେଉଛି ।

ଅଜୟ କବାଟ ଖୋଲିଲା ପରେ ବରୁଣ କରମର୍ଦ୍ଦନ କରିବା ସକାଶେ ଉତ୍ତେଜନା ସହ ହାତ ହଟାଇଲା । ବୀରେନ୍ଦ୍ର କିନ୍ତୁ ଅଜୟକୁ କରମର୍ଦ୍ଦନ କରିବାକୁ ମନା କରିବାରୁ ତା ଉପରେ ଚେରାପୁଞ୍ଜିର ବର୍ଷା ଭଳି ଅଜାଡ଼ି ଦେଲା ଅଜସ୍ର ଅପମାନ ।

"ତୁ ଏତେ ରାଗି ଯାଉ କାହିଁକି ବରୁଣ ? ଅଜୟ ପଚାରିଲା ।"

"ଚିଡ଼ିବା କଥା ନ ହେଲେ ମଣିଷ ରାଗେ ନାହିଁ ।"

"ଅଧେ ଚଡ଼ଚଡ଼ିଆ ପ୍ରକୃତିର ଲୋକ ଥାଆନ୍ତି—ତୁଚ୍ଛାଟାରେ ରାଗନ୍ତି ।" ବୀରେନ୍ଦ୍ର ପ୍ରତିବାଦ କଲା ।

"ଦୁନିଆରେ ସବୁ ଜିନିଷର କ୍ରିୟା ପ୍ରତିକ୍ରିୟା, କାର୍ଯ୍ୟ କାରଣର ସମ୍ପର୍କ ରହିଛି ।" ବରୁଣ ଉତ୍ତର ଦେଲା ।

"ତୁମର କ୍ରିୟା କ'ଣ କହିଲ ?" ଅଜୟ ପଚାରିଲା ।

"କ୍ରିୟା କିଛି ନୁହେଁ, ଅଟେ ବରୁଣ ପାଖରେ ସବୁକିଛି । ଧନୀ ଗୋପାଳବାବୁଙ୍କୁ ତୁ ଜାଣିଥିବୁ—ରାଜୀବବାବୁଙ୍କର ପ୍ରତିବେଶୀ ସିଏ ।

।ଙ୍କର ତରୁଣୀ ଝିଅ ସନ୍ଧ୍ୟା ସଙ୍ଗରେ କ'ଣ ଢ଼'ପଦ କଥା ହେଲୁବୋଲି
।ର ଏତେ ଆନନ୍ଦ !" ବୀରେନ୍ଦ୍ର ଅଜୟ୍ନ ଉଦ୍ଦେଶ୍ୟରେ କହିଲେ ।

"କି କଥା କରେ ?"

"ସେ କଥା ଆଉ କହନା ଭାଇ ! ମନେ ପଡ଼ିଗଲେ ଛାତି ଥରୁଛି, ଛାତି ଭିତରର କଲିଜା ଧଡ଼ପଡ଼ ହେଉଛି । ସେ ଯେଉଁ ଆଖି ଦୁଇଟିର ମନହରଣା କଟାକ୍ଷ, ମୁଲାୟମ ଓଠ ଦୁଇଟିର ମୁଚୁକି ମୁଚୁକି ହସ......ଆଉ କହି ହେଉନାହିଁ ଅଜୟ୍ନ ! ସେ ଖାଲି ଅନୁଭବ କରିବା କଥା । ତାର ବର୍ଣ୍ଣନା କରିବାକୁ ଭାଷା ନାହିଁ । କଥା କହି ହୃଦୟ୍ନ ନେଇଗଲା । ହୃଦୟ୍ନ ମୋର ତା ହୃଦୟ୍ନ ଭିତରେ ମିଶି ଯାଇଛି । ମୁଁ ଆଉ ବି ଆଉ ନାହିଁ । ମୁଁ ଆଉ ମୋର ବଶର ହୋଇ ରହିନାହିଁ । ମୋର ଭିତରେ ସନ୍ଧ୍ୟା ନାଚୁଛି ଆଉ ସନ୍ଧ୍ୟ ଭିତରେ......"

"ଗୁଡ଼ ଆଉ ଛାଡୁ ! ପାଗଳ ଭଳି ପ୍ରଳାପ କରନା ବରୁଣ ! ଶୁଣିଲେ ଲୋକ ହସିବ । ଯଦି କବିତା ଲେଖି ପାରୁଥାନ୍ତ—ତାହାହେଲେ......"

"କବି ଆଉ କଣ ଗଛରେ ଫଳନ୍ତି ନା' ଆକାଶରୁ ଖସନ୍ତି ! ଏଇ ଆମର ଅଜୟ୍ନ ତ' ପୁଣି ଜଣେ ଲବ୍ଧପ୍ରତିଷ୍ଠ କବି । ସବୁ ପତ୍ରପତ୍ରିକାରେ ତାର ଲେଖା ବାହାରୁଛି । ବାସ୍ତବିକ୍ ଅଜୟ୍ନ, ବିଶ୍ୱାସ କର—ଆଜି ମୁଁ ଯାହା ଦେଖିଲି ଅକବି ହେଲେ ବି କବି ହେଇଯିବ ।" ବରୁଣ କଥାରେ ଜୋର୍ ଥିଲା ।

"ସେ ପୁଣି କେମିତିକା ?" ଅଜୟ୍ନ ପଚାରିଲା ।

"ମୁଁ କଣ କହି ପାରୁଛି ଅଜୟ୍ନ ! ସେ ଖାଲି ଅଧେ ଢୋକ ଅଧେ ବ୍ୟକ୍ତ କରୁଥାଏ । ଦେହ ଉପରେ ଖେଳୁଥାଏ ଉଲ୍ଲାସର ଲହରୀ । ଓଠ ଦୁଇଟି ଉତ୍ତେଜନାରେ ଥର ଥର ହଉଥାଏ । ତାର ଆଖି, ନାକ, କାନ ପ୍ରଭୃତି ପ୍ରତ୍ୟେକ ଅଙ୍ଗ କହୁଥାନ୍ତି—ସିଏ ମୋର ପ୍ରେମପାଗଳୀ ! ତାର ମନ ଆଉ ଶରୀର ମୋତେ ହିଁ ପାଇବାକୁ ବ୍ୟାକୁଳ । ତାର ଆଶା ଆଉ ଅଭିଳାଷର ଚରମ ଅଭିବ୍ୟକ୍ତି କେବଳ ମୁଁହିଁ ।" ବରୁଣ ତାପରେ ଭାବ ବିଭୋର ହୋଇ ବୀରେନ୍ଦ୍ର ମୁହଁକୁ ଚାହିଁଲା । କିନ୍ତୁ ବୀରେନ୍ଦ୍ରକୁ ନୀରବ ରହିଥିବା ଦେଖି ସମର୍ଥନ ପାଇବା ଉଦ୍ଦେଶ୍ୟରେ କହିଲା—"କ'ଣ କହୁଛୁ ବୀର ?"

"ଯୁବକମାନଙ୍କ ଦେହରେ ଗୋଟିଏ ରୋଗଥାଏ ତୁ ଜାଣୁ ?"

"ମୋର କ'ଣ ରୋଗ ହୋଇଛି ବୀର ?"

"ତୋର କେବଳ ନୁହେଁ—ତୋର ଶ୍ରେଣୀର ସମସ୍ତ ଉଗ୍ରଙ୍କ ଯୁବକମାନଙ୍କର ସେହିଭଳି ରୋଗ ଥାଏ ।"

"ସେ ରୋଗର ନା ?"

"ପ୍ରେମ !"

"ପ୍ରେମ କ'ଣ ଗୋଟାଏ ରୋଗ ?"

"ରୋଗ ନୁହେଁ ତ ଆଉ କଣ ? ଭଲ ମନ୍ଦ ଆଉ ଅତୀତ ଭବିଷ୍ୟତ କଥା ନ ଭାବି ଜଣକୁ ମନେ ମନେ ପ୍ରେମ କରି ବସିବ । ଅସମ୍ଭବ କଳ୍ପନାରେ ମସ୍‌ଗୁଲ ରହି ସୁନାର ସୌଧ ନିର୍ମାଣ କରିବ । ଅନ୍ୟ ଜଣକ ସତରେ ତୁମ ପ୍ରତି ଆକୃଷ୍ଟ କିନା ବୁଝିବାପାଇଁ ଚେଷ୍ଟା ବି କରିବ ନାହିଁ । ମନର ଏହି ଅସମ୍ଭବ ଖିଆଲକୁ ଯଦି ପ୍ରେମ କୁହାଯାନ୍ତା, ତେବେ ପ୍ରେମ ପାଇଁ ଦୁନିଆରେ ହଇଚଇ ପଡ଼ନ୍ତା ନାହିଁ ।"

"ତୋର ମନସ୍ତତ୍ତ୍ୱ ବିଷୟରେ କିଛି ଧାରଣା ନାହିଁ ଦେଖୁଛି । ମନ ଭିତରେ ଚମ୍ବକର ଶକ୍ତି ଅଛି ବୀରେନ୍ଦ୍ର ! ମନ ଆଉ ଗୋଟିଏ ମନକୁ ଆକର୍ଷଣ କରେ । ସନ୍ଧ୍ୟାକୁ ମୁଁ ଭଲପାଏ । ସିଏ ଜୀବନଠାରୁ ଅଧିକ ପ୍ରିୟ ବୋଲି ମାନି ନେଇଛି । ଏପରି ସ୍ଥଳେ ସନ୍ଧ୍ୟା ଯେ କାହିଁକି ମୋ ପ୍ରତି ଆକୃଷ୍ଟ ନ ହେବ— ତାର କିଛି କାରଣ ନାହିଁ । ସନ୍ଧ୍ୟା ପ୍ରତି ମୋ ମନରେ ଯେଉଁ ପ୍ରେମ ଜାଗି ଉଠିଛି, ତାହା ଦବସର କିରଣ ଭଳି ନିରୋଳା ଆଉ ପରିଷ୍କାର । ସନ୍ଧ୍ୟା ନିଶ୍ଚୟ ମୋତେ ପ୍ରେମ କରେ ।"

"କେମିତି ଜାଣିଲୁ ? ପଚାରିଛୁ ?" ବୀରେନ୍ଦ୍ର କହିଲା ।

"ପଚାରିଲେ ଆଉ କ'ଣ ଅଧିକା ହେବ ? ମୋତେ [illegible] ବେଳେବେଳେ ଫୁଲି ଉଠେ । ଗୋପାଳବାବୁ ପାଖରେ ଥିଲେ ଲାଜେଇ ଯାଇ ଖାଲି ଚାହାଣୀରେ ଇଙ୍ଗିତ ଦିଏ । ମୁଁ ତାକୁ ପ୍ରଶଂସା କଲେ ସେ କୃତକୃତ୍ୟ ହୁଏ । ମୁଗ୍ଧ ହୋଇ ମୋ ମୁହଁକୁ ଅନାଇରୁହେ ।"

"ତା' ନାରୀ ଚରିତ୍ରର ଏକ ଦୁର୍ବଳତା ।"

"ଦୁର୍ବଳତା ନୁହେଁ ବୀର ! ଅନେକ କଥା ତ' ଭିତରେ । ଏକାନ୍ତରେ
ଦେଖା ହେଲେ ଫୁଲ ଉଠେ ସେ । ଅଙ୍ଗସାରା ଖେଳୁଥାଏ ପୁଲକର କମ୍ପ ।
ଅନେକ କଥା କହିବ ବୋଲି ଇଚ୍ଛା କରିଥିଲେ ବି—ସବୁ ତ' ସବୁ
କହିଣୁ ତା କଣ୍ଠ ବାଷ୍ପ ରୁଦ୍ଧ ହୁଏ । କିଛି କହି ପାରେନି'—ଆନନ୍ଦରେ
ଫୁଲି ଉଠି ପଳାଇଯାଏ ଭିତରକୁ ।"

"ସିଏ କିଛି ହେଲେ କହି ପାରିବନି ବରୁଣ ! କାରଣ କହିବାକୁ
ତାର କିଛି ନାହିଁ । ସେ ନିଶ୍ଚୟ ଦିନେ କିଛି ନ କହି ତୋର ଆଗରେ
ଫିଟିବ । ଶେଷରେ ଏମିତି ସ୍ଥାନରେ ବସି ଯାଇ ପହଞ୍ଚିବ, ଯେଉଁଠି ତୁ
ଛୁଇଁ ପାରିବୁନି, କି ଦେଖି ମଧ୍ୟ ପାରିବୁନି ।"

"ମୁଁ ତାକୁ ନ ଦେଖି ରହି ପାରିବିନି ବୀରେନ୍ଦ୍ର ! ସେ ଯେ ମୋର
ଅତି ପ୍ରିୟ !"

"ଅତି ପ୍ରିୟ ଜିନିଷ ସବୁବେଳେ ଖସିଯାଏ ବରୁଣ—ଠିକ୍ ଆମର
ଜୀବନ ଆଉ ଯୌବନ ଭଳି ।"

ବରୁଣ ଦୁଃଖିତ ହେଲା । କୌଣସି ତରୁଣୀର ଆଲୋଚନା ପଡ଼ିଲେ
ଅଧିକ ଆଗ୍ରହ ଦେଖାଏ ବରୁଣ । ସତେ ଯେମିତି କଟକ ସହରର ସମସ୍ତ
ସୁନ୍ଦରୀ ଝିଅମାନଙ୍କ ସହିତ ସେ ଖୁବ୍ ପରିଚିତ । ପ୍ରତ୍ୟେକଙ୍କ ବିଷୟରେ
ସେ ପ୍ରଶଂସା କରେ । ତା ଚରିତ୍ରର ଏହା ଗୋଟିଏ ଉଲ୍ଲେଖଯୋଗ୍ୟ ବିଶେଷତ୍ୱ ।

ବୀରେନ୍ଦ୍ର କିମ୍ବା ଅଜୟ ନିକଟରୁ କୌଣସି ସମର୍ଥନ ନ ପାଇ ମେସ୍
ଘରୁ ନିଷ୍କ୍ରାନ୍ତ ହେଲା ବରୁଣ ।

ଅଜୟ ଚିନ୍ତା ଭିତରେ ବୁଡ଼ି ଯାଇଥାଏ ।

ବୀରେନ୍ଦ୍ର ମେସ ଝରକା ପଟେ ଦେଖା ଦେଇ ଚାଲି ଯାଉଥିବା ଛାତ୍ର
ଦଳକୁ ନିରେଖି ଚାହିଁଥାଏ । ମେହ୍‌ସାରା ଗୁଞ୍ଜରିତ କରୁଥାଏ ନିରୋଳା
ନୀରବତା ।

ଦାଣ୍ଡ କବାଟକୁ ଖୁବ୍ ଜୋରରେ ପେଲି ଦେଇ ଭିତରକୁ ପଶି
ଆସିଲା ପ୍ରଫୁଲ୍ଲ । ମୁହଁରେ ତା'ର ବ୍ୟସ୍ତତାର ବିଭୂତି ।

"ନମସ୍କାର ପ୍ରଫୁଲ୍ଲ ଭାଇ"—ବୀରେନ୍ଦ୍ର ହାତ ଯୋଡ଼ିଲା । ଉଦ୍ଭ୍ରାମୀ ଦୃଷ୍ଟିରୁ
ସେ ନମସ୍କାର ଜଣାଇବାକୁ ପ୍ରଫୁଲ୍ଲ ଭୁଲିଗଲା । ଅଜୟଙ୍କ ପାଖରେ ବସିଥିବା

ଦେଖି ଡରଡର ହୋଇ କହିଲା, ଟିକିଏ ଶୁଣିଯା ବୀରଭାଇ ! ଅତି ଜରୁ
ଖବର !'

ବୀରେନ୍ଦ୍ର ପ୍ରଫୁଲ୍ଲ ପାଖକୁ ଯାଇ ଅତି ସନ୍ତର୍ପଣରେ ପଚାରିଲା

'କଥା କଣରେ ?'

ପ୍ରଫୁଲ୍ଲ ତାକୁ ଆଉ ଟିକିଏ ଦୂରକୁ ଡାକିନେଇ ରହି ରହି ପଚାରିଲା— ମୋତେ ଟିକିଏ ସାହାଯ୍ୟ କରିବୁ ବୀରଭାଇ !'

'କାୟିକ ନା ମାନସିକ ?'

'ଆର୍ଥିକ, ଅବଶ୍ୟ ଓଳିକ ସକାଶେ ।'

'ସେ କି ସମ୍ଭବ ପ୍ରଫୁଲ୍ଲ ? ଆଜିପରା ମାସର ଶେଷଦିନ ।

'ନହେଲେ ମୁଁ ଶେଷ ହୋଇଯିବି ବୀର !'

'ଆଜି ରାତିଟା ପାହି ଯାଉ ! ରାତି ପାହିଲେ ଦରମା ! ଶକ୍ତି ଅନୁସାରେ ସାହାଯ୍ୟ କରିବି ।'

ଖିଲୁ ଆସି 'ଆଉ ଟିକିଏ ଯୋଗାଡ଼ କରିଦେନା ।' ବନ୍ଧୁ ବୋଲି ଆଶାକରି ତେ

'ଭୁତ...—ନହେଲେ ହତାଶ ହେବି ।'

ଦରମ ଖିଆ ...ାଣୁ ପ୍ରଫୁଲ୍ଲ ! କିରାଣିର ସଖା କେବଳ କିରାଣି । ମୋ
ମାସର ପ୍ରଥ... ଅଫିସର କରନ୍ତିଡ଼ା ଦିଏ । ଧନୀ ବନ୍ଧୁ ଦୂରେଇ ଯାଏ
ହୋଇ ...ମ ସପ୍ତାହ ଶେଷହେବା ସଙ୍ଗେ ସଙ୍ଗେ ଦରମା ଗଣ୍ଡାକ ଶେ
ମୁଁ ...ଇଥାଏ । ତା ପରେ ଧାର ଉଧାର ଆଉ ଫାଙ୍କା ପ୍ରତିଜ୍ଞାର ବନମସ୍ତୁ
କେମିତି କଣ କରିବି କହିଲୁ ! ଥିଲାବାଲା କାମ ନଥିଲାବେଳେ ନା
ଠିକନ୍ତି । ଦେବାକୁ ପଡ଼ିବାରେ ଭୟ, ବାଟଭଙ୍ଗି ଚାଲି ଯାଆନ୍ତି । ଏହା
ଆମର ଜୀବନ ! ଜୀବନ ନୁହେଁ ଯେ ଜୀବନ୍ତ ମରଣ । ନିଜକୁ ବିଟେ
ଚଳାଇବା ଦୁସ୍ତର, ସେ କ୍ଷେତ୍ରେ ବନ୍ଧୁ ବନ୍ଧୁକୁ ସାହାଯ୍ୟ କରିବା କା
ସମ୍ଭବ ! ତୁ ମୋତେ ବିଶ୍ୱାସ କର ପ୍ରଫୁଲ୍ଲ । ମୋ' ପାଖରେ କିଛି ନାହିଁ
କହିବୁ ଯଦି ମୋ' ନାଁରେ ଦୋକାନରୁ ସଉଦା କରାଇ ଦେବି ।'

'ଦୋକାନରୁ ସଉଦା ପରିବ ଟେକି ଟଙ୍କା କେଇଟା ଯଦି ଯୋଗାଡ଼ କ
ଦିଅନ୍ତୁ, ମାନ ବଞ୍ଚି ଯାଆନ୍ତା ।'

‘ଦୋକାନୀ ଜିନିଷ ବଏ ଦେଢ଼ା ଦରରେ ସୁଧ ଭିଡ଼ି, ସେ ଟଙ୍କା ଧାର
ଏ ନା’ ପ୍ରଫୁଲ୍ଲ ।’

‘ସୁଧ ଦେବ ପଛକେ ଟଙ୍କା ଯୋଗାଡ଼ କର ।’

‘ସୁଧ ପାଇବାକୁ ଆଗାଉଣି ମହାଜନ ହାତରୁ ଟଙ୍କା ଛାଡ଼େ ନାହିଁ
ନିଷ ବନ୍ଧା ଦେବାକୁ ହୁଏ ।’

ମୋର ଏହି ଘଣ୍ଟା ସାଇକଲ ସବୁ ଦେବାକୁ ପ୍ରସ୍ତୁତ ଅଛି ବୀର !
ଯା’ର ପଚିଶଟି ଟଙ୍କା ଦରକାର । ଦରମା ପାଇବା ସଙ୍ଗେ ସଙ୍ଗେ ସୁଧ ସହ
ଙ୍କା ଦେଇ ଜିନିଷ ମୁକୁଳେଇ ନେବି । ଟିକିଏ ଚେଷ୍ଟାକର ବୀରଭାଇ !
ନ ବାଞ୍ଛା ।’

ଅଜୟ ସେହିବାଟେ ଦେଇ ବଜାରକୁ ଯାଉ ଯାଉ ଚିନ୍ତା ବିବ୍ରତ
ପ୍ରଫୁଲ୍ଲକୁ ଭେଟିଲା । ଅଜୟର ଛାଇ ଦେଖି ପ୍ରଫୁଲ୍ଲ ଟିକିଏ ଧିମେଇ ଗଲା । ସେ
ଚାଲି ଯିବା ପରେ ଅସ୍ୱସ୍ତିର ନିଶ୍ୱାସ ମରୁଛି ଶୁଣିଲା ବୀରେନ୍ଦ୍ର କହୁଛି—
ସାଇକଲ ଆଉ ଏ ପୁରୁଣା ଘଡ଼ି ଉପରେ ମହାଜନର ବିଶ୍ୱାସ ନାହିଁ ପ୍ରଫୁଲ୍ଲ !
ତା’ର କେବଳ ସୁନା ଦରକାର । ତୋଳାଏ ସୁନାକୁ ପଚିଶ ଟଙ୍କା ଦେବ ।’

“ତୋଳାଏ ସୁନା !” ପ୍ରଫୁଲ୍ଲ ହତାଶିଆ କଣ୍ଠରେ କହିଲା !

“ହଁ, ହଁ ତୋଳାଏ ସୁନା ! ତୋଳାଏ ସୁନାରେ ମାତ୍ର ପଚିଶ ଟଙ୍କା
କରଜ ! ରାତି ପାହି ଦିନ ବାରଟା ବାଜିଲେ ଛ’ଟଙ୍କା ଚାରିଣା ସୁଧ । ଜବାବ
କର ଟଙ୍କା ଆଣିଥିଲେ ବେଳ ବୁଡ଼ିଲା ବେଳକୁ ଜିନିଷ ବୁଡ଼ିଯିବ ! କିନ୍ତୁ
ତୋର କି କାମ ଶୁଣେ ।”

“କାମ ଅତି ଜରୁରୀ ବୀରେନ୍ଦ୍ର, ଅତି ଜରୁରୀ !”

“ବାପାଙ୍କ ପାଖରୁ ଟେଲିଗ୍ରାମ ଆସିଛି ?”

“ନା ।”

“ମାଆର ଦେହ ବ୍ୟସ୍ତ ?”

“ନା ।”

“ଭାଇର କଲେଜରୁ ନାଁ କଟିଯାଇଛି ?”

“ତା ବି ନୁହେଁ ।”

“ହୋଟେଲ୍ ମାଲିକ ମିଲ୍ କ’ଣ ବନ୍ଦ କରିଛି ?”

"ସେ ସବୁ କିଛି ନୁହେ ବୀର ! ତୁ ବୁଝି ପାରିବୁ ନାହିଁ ।"

"ନ କହିଲେ ଆଉ ବୁଝିବି କେମିତି ! ଅନୁମାନକର ଯାହା କହିଲି ସି
ଯଦି ମୋର ଅନୁମାନ ଭିତରୁ ଗୋଟିଏ ହେଲେ କାରଣ ନୁହେ, ତେବେ
ଅନ୍ୟ କିଛି କାର୍ଯ୍ୟକୁ ମୁଁ ଜରୁରୀ ମନେ କରେନା ।"

"ଏହାଛଡ଼ା ଆଉ କ'ଣ ଦୁନିଆରେ ଜରୁରୀ କାମ ନାହିଁ ?"

"ଅଛି, ହୁଏତ ବନ୍ଧୁ ବେରାମ ଥାଇପାରେ, ଘରବାଲା ଭଡ଼ା ପ
ତାଗିଦ୍ କରୁଥିବ କିମ୍ବା କାଳି ଶୁଝି ପାରୁ ନଥିବାରୁ ମହାଜନ ଆସି ଦୁଆ
ମାଡ଼ି ବସିଛି । ଏସବୁ ବ୍ୟତୀତ ଆଉ ଯେ କିଛି ଦୁନିଆରେ ଏତେ ଜରୁରୀ କା
ଅଛି, ମୁଁ ତାହା କଳ୍ପନା କରି ପାରୁନାହିଁ ।"

"ମୁଁ ଜାଣେ, ତୁ କିଛି ହେଲେ ବୁଝି ପାରିବୁନି । ଏହି ସମ
ଉପରେ ମୋ' ଜୀବନର ଭବିଷ୍ୟତ ନିର୍ଭର କରୁଛି ।"

"ବର୍ତ୍ତମାନ ତ ନିର୍ଭର କରୁନି, ଭବିଷ୍ୟତ କଥା ପଛକୁ ବୁଝିବ
ରାତିଟା ଅନ୍ତତଃ ପାହିଯାଉ ।"

"ସବୁ ଅଦଳ ବଦଳ ହୋଇଯିବ ବୀର ! ମୋତେ ଉପାୟ
ବତା........"

"ବିଷୟଟା'କଣ ନ କହିଲେ..."

"କହିଲେ କ'ଣ ସାହାଯ୍ୟ କରିବୁ ?"

"ନିଶ୍ଚୟ !"

"ଛବିର କାଲି ଜନ୍ମଦିନ । ତାକୁ ସକାଳ ଦଶଟା ସୁଦ୍ଧା କିଛି
ଉପହାର ଦେବାକୁ ହେବ । ଭାବିଛି ପଚିଶ ଟଙ୍କା ଭିତରେ ଜର୍ଜେଟ୍ ବା
ନାଇଲନ୍‌ରୁ ବାଛି ଯୋଡ଼ାଏ ଶାଢ଼ୀ ନେଇଯିବି । ଯଦି ତା' ଭିତରେ
ଆଡ୍‌ଜଷ୍ଟ କରିହୁଏ, ଗୋଟାଏ ଦିଟା ଆଧୁନିକ ନଭେଲ ନେବି ଆଉ..."

"ଥାଉ ପ୍ରଫୁଲ୍ଲ, ସେତିକି ଥାଉ, ଯଥେଷ୍ଟ କହିଲଣି । ଛବି ପାଇଁ ତୁ
ତୋର ସମ୍ମାନକୁ ବନ୍ଧା ଦେଇ ଟଙ୍କା କରଜ କରିବୁ ? ଗରିବ କିରାଣି ତୁ
ସତୁରୀ ଟଙ୍କାର ମୁଣ୍ଡ ! ମାସ ସାରା ଚଳିବୁ କେମିତି ? ଛବି ଧନୀପିତାର
ଅଲିଅଳି କନ୍ୟା ! ଜନ୍ମଦିନର ଉପହାର ସ୍ୱରୂପ ଅଜସ୍ର ଟଙ୍କାର ବହୁମୂଲ୍ୟ
ସାମଗ୍ରୀ ପାଇବ । ତୋର ଏହି ପଚିଶଟଙ୍କାର ସମାନ୍ୟ ଶାଢ଼ୀ ନେଇଛି ତ

ଭିତରେ ଲୁଚିଯିବ କୁଆଡ଼େ । ବରଂ ତୁ ଚୁପ୍ ରହିଲେ ବିଶେଷ ଭଲ ହବ ।”

“କିନ୍ତୁ ଛବି ଭାବିବ କ'ଣ ?”

“ତୋ କଥା ଭାବିବାକୁ ତାର ମତେନ ପଡ଼ିବନି, ପ୍ରଫୁଲ୍ଲ ! ହୁଏତ ଅନେକ ବନ୍ଧୁ ତାର ଜୁଟିବେ । ହସଖୁସିର ଆଳାପ କରୁ କରୁ ବେଳ ବୁଲେଇବ ନାହିଁ । ତୁ ମିଛଟାରେ ବ୍ୟସ୍ତ ହେଉଛୁ ଯାହା ।”

“କିନ୍ତୁ ସେ ମୋତେ ଭଲପାଏ ବୀର ! ତୁ ବିଶ୍ୱାସ ସୁଦ୍ଧା କରିପାରିବୁ ନାହିଁ, ମୋ ଉପରେ ତା'ର ସ୍ନେହ ଆଉ ଶ୍ରଦ୍ଧା କେତେ ।”

“ତାକୁ କେତେ ଦିନ ହେଲା ଚିହ୍ନିଛୁ ?”

“ଅନେକ ଦିନ ହେଲା ବୀର—ଦୀର୍ଘ ଚାରି ବର୍ଷ ଧରି ।”

“କିନ୍ତୁ ନାରୀକୁ ଚିହ୍ନିବାକୁ ଅନେକ ଦିନ ଲାଗେ ପ୍ରଫୁଲ୍ଲ ! ତଥାପି ଚିହ୍ନି ହୁଏନା । ବିଶ୍ୱ ସୃଷ୍ଟିରେ ସେ ଏକ ମସ୍ତବଡ଼ ପ୍ରହେଳିକା ! ଇନ୍ଦ୍ରଜାଲର ଫାଶ ଧରି ସେ ଖେଳେ ଆଉ ଖେଳାଏ । କିନ୍ତୁ ମନ ଭିତରେ ଟିକିଏ ହେଲେ ମମତା ନ ଥାଏ—ଖାଲି ମାୟା !”

“ସେ ମାୟାବିନୀ ନୁହେଁ ବୀର ! ଛାତ୍ରୀ ଭାବରେ ଯା' ସହିତ ମୋର ଦୀର୍ଘ ଚାରି ବର୍ଷର ଅନୁଭୂତି ସଂପୃକ୍ତ, ତାକୁ ମୁଁ ଚିହ୍ନି ପାରିବି ନାହିଁ ? ତାକୁ ପିଲାବେଳୁ ପାଖରେ ବସାଇ ପଢ଼ାଇ ଆସିଛି । ସେ ମୋତେ ପିଲାବେଳୁ ଭଲ ପାଇ ଆସିଛି । ଆଜି ତରୁଣୀ ହେଲା ବୋଲି କ'ଣ ଭୁଲି ଯାଇପାରେ ?”

“ବାଳିକା ଆଉ ତରୁଣୀ ଭିତରେ ଅନେକ ତଫାତ୍ ପ୍ରଫୁଲ୍ଲ ! ଯେପରି କଳି ଆଉ ପ୍ରସ୍ଫୁଟିତ କୁସୁମ । ପିଲାବେଳର ସରଳା ଛାତ୍ରୀ ଶିକ୍ଷକ ଭାବରେ ହୁଏତ ତୋତେ ଭକ୍ତି ଆଉ ଶ୍ରଦ୍ଧା କରି ଆସିଥିବ, ତୁ ତାକୁ ପ୍ରେମ ବୋଲି ଭାବି ନେଇଛୁ । ଆଜି କିନ୍ତୁ ତରୁଣୀ ମନର ଉଚ୍ଛ୍ୱାସ ଭିତରେ ତୋତେ ଭଲ ପାଇ ନ ପାରେ । ଆଖି ଆଗରେ ତାର କେତେ ଧନୀ ଘରର ଯୁବକ ଚକର କାଟୁଥିବେ । ସେ ଆଉ ଅତୀତର ଦରିଦ୍ର ଶିକ୍ଷକକୁ କିଣ ଭଲପାଇ ଭୁଲ କରି ବସିବ ?”

"ଏବେ ମଧ୍ୟ ସେ ଏକାକିନୀ—ମୋ ବ୍ୟତୀତ ଆଉ କାହା ସଂସ୍ପର୍ଶରେ ଆସିନି ସେ ।"

"ଏହା ତୋର ନିଜସ୍ୱ ଧାରଣା । ସେ ହୁଏତ ଏ ମଧ୍ୟରେ ଅନେକ ବନ୍ଧୁ ଯୋଗାଡ଼ କରି ନେଇଥିବ । ତରୁଣୀଙ୍କୁ ଅନେକ ବନ୍ଧୁ ମିଳନ୍ତି ପ୍ରଫୁଲ୍ଲ ! ବୟସ ଥିବା ପର୍ଯ୍ୟନ୍ତ ସେ ସାଥିହରା ହୁଏନି । ବିଶେଷତଃ ଧନୀ ଦୁଲାଲୀର ପ୍ରେମ ନିର୍ଭରଯୋଗ୍ୟ ନୁହେଁ । ପଦ୍ମପତ୍ରର ଜଳ ଭଳି ତା' ଟଳ ଟଳ । ତା ମନ ଭିତରେ ଘଡ଼ିକେ ଘୋଡ଼ା ଛୁଟେ । ଆଜି ଜଣକ କଥା ଭାବୁଥିବ ତ କାଲି ସେ କଥା ସ୍ୱପ୍ନର ସ୍ମୃତି ଭଳି ବିଲୀନ ହୋଇ ଯାଇଥିବ । ଛବି ଧନ ପିତାର ଅଲିଅଳି କନ୍ୟା, ଆଉ ତୁ ଗରିବ କିରାଣି । ଦାରମା ଅଣ୍ଟେ ନାହିଁ ବୋ ଶିକ୍ଷକତା କରୁ ।"

"ତାକୁ ମୁଁ କାଲି ପରୀକ୍ଷା କରିବି ।"

"ସେ ପୁଣି କେମିତି ?"

"ଗାଡ଼ୀ ନେଇ ପିନ୍ଧିବାକୁ କହିବି । ଯଦି ଅନ୍ୟ ସବୁ ଗାଡ଼ି ପରିତ୍ୟାଗ କରି ମୋ କଥା ମୁତାବକ ବେଶ ଚର୍ଚ୍ଚା କରିବ, ଜାଣିବି ସେ ମୋତେ ଭଲପାଏ । ତୁ ଖାଲି ଉପାୟ କହ ବୀର, ଟଙ୍କା କେମିତି ଯୋଗାଡ଼ ହେବ !"

"ଟଙ୍କା ଯୋଗାଡ଼ ନ ହେଲେଇ ରକ୍ଷା ! ତୋ ପ୍ରସ୍ତାବରେ ମୁଁ ସମ୍ମତ ହୋଇ ପାରୁନି ପ୍ରଫୁଲ୍ଲ ! ବରଂ ସେହି ପରୀକ୍ଷାର ଟଙ୍କା ଲଗାଇ ତୋର ଏହି ଦାଦରା ସାଇକେଲର ପାର୍ଟସ୍ କେଇଟା ବଦଳାଇ ନେ—ଜୀବନ ବଞ୍ଚାଇବାରେ ସହାୟକ ହେବ । ବର୍ତ୍ତମାନ ଆଉ ଭବିଷ୍ୟତକୁ ମଧୁମୟ କରିବ ।"

ପ୍ରଫୁଲ୍ଲ ବିରକ୍ତ ହେଲା ବୀର ଉପରେ । କିଛି ନ କହି ନୀରବ ହେଲା ଅଳ୍ପ ସେତିକିବେଳକୁ ବଜାର ଯାଇ ଫେରିନାହିଁ ।

ପୂର୍ଣ୍ଣିମା ଖାଲି ବେଗ୍ ନେଇ ବଜାରରୁ ଫେରି ଆସି ବୀରେନ୍ଦ୍ର ଆଗରେ କହିଲା—"ଦୋକାନୀର ମେସ୍ ଉପରେ ଶହେଟଙ୍କା ବାକି, ସଉଦା ଦେବାକୁ ମନାକଲା । ଆଉ କୋଉଠୁ ଯୋଗାଡ଼କରି ପାରିଲି ନାହିଁ ।"

ବୀରେନ୍ଦ୍ର ବିସ୍ମିତ ହୋଇ କହିଲା—"ଅଚ୍ଛା ଦେଖିବା ।"

ପ୍ରଫୁଲ୍ଲ ଅଣନିଃଶ୍ୱାସୀ ହୋଇ ସୁବିସ୍ତୃତ ରାଜମାର୍ଗରେ ମିଶିଗଲା ।

ଅଜୟ ତେବେ ବି ଫେରି ନାହିଁ । ଫେରିବାକୁ ବିଳମ୍ବ ହୋଇପାରେ । ଭାବେ ଭାବେ ସେ ଅନେକ ଡେରିକରେ । କୁଆଡ଼େ ବୁଲୁଥିବତ ବୁଲୁଥିବ— କ'ଣ ଦେଖୁଥିଲେ ଦେଖୁଥିବ । ସବୁକିଛି ଭୁଲିଯାଇ ସେ ବେଳେବେଳେ ଖାଲି ଭାବେ । ସେ ଭାବନାର କୂଳ-କିନାରା ନ ଥାଏ । ଲଗାମହୀନ ମନ କସରତ୍ କରୁଥାଏ ସମ୍ଭବ ଅସମ୍ଭବ ଭାବନା ଭିତରେ । ଅଦ୍ଭୁତ ଖିଆଲ ତାର । ଗୁଡ଼ାଏ ଅଳିକ କଳ୍ପନାର ମୂର୍ତ୍ତିମନ୍ତ ପ୍ରତିଛବି ଅଜୟ । ଛନ୍ଦହରା ତାର ମନ ।

ଗୋଟିଏ ବେଛନ୍ଦ ସଙ୍ଗୀତର ପ୍ରଥମ କେଇଟି ପଂକ୍ତିକୁ ବାରମ୍ବାର ଆବୃତ୍ତି କରୁଥିଲା ସୁଜାତା । ଭବିଷ୍ୟତର ସୁନ୍ଦର ସ୍ୱପ୍ନ ତାର ମଉଳି ଯାଇଛି । ବାସ୍ତବତାର ରୁକ୍ଷ ସ୍ପର୍ଶରେ ମନ ଓ ଶରୀର ଏକାବେଳକେ ରକ୍ତାକ୍ତ । ଛାତି ତଳେ ଲକ୍ଷ ଭାବନାର ଜୁଆର ମଥା ପିଟୁଛି ।

ଗୋଟିଏ କରୁଣ ସଙ୍ଗୀତରେ କ୍ରନ୍ଦନର ସ୍ୱର ଦେଇ ରୂପାୟିତ କରୁଥିଲା ସୁଜାତା । ତାର ମିଠା କଣ୍ଠର ମହୁଆ ସ୍ପର୍ଶ ବାୟୁମଣ୍ଡଳକୁ ତରଙ୍ଗାୟିତ କରୁଥିଲା । ପବନର ସ୍ତରେ ସ୍ତରେ ଛପିଛପିକା ଖେଳୁଥିଲା ଗୋଟିଏ ମଧୁର ମୂର୍ଚ୍ଛନା ।

ପ୍ରଫୁଲ୍ଲ ସୁଜାତାର ଅଲକ୍ଷ୍ୟରେ ଆସି ଗବାକ୍ଷ ଅନ୍ତରାଳରେ ଛିଡ଼ା ହେଉଛି । ଦେଖିଲା ସୁଜାତା ତାର ଡୋଫା ମିଲ ଶାଢ଼ୀଟିକୁ ଭାଙ୍ଗ ପକାଇ ଖଟ ଉପରେ ସଜାଉଛି । ମୁକୁଳା ବାଳଗୁଡ଼ିକ ଅଧେ ଛାତି, ଅଧେ ପିଠି ଉପରେ ଖେଳୁଛି । କଳା ମିଚମିଚ ଅଙ୍ଗାଏ ହେବ କେଶ । ବେଣୀ ଫାଶ ପଡ଼ି ପଡ଼ି କୁଞ୍ଚିକୁଞ୍ଚିଆ ହୋଇଯାଇଛି । ବେଶ୍ ଲମ୍ବା ଆଉ ବହଳିଆ । ତା'ରି ଭିତରୁ ବେଳେବେଳେ ଦେଖା ଯାଉଛି ସୁନ୍ଦରୀ ସୁଜାତାର ଚିନ୍ତାପ୍ଲୁତ ମୁହଁ ଖଣ୍ଡିକ । ଆଖିରେ ତାର କେତେ ଭାବନା—କେତେ ନୀରବ ଭାଷା !

ପ୍ରଫୁଲ୍ଲ ସେହି ଆଖିର ଭାଷାକୁ ଯାବୁପର୍ଯ୍ୟନ୍ତ ପଢ଼ିବାକୁ ଚେଷ୍ଟା କରୁଥିଲା । ବିଭ୍ରାନ୍ତ ମନ ତାର ଉଛୁଳା ହୋଇ ଉଠୁଥାଏ । ତାର ଖାଲି ମନେ ପଡ଼ୁଥିଲା ଅତୀତ ରୋଟ୍ଲର କେତେକ ସୁନେଲି ମୁହୂର୍ତ୍ତ ।

ସେଦିନ ହାଓଡ଼ା ପୁରୀ ପାସେଞ୍ଜର ଆସି ଛିଡ଼ା ହୋଇଥାଏ କଟକ ପ୍ଲାଟ୍‌ଫର୍ମ ଉପରେ । ଷ୍ଟେସନ ଲୋକାରଣ୍ୟ । କିଏ କାହାପାଇଁ ଅପେକ୍ଷା କରିଛି ତ, କିଏ ଗନ୍ତବ୍ୟ ସ୍ଥାନକୁ ଯିବାକୁ ବ୍ୟଗ୍ର ହେଉଛି । ଯିଏ ଯାହାର କାମରେ ବ୍ୟସ୍ତ ।

ପ୍ରଫୁଲ୍ଲର କାମ ନାହିଁ ଅଥଚ ମିଛଟାରେ କାର୍ଯ୍ୟବ୍ୟସ୍ତ ଭଳି ଏପଟ ସେପଟ ହେଉଥିଲା । ସବୁ କମ୍ପାର୍ଟମେଣ୍ଟରେ ଆଖି ବୁଲାଇନେଉଥିଲା । ସତେ ଯେମିତି କେଉଁ ସାଥିଟିକୁ ପାଇବା ପାଇଁ ଖୋଜି ବୁଲୁଛି । ଆଖିରେ ତା'ର ପ୍ରତୀକ୍ଷାର ଭାଷା । ମୁଖମଣ୍ଡଳରେ ଉତ୍କଣ୍ଠାର ସ୍ପର୍ଶ । ହୁଏତ କିଏ ସାମନାରେ ପଡ଼ିଯିବ । ଅଳ୍ପସମୟ ପାଇଁ ହେଲେ ମଧ୍ୟ ଆଖି ମିଳାଇ ହସିବ । ଆଖିରେ ଆଖିରେ କଥା ହେବ । ଆଉ କେହି ଜାଣିବେ ନାହିଁ କି ଶୁଣିବେ ନାହିଁ । ଦୁଇଟି ଆଖି ଆଉ ଦୁଇଟି ଆଖି ସଙ୍ଗରେ ମିଶି ଚୁପ୍ ଚୁପ୍ କଥାଭାଷା ହେବେ । ଜଣେ କହିଲେ ଆର ଜଣକ ଶୁଣୁଥିବ । ତାରି ଭିତରେ ଜମି ଉଠିବ ବନ୍ଧୁତା, ମୁହୂର୍ତ୍ତିକ ମଧ୍ୟରେ ହୁଏତ ତାହା ଘନିଷ୍ଠତାରେ ପରିଣତ ହୋଇଯାଇପାରେ । ଗାଡ଼ି ଅଟକି ଥିବା ଯାଏ ପ୍ଲାଟଫର୍ମରୁ ଯିବାକୁ ମନ ଛାଡ଼ୁନଥିବ । ସାମନା ସାମନି ହୋଇ ପାଦଦୁଇଟି ଚକର କାଟୁଥିବେ । ଗାଡ଼ି ଛାଡ଼ିଦେଲେ ମନ ମରିଯିବ । ଗୋଟିଏ ଅଜଣା ଆଘାତ ପାଇ ମନ ଓ ଶରୀର ଅବଶ ହୋଇ ଉଠିବେ, ପୁଣି ଥରେ କେବେ ଦେଖାହେବ କିଏ ଜାଣେ ? ମୁହୂର୍ତ୍ତିକର ସେହି ସୁମଧୁର ପରିଚୟ ହୁଏତ ମିଠା କବିତାର ଝଙ୍କାର ତୋଳିବ ମନ ଭିତରେ । ଦୁଇଟି ଅଖିର ନୀରବ ଭାଷା, କୋଟିଏ ଆଶାର ଛନ୍ଦ ବାନ୍ଧିବ, ଏହିତ ଜୀବନ ! ଜୀଇଥିବା ଯାଏ ଟିକିଏ ମଉଜ !! ତାପରେ ?

ପ୍ରଫୁଲ୍ଲ ଆଉ ପାଁ'ଜଣ କଲେଜ ପିଲା ଓ ସେକ୍ରେଟାରିଏଟ୍ କିରାଣୀଙ୍କ ଭଳି ପ୍ଲାଟ୍‌ଫର୍ମରେ ଚକର କାଟୁକାଟୁ ଗୋଟିଏ ଥାର୍ଡ଼କ୍ଲାସ୍ ଲେଡ଼ିଜ୍ କମ୍ପାର୍ଟମେଣ୍ଟ୍ ଆଗରେ ସହସା ଅଟକି ଗଲେ । କମ୍ପାର୍ଟମେଣ୍ଟ ଭିତରେ ଥାଆନ୍ତି ଜଣେ

ବୁଢା ଓ ଜଣେ ଯୁବତୀ । ଟି,ଟି,ସି ଜଣକ ସେମାନଙ୍କ ପାଖରେ ଟିକେଟ ନଥିବାକୁ ଲକ୍ଷ୍ୟ କରୁଥାଏ । ନିଃସହାୟ ଯୁବତୀଟି ପ୍ରତି ମନ ତାର ଅଳସେଇ ଉଠୁଥାଏ । ଆଖିରେ ତା'ର କୋଟିଏ ଯୁଗର ତୃଷ୍ଣା । ଯୁବତୀଟିକୁ ଆକୃଷ୍ଟ କରିବା ଉଦ୍ଦେଶ୍ୟରେ କଥାବାର୍ତ୍ତା ଭିତରେ ବାରମ୍ବାର ଚାହୁଁଥାଏ ।

ଟି,ଟି,ସି ଗମ୍ଭୀର ହୋଇ ପଚାରିଲା—ଟିକେଟ କାହିଁକି କରନ ?

ପାଖରେ ପଇସା ନଥିଲା—ସୁଜାତା ଉତ୍ତର ଦେଲା ।

ପଇସା ନଥିଲାତ ଟ୍ରେନ ଚଢ଼ିବାର ସଉକ କଲ କାହିଁକି ?

ଇଏ ସଉକ ନୁହଁ ବାବୁ ! ଜୀବନ ବଞ୍ଚାଇବାର ଉପାୟ । ବଢ଼ିପାଣିରେ ସବୁ ଭାସିଗଲା । ଧନ ଜୀବନ ହରାଇ ସର୍ବହରା ହେଲୁ, ନଖାଇ ନପିଇ ଦିନଦିନ କାଳ କଟ ଘଟ ହେଲୁଁ । ସମସ୍ତ ଆଶା ହରାଇ ଟ୍ରେନ୍‌ରେ ଆସି ବସିଛୁଁ । ଗାଁ ପାଖରେ ସିନା ମାଗିଖାଇଲେ ଉପବାସ କରିବେ—ନିଜ ଗାଁଠୁ ବହୁତ ଦୂରରେ, ପରବାସରେ ମାଗିଲେ ଲଜ୍ଜା ଲାଗିବ ନାହିଁ । କାମ ଖୋଜି କରିବୁ ନହେଲେ ମାଗି ଖାଇବୁ । ବୁଢା ଉତ୍ତର ଦେଲା ।

କୁଆଡ଼େ ଯିବ ?

କୁଆଡ଼େ ଯିବୁ ଆମେବା ଠିକ୍ କରିନୁ, ଯେତେଦୂରଯାଏ ଏ ଗାଡ଼ି ଯିବ...ବୁଢାଟି କହିଲା ।

ଗାଡ଼ି ହାଓଡ଼ା ଯିବ ।

ଆମେ ତେବେ ସେଇଯାଏଁ ଯିବୁ—ସୁଜାତା ଉତ୍ତର ଦେଲା ।

କ'ଣ ପ୍ରେମଚନ୍ଦ ବରାଳ ଷ୍ଟ୍ରିଟ୍ ନା ନୁଇନିଜ୍ ମାର୍କେଟ୍ ? ତାଠୁ ବରଂ ମୋର ଘରେ ରହିପାର । କାମ କରିବ, ପେଟା ଖାଇବ । ଟି,ଟି,ସିର ଆଖିରେ ଶିକାରୀର ଚାହାଣୀ ।

ସୁଜାତାର ବୁଢାମାଆ ଖୁସି ହୋଇ କହିଲେ—ବୁଦ୍ଧାଟିଏ ହୋଇଥା ବାପ ! କୋଟି ପରମାୟୁ ହେଉ !

ବୁଢ଼ା ନୁହେଁ ଯୁବକ ! ଏବେ ବୟସ ତିରିଶ ଟପିନି—ଟି, ଟି, ସି, ହସିଲା । ଓସାରିଆ ଆଖିର ଗହୀରିଆ ଡୋଳା ଦୁଇଟିକୁ ଏପାଖ ସେ ପାଖ କରି ସୁଜାତା ମୁହଁ ଉପରେ ନଜର ରଖି ପଚାରିଲା, ତମ ନାଁ ?

ନଂ........

ସୁଜାତା ।

ଘର ?

ଘରକଥା ପଚାରି ଲଜ୍ଜା ଦଅନ୍ତି'ବାବୁ ! ବୁଢା ଉତ୍ତର ଦେଲା ।

ତୁମର ଆଉ କିଏ ଅଛନ୍ତି ସୁଜାତା ?

ମୋ'ଛଡ଼ା ତା'ର ଆଉ କେହି ନାହାନ୍ତି । କାଲିକି କାଲି ବାପଭା
ସମସ୍ତେ ଥିଲେ, ବଢ଼ିପାଣିରେ ଲୁଚି ଗଲେ । ଆଜି ଆମେ କାଙ୍ଗାଳ । ସାହ
ହେବାକୁ କେହି ନାହିଁ । ବିନା ଟିକେଟରେ ଗାଡ଼ିରେ ବସିଛୁ ।

ଟି, ଟି, ସି, ସୁଜାତା ଉପରେ ଲୋଭିଲା କଟାକ୍ଷ ପକାଇ କହିଲା, ବି
ଟିକେଟରେ ଆସିଛ, ଏଇ କଟକରେ ଓହ୍ଲାଇ ଦେଇ ପାରନ୍ତି, କିନ୍ତୁ ତୁମ ପ୍ର
ଦୟା ଆସୁଛି, କଟକରେ ଚଳିବା ତୁମ ପକ୍ଷରେ କଷ୍ଟକର ହେବ । ତାପରେ
ଅମିଯାଇ ସୁଜାତା ପାଖିଲ ଉପରେ ଟିକିଏ ହାତଦେଇ ପଚାରିଲା, ଆ
ସୁଜାତା , କଟକ କେବେ ଦେଖିଛ ?

ହଁ......

କେମିତି କହିଲ ?

ତୁମ ଭଳି ।

ମାନେ ?

ମାନେ ଅତି ସହଜ, ତମରି ଭଳି ଜନ୍ତୁ ରହନ୍ତି କଟକବଣରେ
ଯାହାର ବୁଦ୍ଧି, ବିବେକ ମାୟା ମମତା କିଛି ନାହିଁ, ଅଛି ଖାଲି ଭୋଗି
ମନ ଆଉ ଶୋଷିଲା ଆଖି । ନିଜ ତୃଷ୍ଣାରେ ନିଜେ ଉହ
ବିକଳ ହୋଇ ମରନ୍ତି । ନିଜେ ଜଳିପୋଡ଼ି ଆଉ ଜଣକୁ ଜଳାଇବାର ପ
ଖୋଜନ୍ତି । ସହର କନା ? ସବୁ ଗୋଲବାଜତକ ଏଇଠି ତୁଣ୍ଡ ।

ଏସବୁ କଣ କହୁଛ ସୁଜାତା ! ଆମକୁ ପରା ସେ ବାବୁ ସାହା
କରିବେ । ତାଙ୍କୁ ଏମିତି କ'ଣ କହୁଛ ସୁଜାତା । ବୁଢା ଅଥୟ ହେଲେ ।

ଆଶ୍ଚର୍ଯ୍ୟ ! ଏଭଳି ଝିଅକୁ ସାହାଯ୍ୟ କରିବା ମାନେ ବିପଦକୁ ବ
କରିବା—ଟି,ଟି,ସି ଗମ୍ଭୀର ହୋଇ କହିଲା ।

ଏ କି ସାହାଯ୍ୟ ଦେବେ ମା ! ଖାଲି ଫାସ ପକାଇବାର ଫନ୍ଦି
ସୁଜାତା ତା'ର ବୁଢା ମା' ହାତଧରି ଗାଡ଼ି ଭିତରୁ ଓହ୍ଲାଇ ଆସିଲା ।

ଟି,ଟି,ସି, ଗୁଲ ଗେଟ୍‌ରେ ଘ'ଏଲ୍ ହେବାକୁ ଆଗରୁ ମା'ଡ଼ ଆସି ମା'ଆ ଝିଅର ପଥରୁଦ୍ଧ କରି କହିଲା—ଟିକଟ !

କାହିଁକି ? ସୁଜାତା ପଚାରିଲା ।

ଟଙ୍କା ବାହାର କର ।

ଆମ ପାଖରେ ଟଙ୍କା ନାହିଁ । ଆମେ ଏଇଠି ଓହ୍ଲାଇ ଯିବୁ ।

ଆମ ପାଖରେ କିଛି ନାହିଁ ବାବୁ ! ବୁଢ଼ୀ ଛଳଛଳ ଆଖିରେ କହିଲେ ।

ତୁମ ପାଖରେ ସବୁ ଅଛି । ଟି,ଟି,ସି, ସୁଜାତା ମୁହଁରେ କଟାକ୍ଷ ହାଣିଲା ।

ସୁଜାତା ରାଗରେ ଥରି ଥରି ହାତରେ ଧରିଥିବା ବେଗ୍ ଖଣ୍ଡିକ ଫିଙ୍ଗିଦେଲା ଟି,ଟି,ସି, ଆଗରେ । ବେଗ୍ ଭିତରୁ ଖଣ୍ଡେ ଛିଣ୍ଡା ଶାଢ଼ୀରେ ବନ୍ଧା ହୋଇଥିବା ଅଧସେର ହେବ ଚୂଡ଼ା ପ୍ଲାଟ୍‌ଫର୍ମ ଉପରେ ବୁଣିହୋଇ ପଡ଼ିଲା । ସୁଜାତାର ବୁଢ଼ୀମାଆ ସେତକ ଗୋଟାଇବାକୁ ଯାଉ ଯାଉ ଦୁଇଜଣ ଲଦାକାର ଭିକ୍ଷୁକ ଛଞ୍ଚାଣ ଭଳି କୁଆଡ଼ୁ ଛୁଟି ଆସି ସେତକ ଝାମ୍ପି ନେଇଗଲେ ।

ସୁଜାତାର ମା' ବିକଳ ଭାବରେ ଅନାଇ ରହିଥାନ୍ତି ଖେଳାଇ ହୋଇ ପଡ଼ିଥିବା ଚୂଡ଼ା ଗଣ୍ଡାକୁ ଆଉ ସେହି ଭିକାରୀ ଦୁଇଟିକୁ । ଜନସାରା ବଞ୍ଚିବାର ଶେଷ ସମ୍ବଳ ଚୂଡ଼ାଗଣ୍ଡାକ ନଷ୍ଟହେଲା । ଏହିଭଳି ଚୂଡ଼ା ଗୃଅଳ ନିଜ ହାତରେ କେତେ ସେ ବାଣ୍ଟିଛନ୍ତି । କୋଉଣସି ଭିକାରୀ ଖାଲି ହାତରେ କେବେ ତା ଦୁଆରୁ ଫେରି ନାହିଁ । କିନ୍ତୁ ଆଜି ସେ ସବୁ କଥାର କଥା । ନଈବଢ଼ି ସବୁ ଶେଷକରି ଚାଲିଗଲା । ଆଲୋଡ଼ା ଅଖୋଜା ଜୀବନ ଦୁଇଟିକୁ ବଞ୍ଚେଇ ଦେଇ ପଳପଳ କରି ମାରୁଛି ଯାହା ।

କିନ୍ତୁ ସେ କଥା ଭାବିଲେ ବା' ଆଉ ଲାଭ କଣ ? ପିଣ୍ଡରେ ପ୍ରାଣ ଥିଲା ଯାଏ ବଞ୍ଚିବାର ଫିକର ଖୋଜେ ମନ । ଗୋଟିଏ ଅଜ୍ଞାତ ବନ୍ଧନ ମନ ଭିତରେ ମାୟା ରଚେ । ସୁଖ ଦିନେ ଥିଲା, ସେ ସରିଗଲା । ଆଜି ଦୁଃଖ ଆସିଛି—ଏହି ଦୁଃଖର କଣ ଶେଷ ନାହିଁ ? ସୁଖ ଯିଏ ଭୋଗିଲା, ଦୁଃଖ ଆସିଲା ବେଳକୁ ଅଣନିଶ୍ୱାସୀ ହେଲେ ଚଳିବ କେମିତି ? ଦୁନିଆରେ ଦିନପରେ ରାତି ଆସିବାଇ ଆସିବ । ଏମିତି କେତେଦିନ ଗଡ଼ିଗଲେ ହୁଏତ ତାଙ୍କର ସୁଖର

ସକାଳ, ଭବିଷ୍ୟତ ଅନ୍ଧାରର ଚେହେରାର ଭାସି ଉଠିବ । ସୁଜାତା ବିବାହ କରି ସନ୍ତାନର ମାତା ହେଲେ, ସେ ସେହି ଟିକି ଟୁଆଟିମାନଙ୍କୁ କୋଳ କରି ଦିନ କାଟିବ । ଏତେ ଦୁଃଖରେ ମଧ୍ୟ ବୁଢା ଖୁସି ହେଲା ।

ଟି,ଟି,ଇର ରୁକ୍ଷ କର୍କଶ କଣ୍ଠ ତାଙ୍କର ଜାଗ୍ରତ ସ୍ୱପ୍ନରେ ବାଧା ସୃଷ୍ଟି କଲା ।

ଟଙ୍କା ଦିଅ ନ ହେଲେ······

ଆମ ପାଖରେ ତ କିଛି ନାହିଁ ବାବୁ, ଆମକୁ ଛାଡ଼ିଦିଅ । ବୁଢା କହିଲେ ।

ବିନା ଟିକଟରେ ଗାଡ଼ି ଚଢ଼ିଛ—ଅଥଚ ଖୁବ୍ ଉଦ୍ଧତ ପଣିଆ ଦେଖାଉ ପାରୁଛ । ତମକୁ ପୋଲିସ ଜିମା ଦେଲେ ସାବାଡ଼ ହେବ ।

ପୋଲିସ ! ସୁଜାତା ବିସ୍ମିତ ହେଲା ।

ସେତେବେଳକୁ ଗୋଟିଏ ଭିଡ଼ ତାଙ୍କୁ ଘେରି ଜମା ହେଇଗଲାଣି । ସୁଜାତା ବିବ୍ରତ ହେଲା । ସମସ୍ତଙ୍କ ଆଖିରେ ଲାଳସାର ବନ୍ୟା ! ବିଶେଷତଃ ପନ୍ଦର ଷୋଳ ବୟସର ସୁନ୍ଦରୀ ଝିଅଟିଏ ଦେଖି ସେମାନେ ଚଞ୍ଚଳ ହୋଇ ଉଠିଛନ୍ତି । ମନ ଭିତରେ ସୌଖୀନ କାମନା-ବିଳାସ ଲହଡ଼ି ଭାଙ୍ଗୁଛି । ଟି,ଟି,ଇର ଏହି ବର୍ବରୋଚିତ କାର୍ଯ୍ୟରେ ହସ୍ତକ୍ଷେପ କରିବାକୁ କେହି ସାହସ କରୁ ନଥାନ୍ତି । ପ୍ରଫୁଲ୍ଲ ସାହସ ସଞ୍ଚୟ କରି ଟି,ଟି,ଇ ପାଖକୁ ଘୁଞ୍ଚିଆସି ପଚାରିଲା, ଏମାନେ ଲେଡିଜ୍ କମ୍ପାର୍ଟମେଣ୍ଟରେ ଥିଲେ ନା ଜେଣ୍ଟସ୍ କମ୍ପାର୍ଟମେଣ୍ଟରେ ?

ଲେଡିଜ୍ ।

ଆପଣ ଲେଡି ନା ଜେଣ୍ଟ୍ ?

ପାର୍ଶ୍ୱସ୍ଥିତ କୋଡ଼ିଏ ପଚିଶ ଜଣ ଲୋକ ହସି ଉଠିଲେ ଖୁବ୍ ଜୋର୍‌ରେ । ଟି.ଟି.ଇ. ଅପ୍ରସ୍ତୁତ ହେଲା ଯୁବକଟିର ଅବାନ୍ତର ଆକ୍ଷେପରେ । ରାଗରେ ପଚାରିଲା, ତମେ କିଏ ?

ବୁଢାଙ୍କ ପାଖକୁ ପ୍ରଫୁଲ୍ଲ ଲାଗିଆସି କହିଲା, ଇଏ ମୋ ମାଉସୀ । କାହିଁକି ଏମାନଙ୍କୁ ହଇରାଣ କରୁଛ ?

ବିନା ଟିକଟରେ ଏମାନେ ଯାତ୍ରା କରୁଛନ୍ତି । ଟ୍ରେନ୍ ଫେୟାର ଆଉ ପେନାଲ୍‌ଟି ବାହାର କର ।

କେତେ ?

ପନ୍ଦର ଟଙ୍କା ।

ପ୍ରଫୁଲ୍ଲ ସଦ୍ୟ ଦରମା ପାଇଥିବା ଲଫାପା ଭିତରୁ ପନ୍ଦରଟଙ୍କା ଛାଡ଼ି ଟି. ଟି. ସି. ହାତକୁ ବଢ଼ାଇ ଦେଲା ।

"ଧନ୍ୟବାଦ" କହି ଟି. ଟି. ସି. ଚାଲିଗଲା । ପଛକୁ ଫେରି ଚାହିଁବାର ସତ୍‌ସାହସ ତାର ଆଉ ନଥିଲା ।

ବୁଢ଼ୀ ଏ ବିପଦ ସମୟରେ ଅନାହୂତ ଉପରେ ପଡ଼ି ସାହାଯ୍ୟ କରିଥିବା ଏହି ସାହସୀ ଯୁବକଟିକୁ ଆଗ୍ରହରେ ଚାହିଁଲେ । ଢୋଳା ଦୁଇଟିରୁ ତାଙ୍କର ଆଶୀର୍ବାଦର ଅଶ୍ରୁ ଝରି ପଡ଼ୁ ଥାଏ ଝରି ଝରି ହୋଇ ।

ସୁଜାତା ଅର୍ଦ୍ଧେ ଆନନ୍ଦ ଅର୍ଦ୍ଧେ ବିସ୍ମୟରେ ଏହି ସୁନ୍ଦର ତରୁଣଟିର ମୁହଁକୁ ଅନେଇଲା । ମନରେ ତାର ଆନନ୍ଦର ଫୁଆର । ଶତ ଧନ୍ୟବାଦ ଦେଇ ସେ ପ୍ରଫୁଲ୍ଲକୁ ସନ୍ତୁଷ୍ଟ କରିବାକୁ ଚାହୁଁ ଥିଲେହେଁ ପାରିଲା ନାହିଁ । ସେ ଖାଲି ନୀରବ ରହି ପାଦର ବୁଢ଼ା ଆଙ୍ଗୁଳି ନଖରେ ଭୂଇଁ ଚିରିବାକୁ ଲାଗିଲା ।

ଆମ ପାଇଁ ଏ ତ୍ୟାଗ କାହିଁକି କଲ ପୁଅ ?

ତୁମର ଏହି 'ପୁଅ' ସମ୍ବୋଧନ ଶୁଣିବା ପାଇଁ । କହୁଛି ପରା ତମେ ମୋ ମାଉସୀ !

ତୁ କଣ ଏହି କଟକରେ ଥାଉ ବାପ ! ବାତ୍ସଲ୍ୟ ମମତାରେ ବୁଢ଼ୀଙ୍କର ଅନ୍ତର ଫୁଲି ଫୁଲି ଉଠୁଥିଲା ।

ହଁ ମାଉସି, ଏହି କଟକରେ ରହେଁ ।

ଆଉ କିଏ ସଙ୍ଗରେ ଅଛନ୍ତି ନା ଏକେଲା ?

କେହି ନାହାନ୍ତି । ବସାରେ ମାଉସୀ ଥିଲେ, ଅଳ୍ପ କେଇଦିନ ହେଲା ଗାଁକୁ ଯାଇଛନ୍ତି ।

ତୁ କଣ କରୁ ପୁଅ ?

ଚାକିରୀ କରି ପାଠ ପଢ଼େଁ ।

ଚାକିରୀ କରୁ ଆଉ ପାଠ ପଢ଼ୁ ? ବୁଢ଼ୀ ବିସ୍ମିତ ହୋଇ ପ୍ରଫୁଲ୍ଲ ମୁହଁକୁ ଚାହିଁଲେ । ତାପରେ ସୁଜାତା ଉଦ୍ଦେଶ୍ୟରେ କହିଲେ, "କୁନ୍ତୁ ପୁଅ !

ସୁଜାତା ପାଠପଢ଼ି କିଛି କରି ପାରିଲା ନାହିଁ । ପାଠ ପଢ଼ୁଆ ଝିଅ ବୋଲି ମଫସଲ ଅଞ୍ଚଳରେ ଶାଶୁଘର ଖଣ୍ଡେ ଠିକଣା କରି ପାରିଲୁ ନାହିଁ । ତାଙ୍କ ମାନଙ୍କର ଧାରଣା ପାଠୋଇ ଝିଅ ବୋହୂ ହୋଇ ପାରେନା । ସହର ଲୋକେ ଯୌତୁକ ଚାହିଁଲେ । ତା' ବାପଭାଇ ବଞ୍ଚିଥିଲେ ଅବା କଣ ହୋଇ ପାରିଥାନ୍ତା । ଏବେତ ଆଉ କିଛି ନାହିଁ । ସବୁ ସରି ଯାଇଛି । ମୋ ଜୀବନ ଠିକିକି ଯାହା ନପାଇ କଲବଲ ହେଉଛି । କଣ କରିବି କିଛି ଭାବି ପାରୁନାହିଁ । ବଢ଼ିଲା ଝିଅକୁ ସଙ୍ଗରେ ଧରି ବୁଲିବା ଅତି କଷ୍ଟକର ପୁଅ ! ସୁଜାତା ପାଠପଢ଼ି ନଥାନ୍ତା କି ! ବୁଢ଼ୀଙ୍କ ଓଠ ଥରି ଥରି ଉଠୁଥାଏ ।

ସୁଜାତା ବିବାହ କଥା ଶୁଣି ପ୍ରଫୁଲ୍ଲ ଆଡ଼କୁ ପଛକରି ଛିଡ଼ା ହେଲା । ମୁହଁରେ ତାର ବିରକ୍ତିର ଚିହ୍ନ । ରାସ୍ତା ଉପରଠାରେ ନିତାନ୍ତ ଗୋପନ ଆଉ ବ୍ୟକ୍ତିଗତ କଥା ଯେ ମା କାହିଁକି ଉଠାଏ ବୁଝିହୁଏ ନାହିଁ । ଅଜଣା ଅଶୁଣା ଲୋକପାଖରୁ ଟିକିଏ ସହାନୁଭୂତିର ଗନ୍ଧପାଇଲେ ମନ ତାର ତରଳିପାଏ । ଗଲା ଅଇଲା ଲୋକଙ୍କୁ ପାଖକୁ ଡାକି ବିବାହ ପ୍ରସଙ୍ଗ ପକାଏ । ତାର ଆଶା, ହୁଏତ କେଉଁ ଉପକାରୀ ବନ୍ଧୁ ଦମ୍ଭିଲା ବରପାତ୍ରର ସନ୍ଧାନ ଦେବ । ସେ ଯେମିତି ପରିବାର ପାଇଁ ଗୋଟିଏ ମସ୍ତବଡ଼ ବୋଝ । ଆଉ ପାଠପଢ଼ି ବୋଝକୁ ଦୁଇଗୁଣ ବଢ଼ାଇ ଦେଇଛି ।

ତାଙ୍କ ନାଁ ସୁଜାତା ? ବେଶ ସୁନ୍ଦର ନାଁଟି ! କେତେଯାଏ ପଢିଛନ୍ତି ! ପ୍ରଫୁଲ୍ଲ ସୁଜାତାକୁ ଅଙ୍ଗୁଳି ଦେଖାଇ ପ୍ରଶ୍ନକଲା ।

ସୁଜାତା ଅଭଦ୍ରାମୀ ହେବ ଭାବି ପ୍ରଫୁଲ୍ଲ ଆଡ଼କୁ ମୁହଁ ବୁଲାଇ ନମସ୍କାର କଲା ଆଉ କହିଲା, "ହଁ ମୋ ନାଁ ସୁଜାତା...ଆଉ...

ସୁଜାତାକୁ ଅଧିକ ଦୂର ଅଗ୍ରସର ହେବାକୁ ନଦେଇ ସିଏ କହି ଉଠିଲା—ଆଉ ମୋ' ନା ପ୍ରଫୁଲ୍ଲ ! ବସାକୁ ଗଲେ କଥା ହେବା । ଚାଲ !

କାହିଁକି ଆଉ ତୁ ଆମ ବୋଝକୁ ମୁଣ୍ଡ ଉପରେ ନେଉଛୁ ପୁଅ ? ଅନେକ କଲୁଣି । ଜୀବନରେ ଏ ଋଣ ଶୁଝି ପାରିବୁ ନାହିଁ । ଆମକୁ ଯିବାକୁ ଦେ ବାପ, ତୋ କଥା ସବୁବେଳେ ମନେ ପଡ଼ିବ !

କେଉଁଠାକୁ ଯିବ ମାଉସୀ ? କହୁଥିଲ ଆଉ କେହି ନାହାନ୍ତି ପରା ?

କାହିଁକି ? ଏତେ ବଡ଼ ଦୁନିଆ ପଡ଼ିଛି, କୋଉଠି ହେଲେ କଣ ଟିକିଏ ଆଶ୍ରା ମିଳିବନି···

ହଁ ଆଶ୍ରା ମିଳିପାରେ ମାଉସି ! କିନ୍ତୁ ବିପଦର ଫାଶରେ ତମ ଝିଅ ଛନ୍ଦୁର ହୋଇ ପଡ଼ିବ···

ବିପଦ ସବୁ ଜାଗାରେ ଅଛି ପୁଅ—ସ୍ୱାର୍ଥପର ଦୁନିଆରେ କିଏ ଭଲ, କିଏ ଭେଲ ଜାଣିବା କଷ୍ଟକର···

ସୁଜାତା କଥା ଭିନ୍ନ ମାଉସି ! ମୋ କଥା ମାନ । ବୁଢ଼ୀଙ୍କୁ ନୀରବ ଦେଖି ପ୍ରଫୁଲ୍ଲ ପୁଣି କହିଲେ—ଯାହାହେଉ ଆମ ବସାରେ ଆଜି ଦିନକ ବିଶ୍ରାମ ନିଅ ! ଯଦି ସମ୍ଭବ ହୁଏ ସୁଜାତା ପାଇଁ ଚାକିରୀ ବନ୍ଦୋବସ୍ତ କରି ଦେବି ।

ସୁଜାତା ଚାକିରୀ କରିବ ? ବିସ୍ମୟରେ କହିଲେ ବୁଢ଼ୀ !

ହଁ ପ୍ରଫୁଲ୍ଲବାବୁ ! ମୁଁ ଚାକିରୀ କରିବି, ଦଶମ ଶେଷ କରି ଏକାଦଶ ଶ୍ରେଣୀରେ ନା ଲେଖାଇଥିଲି । ଚାକିରୀ ଖଣ୍ଡେ ମିଳିଲେ ଭଲ ହୁଅନ୍ତା । ବେଶୀ ଟଙ୍କା ନ ହେଲେ ନାହିଁ ! ରହିବାକୁ ଖଣ୍ଡେ ଘର, ଆଉ ଦୁଇଟା ପେଟ ସମ୍ଭାଳିଲା ଭଳି ଗଣ୍ଡାଏ ଚାଉଳ ଯୋଗାଡ଼ ହେଲେ ହେଲା । ଯେ କୌଣସି କାମ ମିଳିଲେ କରିବି ।

ତୁ କ'ଣ କରି ପାରିବୁ ଚାକିରୀ ?

ପାରିବି ନାହିଁ ? ସୁଜାତା ମୁହଁରେ ସାହସର ସ୍ୱାକ୍ଷର । ଆଖି ଦୁଇଟିରେ ଆନନ୍ଦ ଆଉ ଆଗ୍ରହର ଉଚ୍ଛ୍ୱାସ । କଣ୍ଠ ତାର ଥରି ଉଠୁଥାଏ ଉତ୍ତେଜନାରେ । ସେ ସେହି ଥରିଲା ଅଥଚ ଦମ୍ଭିଲା କଣ୍ଠରେ ପାନିଆ, ଦାନ୍ତଖୁଣ୍ଟା, ଚୁଡ଼ି ପ୍ରଭୃତି ଜିନିଷ ଡାକି ଡାକି ବୁଲୁଥିବା ଇରାନୀ ଝିଅଟିକୁ ହାତ ଦେଖାଇ କହିଲା, ଏଇ ଝିଅଟିକୁ ତୁ ଦେଖୁଛୁ ମା ! ମୋ'ଠୁ ବର୍ଷେ ଦି'ବର୍ଷ ସାନ ହେବ । ତଥାପି ସେ ରୋଜଗାର କରି ପେଟ ପୋଷୁଛି, କିଏ କହିବ ହୁଏତ ତା'ର ଛୋଟ ଛୋଟ ଭାଇ ଭଉଣୀର ସଂସାର ସେ ଚଳାଉଥିବ । ଆଉ ମୁଁ ଏତେ ପାଠ ପଢ଼ି ଚାକିରୀ କରି ପାରିବିନାହିଁ ? ତୁମେ ଚାକିରୀ ଯୋଗାଡ଼ କରିଦିଅ ପ୍ରଫୁଲ୍ଲବାବୁ, ତୁମର ଧର୍ମ ହେବ ।

ନିଶ୍ଚୟ ଗୃହିଣୀ ହେବ । ଆସ ବସାକୁ ଯିବା......

ସୁଜାତା ଆଉ ତା'ର ବୁଢ଼ୀ ମାଆ ନିକଟରେ ସେଦିନ ମନେ ହେଉଥିଲା, ସତେ ଯେମିତି ପ୍ରଫୁଲ୍ଲ ତାଙ୍କର ସମସ୍ତ ଆଶା, ଆକାଂକ୍ଷାର ସାର୍ଥକ ପ୍ରତୀକ, ସ୍ୱର୍ଗର ଦେବଦୂତ । ସୁଖ ଆଉ ସୌଭାଗ୍ୟର ଆଶୀର୍ବାଦ ନେଇ ତାଙ୍କ ଆଗରେ ହଠାତ ଆବିର୍ଭୂତ ହେଲା ।

ବାସ୍ତବରେ ପ୍ରଫୁଲ୍ଲ ମଧ୍ୟ ସାଧ୍ୟମତେ ସେମାନଙ୍କୁ ସାହାଯ୍ୟକରି ଅତୀତର ସମସ୍ତ ଗ୍ଲାନି ଓ ଦୁଃଖକୁ ଅଳ୍ପ ସମୟ ପାଇଁ ହେଉପଛକେ, ଦୂରୀଭୂତ କରିବାରେ ସକ୍ଷମ ହୋଇଛି । ଗୋଟିଏ ଗୋପନ ଆନନ୍ଦ ତା' ମନ ଭିତରେ ଲୁଚକାଳି ଖେଳୁଥିଲା ସେତେବେଳେ ।

କିନ୍ତୁ ସେ ଅନେକ ଦିନ ତଳର କଥା । ଦୀର୍ଘ ଦୁଇବର୍ଷ ତଳର ସରସ ସ୍ମୃତି । ଆଜି ସେ ପୁଣି ସୁଜାତା ପାଖକୁ ସାହାଯ୍ୟ ପାଇଁ ଆସିଛି । ଯାହାକୁ ଆଜୀବନ ସାହାଯ୍ୟ କରିବାର ନିର୍ଭିକ ପ୍ରତିଶ୍ରୁତି ଦେଇ, ନିଜର ନିଃସଙ୍ଗ ସଂସାର ସଙ୍ଗରେ ମିଶାଇ ଏକାକାର କରି ଦେଇଥିଲା, ଆଜି ତାରି ପାଖକୁ ନିଜର ସ୍ୱଚ୍ଛନ୍ଦ ସ୍ୱାର୍ଥସିଦ୍ଧି ପାଇଁ ଆସିଛି । ପ୍ରଫୁଲ୍ଲ ମନେ ମନେ ଦବି ଯାଉଥିଲା ।

ସୁଜାତା ଅଧରରୁ ଅଜ୍ଞାତ ସଂଗୀତର ଅସ୍ପଷ୍ଟ ଗୁଞ୍ଜନ କ୍ରମେ ଲୁଚିଗଲା ।

ଏହି ସମୟରେ ଭିତରଘରୁ ମା ଡାକ ପକାଇଲେ । କହିଲେ, ଛବି ଘରକୁ ଯାଉଥିଲୁ ପରା ! ଅନେକ ଦିନ ହେଲା ଯାଇନାହୁଁ । ତାଙ୍କ ଲୋକ ଡାକି ଆସିଥିଲା । ନଗଲେ ସେ ଭାବିବେ କଣ ?

ଯିବା ମା ।

ସୁଜାତା ତାର ତୋଫା ମୁହଁଟିକୁ ସାବୁନ ଫେଣରେ ଧୋଇଦେଲା ପରସ୍ତେ । ତା ପରେ ଦର୍ପଣ ସାମନାରେ ବସି ଲୋଟଣୀ ଜୁଡ଼ାରୁ ରେଶମୀ ଫିତାଟିକୁ ଆସ୍ତେ କରି ଫିଟାଇ ପାନିଆ ସାହାଯ୍ୟରେ ସଜାଇ ନେଲା । ମୁହଁ ଗୋଟାକରେ ସୁଗନ୍ଧ ପାଉଡ଼ର ଟିକିଏ ବୋଳିହୋଇ ଆଖିରେ କଜଳ ଦେବାକୁ ଯାଉଛି, ଦର୍ପଣ ଭିତରେ ପ୍ରଫୁଲ୍ଲର ପ୍ରତିବିମ୍ବଟି ଝଲସି ଉଠିଲା । ଦେଖିଲା—ପ୍ରଫୁଲ୍ଲ ଆସ୍ତେକରି କବାଟ ଫିଟାଇ ତାହାରି ପାଖକୁ ଆସୁଛି ।

ପ୍ରଫୁଲ୍ଲ ପ୍ରଥମେ ପ୍ରଥମେ ଏମିତି ପ୍ରାୟ ପ୍ରତିଦିନ ଆସୁଥିଲା । ଦିନ
ଟାଙ୍କର କର୍ମସୂଚୀ ଭିତରେ ତା ସଙ୍ଗରେ ଦେଖା କରିବା ଗୋଟିଏ
ଦୈନନ୍ଦିନ ଘଟଣା । ଅଫିସରୁ ଛୁଟି ମିଳିବା ପରେ ପରେ ତାରି ପାଖକୁ
ଆସେ । ଏଣୁ ତେଣୁ ଗପ ଜମି ରାତି ଅଧହୁଏ । ତଥାପି କଥା ସରେନା' ।
ହିଁ ଆରମ୍ଭ ଯେଉଁଠୁ କଥା ଶେଷ ହୋଇଥାଏ, ସେଇଠି ପୁଣି ଆରମ୍ଭ
ଏ । ଉଭୟେ ଉଭୟଙ୍କର ସାନ୍ନିଧ୍ୟକୁ ନିବିଡ଼ ଭାବରେ ଉପଭୋଗ କରନ୍ତି ।
ଣେ କହୁଥିଲେ ଆର ଜଣକ ଶୁଣୁଥାଏ । ଦୁହିଁଙ୍କ ଆଖିରେ ଥାଏ ଆଗ୍ରହର
ନିଶା ।

ସୁଜାତା ପ୍ରଫୁଲ୍ଲକୁ ପଛେଇ ଦେଇ ପାରେନା' । ତାଙ୍କୁ ଏଡ଼େଇଦେବାର
ଭିଳାଷ ମଧ୍ୟ ସେ ରଖିନ' । ପ୍ରଫୁଲ୍ଲର ପ୍ରାଣାନ୍ତକ ଚେଷ୍ଟା ଫଳରେ ସିନା ସେ
ାଇମେରୀ ସ୍କୁଲର ମାଷ୍ଟରାଣୀ ଚାକିରୀ ପାଇଲା । ପୁଣି ତାରି ଚେଷ୍ଟାରେ
ଟ୍ରିକ୍ ପରୀକ୍ଷାଦେଇ ଅପେକ୍ଷାକୃତ ବେଶୀ ଦରମାରେ କିରାଣୀ ହୋଇଛି ।
ରଣ ଗହ୍ୱରରୁ ଉଦ୍ଧାରି ଯିଏ ତାର ଜୀବନ ଭିତରେ ଜୀଇବାର ବୀଜ ବପନ
ଲା, ତାକୁ କି କେବେ ଏଡ଼ାଇ ଦେଇ ହୁଏ ! ସେ ସବୁବେଳେ
ଚେଷ୍ଟା କରିଛି ପ୍ରଫୁଲ୍ଲକୁ ଖୁସି କରାଇବା ସକାଶେ । ପ୍ରଫୁଲ୍ଲର ଇଚ୍ଛା
ରୁଦ୍ଧରେ ଗତିକରିବା ପ୍ରୟାସ କେବେ କରିନ' । ପ୍ରଫୁଲ୍ଲହିଁ ତାର ଆଶ
ଆକାଂକ୍ଷାର ଏକମାତ୍ର ଆଧାର । ତେଣୁ ତାର କିଛି ଦିନର ଅନୁପସ୍ଥିତରେ
ଭାଙ୍ଗି ଯାଇଛି ।

ଅନେକ ଦିନପରେ ପ୍ରଫୁଲ୍ଲ ଆସୁଛି । ସୁଜାତାର ମନ ଓ ଶରୀର
ସ୍ଥିର ହେଲା । ଗୋଟିଏ ଅଜଣା ଆବେଗର ମୁକ୍ତ ଶିହରଣ ତା ଛାତି ତଳେ
ଳେ ନାଚିବାକୁ ଲାଗିଲା । ସେ ଚାହୁଁଥିଲା ପ୍ରଫୁଲ୍ଲକୁ ଗୋଟାପଣେ
କାଳାଗ୍ରତ କରି ବାହୁବନ୍ଧନ ଭିତରେ ମିଶାଇ ଦିଅନ୍ତା ଆଉ ତାର କାନେ
ାନେ ପଚାରନ୍ତା, ଏତେ ଦିନକେ ମନେ ପଡ଼ିଲା ବନ୍ଧୁ !

କିନ୍ତୁ ସୁଜାତା କିଛି ହେଲେ କହିନପାରି ମୂକ ଭଳି ଦର୍ପଣ ଆଗରେ
ଠିଆରହିଲା ।

ପ୍ରଫୁଲ୍ଲ ଦେଖି ମଧ୍ୟ ନଦେଖିଲା ଭଳି ଜାଗାରେ ବସିଥିବା ସରଳ
ସୁଜାତାକୁ ଏକଲୟରେ ଅନାଇ ରହିଲା । ଏଇ ସୁଜାତା ଦିନେ ମନ ଭିତରେ



୭

ରୂପର ତରଙ୍ଗ ସୃଷ୍ଟି କରୁଥିଲା । ସୁଜାତାକୁ କେନ୍ଦ୍ରକରି ତା'ର ଭବିଷ୍ୟତ ଜୀବନର କେତେଟି ସାର୍ଥକ ଭାବନା ସୁନ୍ଦର ମୂର୍ଚ୍ଛନା ସୃଷ୍ଟି କରିଛି । ତା'ର ନରମ ଓଠ ଉପରେ ଅକୃତ୍ରିମ ହସର ଫୁଆରା ଦେଖିବାକୁ ସେ ଅସ୍ଥିର ହୋଇ ଉଠୁଥିଲା ।

ସେଦିନ ସୁଜାତା ଅପରିଚିତା ଥିଲା । ତାର ରୂପ ଆଉ ଗୁଣ ସାହାଯ୍ୟରେ ବାରିବୁଲା ପ୍ରଫୁଲ୍ଲର ମନ ଜୟ କରିଥିଲା ସେ । ସୁଜାତାକୁ ପାଖରେ ପାଇ ପ୍ରଫୁଲ୍ଲ ସୁଖୀ ହୋଇ ପାରିଥିଲା । ହୁଏତ ସୁଜାତାର ସାନ୍ନିଧ୍ୟ ପାଇ ସୁଖରେ କଟିଯାଇଥାନ୍ତା ଦିନଗୁଡ଼ିକ । କିନ୍ତୁ ଅଧବାଟରେ ଦେଖା ହେଲା ଛବି ସହିତ ।

ଛବି ! ହସିଲେ ଫୁଟିଲା ଫୁଲ ଭଳି ଚମତ୍କାର ଦେଖାଯାଏ । ଅଙ୍ଗେ ଅଙ୍ଗେ ସୁଷମାର ନିର୍ଝର ! ପରିପୁଷ୍ଟ ଯୌବନରେ ମିଠା ସଂଗୀତର ମହୁଆ ମୂର୍ଚ୍ଛନା । ଆଖି ଦୁଇଟିରେ ମଳୟର ମାୟା । ଦୁନିଆର ସମସ୍ତ ଶୋଭା ସମ୍ପଦ ସତେ ଯେମିତି ଠୁଳ ହୋଇଛି ସୁନ୍ଦରୀ ଛବିର ଅନୁପମ ଅଙ୍ଗ ଲତାରେ । ତାର ଅଳସିଆ କଥା ବେପଥୁ ସୃଷ୍ଟିକରେ ପ୍ରାଣରେ ।

ଆଉ ସୁଜାତା ? ନିଶ୍ଚଳ ଜଳ ଭଳି ଗମ୍ଭୀର । ଛବି ଭଳି ଚଳଚଞ୍ଚଳା ନୁହଁ ।

ନବୀନା ଛବି ପାଇଁ ମନ ଭିତରେ ଯେଉଁ ଅଳସ ଆସକ୍ତି ଜମି ଉଠିଛି ତାରି ଧୂମ୍ର ଶିଖ ତଳେ ସୁଜାତା ଲୁଚିଯିବା ବିଚିତ୍ର ନୁହେଁ । ସୁଜାତାର ଅଛି ବା କଣ ? ଦୁନିଆର ଆଉ କେତୋଟି ଝିଅ ଭଳି ରୂପ ଆଉ ରଙ୍ଗ ଭିତରେ ବଢ଼ି ଉଠିଛି । ବୟସ ତାକୁ ସୁନ୍ଦର କରିଛି । ମୋହିନୀ ରଙ୍ଗ ଦିନେ ହୁଏତ ମଉଳି ଯିବ । ସୁଜାତା ତାର ଅଜାଣତରେ ଅସୁନ୍ଦର ଦେଖାଯିବ । ଷୋଡ଼ଶୀ ଛବିର ସବୁ ସରିଗଲେ ମଧ୍ୟ ସମ୍ପଦ ରହିଥିବ । ମନଇଚ୍ଛା ମଉଜ କରିବାର ପ୍ରଧାନ ଉପାଦାନ—ସୁଖ ଆଉ ସୌଭାଗ୍ୟର ଶୁଭ ସନ୍ତକ । ଦୁନିଆ ଏହାରି ପଛରେ ପାଗଳ ହୁଏ ସିନା !

ଛବିକୁ ଜୟ କରି ପାରିଲେ ସମ୍ମାନ ଆଉ ସମ୍ପଦ ଉଭୟ ହସ୍ତଗତ ହେବ । ହାରିଗଲେ ମଧ୍ୟ କ୍ଷତି ନାହିଁ କି ଅନୁଶୋଚନା ନାହିଁ । ଅନେକ

ସମୟରେ ଖିଆଲର ବଶବର୍ତ୍ତୀ ହୋଇ ଘରଦ୍ୱାର, ଜମିବାଡ଼ି ବିକ୍ରି କରି ଅନ୍ତିମ ଜୁଆ ଖେଳେ ! ସୁଜାତାକୁ ସେହି ଜୁଆ ଖେଳରେ ହାରି ଦେଲେ ମଧ୍ୟ ଦୁଃଖ ନାହିଁ !

ପ୍ରଫୁଲ୍ଲ ଆସ୍ତେ ଆସ୍ତେ ପାଖକୁ ଆସି ଛିଡ଼ା ହେଲା । ସୁଜାତା ଏଥର ମୁହଁ ଉଠାଇ ପ୍ରଫୁଲ୍ଲକୁ ସିଧା ସଳଖ ଅନାଇ ନମସ୍କାର କଲା । ନମସ୍କାରଟିକୁ ନାଟକୀୟ ଭଙ୍ଗୀରେ ଫେରାଇ ଦେଉ ଦେଉ ପ୍ରଫୁଲ୍ଲ କହିଲା ଆଖିରେ ସୁଜାତାକୁ ଅନାଇରହିଲା ।

ଅନେକ ଦିନ ପରେ ମନେ ପଡ଼ିଲା ପ୍ରଫୁଲ୍ଲବାବୁ ! ସୁଜାତା କହିଲା ।

ଅନେକ ଦିନ ଏହା ଭିତରେ ହୋଇଗଲାଣି ? ସେ ଦିନଟା' ଆସିଥିଲ !

ସେ ଦିନର କଥା ପେ ଅନେକ ଦିନ ହୋଇ ଗଲାଣି । ଏଇବାଟେ ଯାଆନ୍ତି କିନ୍ତୁ ଦୁଆର ମାଡ଼ନ୍ତି ନାହିଁ । ଆଜିକାଲି ବୋଧହୁଏ କାମର ଚାପ ବି ବେଶୀ ।

ପ୍ରଫୁଲ୍ଲ ଅପ୍ରସ୍ତୁତ ହେଲା । କହିଲା, ତୁମେ ତ ଜାଣ । ଗୃହସ୍ଥି, ଟିୟୁସନ ଆଉ ତା ସଙ୍ଗେ ସଙ୍ଗେ ପାଠ ପଢ଼ା ଭିତରେ ସମୟ ମୋର ଅତି ଅଳ୍ପ । ସମୟ କୁଳିଏ ନାହିଁ ବୋଲି ଆସି ପାରେଁ ନାହିଁ । ଅଭିମାନ କରିବ ନାହିଁ ସୁଜାତା !

ଅଭିମାନ କରିବ କାହା ଆଗରେ ? ସର୍ବହରା ସୁଜାତାକୁ ମରଣ ପଥରୁ ଫେରାଇ ଆଣି, ପଦେ ପଦେ ସାହାଯ୍ୟ କରି, ତାର ମନ ଆଉ ପ୍ରାଣ ଭିତରେ ଜୀଇବାର ସ୍ୱାଦ ଦିଏ ଭରି ଦେଲ ତାଙ୍କ ଉପରେ ପୁଣି ଅଭିମାନ ! ତମର ପ୍ରତ୍ୟେକ କାର୍ଯ୍ୟକୁ ମୁଁ ତାରିଫ୍ କରି ଆସିଛି । ଅସୁନ୍ଦରକୁ ମଧ୍ୟ ସୁନ୍ଦର ଭାବରେ ଗ୍ରହଣ କରିବା ସକାଶେ ପ୍ରସ୍ତୁତ ଅଛି । କିନ୍ତୁ ଆଗେ ତୁମର ଜଞ୍ଜାଳମୟ ସମୟ ଭିତରେ ମଧ୍ୟ ମୋ' ପାଇଁ ସମୟ ରହୁଥିଲା । ଆଜିକାଲି ସେତକକୁ ବଞ୍ଚିତ ହେବାକୁ ହେଲା ।

ପ୍ରଫୁଲ୍ଲକୁ ନିରସ୍ତ ଦେଖି ପୁଣି କହିଲା ସୁଜାତା, ଅତି ଆପଣାର ଭାବି କହିଲି । ଅନ୍ୟଥା ଭାବିଥିଲେ ମୋତେ କ୍ଷମାଦେବ ପ୍ରଫୁଲ୍ଲବାବୁ !

ଏଥିରେ ଦୋଷ କିଛି ନାହିଁ ସୁଜାତା ! ମନୁଷ୍ୟ ମାତ୍ରେହିଁ ଅବସ୍ଥାର ଦାସ । ମୁଁ ଯାହା ଭାବୁଛି, ମୋର ଅବସ୍ଥା ତା' କରିବାକୁ ଦେଉ ନାହିଁ ଅବସ୍ଥା ବଦଳି ଗଲେ ସବୁ ସମାଧାନ ହୋଇଯିବ ।

ଏମିତି କି ଅବସ୍ଥାର ସମ୍ମୁଖୀନ ହୋଇଛନ୍ତି ପ୍ରଫୁଲ୍ଲବାବୁ ?

ଅବସ୍ଥା ଖୁବ୍ ଗୁରୁତର । ତୁମ ଆଗରେ ପ୍ରକାଶ କରି ଲାଭନାହିଁ । ପୁଣି ନିଜର ଦୁଃଖକୁ ଅନ୍ୟ ଉପରେ ଲଦି ଦେବାର ପକ୍ଷପାତୀ ମୁଁ ନୁହେଁ ।

କିନ୍ତୁ ତମେତ ଦିନେ ଆମ ଦୁଃଖକୁ ନିଜ ମୁଣ୍ଡ ଉପରକୁ ନେଇଥିଲ ! ଆଜି ପର୍ଯ୍ୟନ୍ତ ତମେ ମୋ' ଆଗରେ ଅସ୍ପଷ୍ଟ ରହିଗଲ ପ୍ରଫୁଲ୍ଲବାବୁ ! ତମକୁ ଜାଣିବାକୁ ଅନେକ ଚେଷ୍ଟା କରି ମଧ୍ୟ ବିଫଳ ହୋଇଛି ।

ଏହା ଖୁବ୍ ସ୍ୱାଭାବିକ । ଗୋଟିଏ ନାରୀ ସମ୍ପର୍କରେ ଗୋଟିଏ ପୁରୁଷ ବା ଗୋଟିଏ ପୁରୁଷ ସହିତ ଗୋଟିଏ ନାରୀର ସମ୍ପର୍କ ପ୍ରତିଷ୍ଠା ହେଲେ ଏଇପରି ହୋଇଥାଏ ।

ପ୍ରଫୁଲ୍ଲର କଥାଭାଷାରେ କୃତ୍ରିମ ଆବେଗ ଝରିପଡ଼ୁଥିଲା । ସେ ଅନିଚ୍ଛା ଭାବରେ ଫେରି ଯିବାକୁ ଉଦ୍ୟତ ହେଉଥିଲାବେଳେ, ସୁଜାତା ତାକୁ ବସିବାକୁ ଅନୁରୋଧ କଲା ।

ପ୍ରଫୁଲ୍ଲ ଭିତର ଘରେ ପଡ଼ିଥିବା ଚୌକି ଉପରେ ବସି ପଡ଼ି, ପକେଟରୁ ରୁମାଲ କାଢ଼ି, ମୁହଁ ଆଉ ବେକ ତଳକୁ ବାରମ୍ବାର ପୋଛିବାକୁ ଲାଗିଲା ଏହି ଅବସରରେ ସୁଜାତା ତାଳପତ୍ର ପଙ୍ଖାଟି ନେଇ ଆସି ଧିରେ ଧିରେ ବିଞ୍ଚି-ବାକୁ ଲାଗିଲା । ପ୍ରଫୁଲ୍ଲ ନିଶ୍ଚିନ୍ତ ହୋଇ ଚୌକିର ବାଁପଟ କାଠ ଉପରେ ଭରାଦେଇ ଓଜନିଆ ମୁଣ୍ଡକୁ ସଳଖାଇ ନେଲା ।

ଆନନ୍ଦର ଆତିଶଯ୍ୟରେ ସୁଜାତାର ମନ ଫୁଲି ଫୁଲି ଉଠୁଥିଲା । ବାହାର ଦୁନିଆର କଳକୂଜନ ତା' କାନରେ ମୋଟେ ପଶି ପାରୁନଥିଲା । ବିଶାଳ ଦୁନିଆର କୌଣସଟି ଜିନିଷ ତ' ଆଖିରେ ଦେଖା ଯାଉ ନଥିଲା । ସେ ପ୍ରାଣେ ପ୍ରାଣେ ପ୍ରଫୁଲ୍ଲର ଉପସ୍ଥିତିକୁହିଁ ଖାଲି ଅନୁଭବ କରୁଥିଲା ।

ପ୍ରଫୁଲ୍ଲ ଗବାକ୍ଷ ଭିତର ଦେଇ ବାହାରକୁ ଅନେଇଥାଏ । ସମୟ ତକ ଏହା ଭିତରେ ଅନେକ ଆଗେଇ ଯାଇଛି । ସେ ଇତସ୍ତତ ହେଲା ଯିବା ପାଇଁ ।

ପ୍ରଫୁଲ୍ଲର ଭାବାନ୍ତର ଲକ୍ଷ୍ୟକରି ସୁଚତୁରା ସୁଜାତା ସତର୍କ ହେଲା ।
ସେ ପ୍ରଫୁଲ୍ଲର ଅପେକ୍ଷାକୃତ ଗମ୍ଭୀର ମୁଖମଣ୍ଡଳକୁ ଅନାଇ କହିଲା—ଆସିବାର ଉଦ୍ଦେଶ୍ୟ ତ କହିଲେ ନାହିଁ ପ୍ରଫୁଲ୍ଲ ବାବୁ !

ବୋଧହୁଏ ମୋ ମନର ଭାବନା ଶେଷଯାଏ ଅବ୍ୟକ୍ତ ରହିଯିବ ସୁଜାତା ! କହିବାକୁ ଇଚ୍ଛା କରୁଥିଲେ ମଧ୍ୟ କହି ପାରୁନାହିଁ ।

ମୋ'ରାଣ ପ୍ରଫୁଲ୍ଲବାବୁ ! ତୁମେ କୁହ ।

ତୁମେ ପାରିବନି ସୁଜାତା ?

ମୋତେ ସନ୍ଦେହ କରୁଛନ୍ତି ପ୍ରଫୁଲ୍ଲବାବୁ ! ତୁମକୁ ଭୁଲାଇବାର ଅଭିଳାଷ ମୋର ନାହିଁ । ତୁମର ସୁଖ ଆଉ ଆନନ୍ଦରେହିଁ ଯେ ମୋର ପରମ ସନ୍ତୋଷ, ଏହା କ'ଣ ବୁଝେଇବାକୁ ହେବ ତମକୁ ।

ସୁଜାତାର ଭାବପ୍ରବଣତାରେ ପ୍ରଫୁଲ୍ଲ ମନେ ମନେ ଆନନ୍ଦିତ ହେଲା । ଅନେକ ସମୟରେ ପ୍ରଫୁଲ୍ଲର ଅଭାବ ପଡ଼େ । ଆୟ ତୁଳନାରେ ବ୍ୟୟର ମାତ୍ରା ସୀମା ଅତିକ୍ରମ କରେ । ସୁଜାତା କମ୍ପାନୀ ଚାକିରୀ ପାଇବା ପରେ ପ୍ରଫୁଲ୍ଲ ନ କହିଲେ ମଧ୍ୟ ସୁଜାତା ପ୍ରଫୁଲ୍ଲକୁ ଅଭାବର ସମ୍ମୁଖୀନ ହେବାକୁ ଦିଏନା । ସୁଜାତାକୁ ନିଜ ପରିବାର ଭିତରର ଜଣେ ଭାବି ସାହାଯ୍ୟ ନେବାକୁ କୁଣ୍ଠିତ ମଧ୍ୟ ହୁଏନା । ଏପରିକି ଛବି ସହିତ ସଂପର୍କ ପ୍ରତିଷ୍ଠା ହେଲା ଦିନୁ ସୁଜାତାର ଅର୍ଥରୁହିଁ ପ୍ରଫୁଲ୍ଲ ଉପହାର ସଂଗ୍ରହ କରି ଛବି ହାତରେ ଦିଏ । କିନ୍ତୁ ଏଥର ତା'ର ଅଭାବର ପରିମାଣଟା ଆଶାତୀତ ଭାବରେ ବେଶୀ, ତେଣୁ ସେ ସୁଜାତାକୁ ଏତେ ଗୁଡ଼ିଏ ଅର୍ଥ ମାଗିବ କି ନାହିଁ ଦ୍ୱନ୍ଦ୍ୱରେ ପଡ଼ିଥାଏ । କିନ୍ତୁ ଛବିର ଭାବନା ତା ମନ ଭିତରେ ଏତେ ଶକ୍ତିଶାଳୀ ହେଲାଯେ ସେ ସୁଜାତାର ଚାକିରୀ ଆଉ ପରିବେଷ୍ଟନୀ କଥା ଭୁଲିଗଲା ।

ସୁଜାତା ଆଖିରେ ଉତ୍କଣ୍ଠା ଭରି ପ୍ରଫୁଲ୍ଲ ମୁହଁକୁ ଅନାଇ ରହିଥାଏ ।

ପ୍ରଫୁଲ୍ଲ ଗୋଟାଏ ଦୀର୍ଘ ନିଶ୍ୱାସ ଛାଡ଼ି କହିଲା, ମୋର ପଚିଶଟି ଟଙ୍କା ଦରକାର ସୁଜାତା ! ତମେ କାଳେ ଅପ୍ରସ୍ତୁତ ହେବ ସେଇଥିପାଇଁ କହୁନଥିଲି ।

ଟଙ୍କା ! କେବେ ଦରକାର ? ସୁଜାତା କାରଣ ସୁଦ୍ଧା ପଚାରିଲା ନାହିଁ ।

ଆଜି—ଏଇ ବର୍ତ୍ତମାନ !

ସୁଜାତାର ଫୁଟିଲା ମୁହଁ ଝାଉଁଳି ପଡ଼ିଲା । ସ୍ତବ୍ଧ ପାହୁଲେ ଦାରମା । ହାତରେ ଜରୁରୀ ପରିସ୍ଥିତି ପାଇଁ ମାତ୍ର ପଚାଶଟି ଟଙ୍କା ରହିଛି । ଯାହା ଥିଲା କାଲି ବଜାରକୁ ଯାଇ ଶାଢ଼ୀ ଓ ଅନ୍ୟାନ୍ୟ ଜିନଷ ନେଇ ଆସିଛି ।

ସୁଜାତାର ନୀରବତା ଲକ୍ଷ୍ୟକରି ପ୍ରଫୁଲ୍ଲ ପଚାରିଲା—ନୀରବ ରହିଲ ଯେ ସୁଜାତା !

ମୋ ପାଖରେ ସର୍ବମୋଟ ପଚାଶଟି ଟଙ୍କାମାତ୍ର ଅଛି । ଗତ କାଲି ଏ କଥା କହିଥିଲେ ଶାଢ଼ୀ ଆଦି ଜିନଷ ପତ୍ର ନକିଣି ତମକୁ ଦେଇ ପାରିଥାନ୍ତି ।

କିନ୍ତୁ ଆଜି ଦିନଟିର ଗୁରୁତ୍ୱ ମୋ ପାଖରେ ଢେର୍ ବେଶୀ ସୁଜାତା ! ଗତ କାଲି ମୋର ଲୋଡ଼ା ନଥିଲା, ଆସନ୍ତା କାଲି ମଧ୍ୟ ପ୍ରୟୋଜନରେ ଆସିବନି । କହିସାରି ପ୍ରଫୁଲ୍ଲ କିଛି ସମୟ ଭାବିହେଲା ମନେ ମନେ । ତାପରେ କହିଲା—କି ଶାଢ଼ୀ କିଣିଛ ସୁଜାତା ?

ନାଇଲନ୍ ! ସେଥିପାଇଁ ଗୁଡ଼ାଏ ଖର୍ଚ୍ଚ ହୋଇଗଲା ।

ନାଇଲନ୍ ! ଆଚ୍ଛା ସେହି ଶାଢ଼ୀଟି ଆଉ ଅବଶିଷ୍ଟ ଟଙ୍କା ଦେଇପାରିବ ?

ସୁଜାତା କିଛି ନ କହି ଶାଢ଼ୀ ଆଉ ଟଙ୍କା ଆଣି ପ୍ରଫୁଲ୍ଲ ହାତକୁ ବଢ଼ାଇଦେଲା ଆଗ୍ରହରେ ।

ପ୍ରଫୁଲ୍ଲ ଆଉ ଅପେକ୍ଷା ନକରି ସୁଜାତା ଘରୁ ବାହାରି ଆସିଲା କ୍ଷୀପ୍ର ଗତିରେ । କରୁଣ ଦୃଷ୍ଟିରେ ପ୍ରଫୁଲ୍ଲର ଚାଲିପଥକୁ ଖାଲି ଅନାଇ ରହିଥାଏ ସୁଜାତା ।

ଅଜୟ ଠିକ୍ ସେତିକିବେଳେ ସୁଜାତା ଘର ଉଦ୍ଦେଶ୍ୟରେ ଆସୁଥିଲା । କିନ୍ତୁ ସେତିକିବେଳେ ପ୍ରଫୁଲ୍ଲକୁ ସୁଜାତା ଘରୁ ଫେରୁଥିବା ଦେଖି ସେ ବାଟ ଭାଙ୍ଗି ମେସ୍ଆଡ଼କୁ ମୁହାଁଇଲା ।

ଅଜୟ କଳ୍ପନା ଭିତରେ ଭାସି ଚାଲିଛି । ପଉଁଶିଆ ଭାସମାନ ମେଘଖଣ୍ଡରୁ ଭାବ ସଂଗ୍ରହ କରିବାରେ ସେ ବ୍ୟସ୍ତ । ମନ ଭିତରେ କୋଟିଏ ଭାବନାର ଭେଳା । ଅଙ୍ଗେ ଅଙ୍ଗେ ଅନୁଭବ କରୁଛି ଗୋଟିଏ ସୁମଧୁର ମୂର୍ଚ୍ଛନାର ମୁଲାୟମ ସ୍ପର୍ଶ ।

କବି ଅଜୟ ସୁନ୍ଦର ପୃଥିବୀର ପ୍ରଥମ ସକାଳ, ସୂର୍ଯ୍ୟାସ୍ତ ଲଗନର ସୁନେଲି ଗୋଧୂଳି ଦେଖି ବେଳେବେଳେ ବିଭୋର ହୁଏ । ନିଜର ସମସ୍ତ ଆବେଗ ଆଉ ଉତ୍ତେଜନାକୁ ରୂପାୟିତ କରେ କବିତା ଦେହରେ ।

କିନ୍ତୁ ଆଜି ଛବି ପାଇଁ କବିତା ଲେଖୁଥିଲା ଅଜୟ । ଗତକାଲି ଛବିର ଜନ୍ମଦିନ ପାର୍ଟିରେ ଯୋଗଦେବାକୁ ମୌଖିକ ନିମନ୍ତ୍ରଣ ପାଇଛି ସେ । ତେଣୁ ଜନ୍ମଦିନ ଉପଲକ୍ଷେ ଗୋଟିଏ ସୁନ୍ଦର କବିତାର ଉପହାର ମନ୍ଦ ନୁହେଁ ।

କେତେଦିନ ତଳେ ରାଜୀବବାବୁଙ୍କ ସଙ୍ଗେ ତା'ର ଅକସ୍ମାତ ପରିଚୟ ହେବା ଫଳରେ ସମ୍ପର୍କ ଆସ୍ତେ ଆସ୍ତେ ଘନିଷ୍ଠ ହୋଇ ଆସୁଛି । ରାଜୀବବାବୁ ଜୀବନର ଶେଷ ପାହାଚରେ ପାଦ ଦେଇଛନ୍ତି । ଯୌବନର ରଙ୍ଗୀନ ସ୍ୱପ୍ନ କାହିଁ କେତେ ଦୂରରେ ରହିଲାଣି । ଅତୀତ କଥା ମନେ ପଡ଼ିଲେ ମନରେ ଗୋଟାଏ ଅପୂର୍ବ ଶିହରଣ ଗୁମରି ଉଠେ । ପୁଣି ଅସମାପ୍ତ ଲକ୍ଷ୍ୟ ପୂରଣ ପାଇଁ ସେ ବ୍ୟତିବ୍ୟସ୍ତ ହୋଇ ଉଠନ୍ତି । ଜୀବନର ଅନ୍ୟାନ୍ୟ ଆକର୍ଷଣ ଭିତରେ ସାହିତ୍ୟଚର୍ଚ୍ଚା ଥିଲା ଏକ ଅପରିହାର୍ଯ୍ୟ ଅଙ୍ଗ । ସୁନ୍ଦର କବିତାଟିଏ ପାଇଲେ, ଉପ ଦେଷ୍ୟ ପ ଜାପ୍ୟ ଭଳି ତାକୁ ଆଗ୍ରହରେ ପଢ଼ନ୍ତି ।* କେବେ କେବେ ମୁଖସ୍ଥ ମଧ୍ୟ କରି ପକାନ୍ତି । ଲେଖକର ଠିକଣା ଖୋଜି ବାହାର କରି ତା' ସଙ୍ଗରେ ଭାବର ଆଦାନ ପ୍ରଦାନ କରନ୍ତି । ଧୈର୍ଯ୍ୟଶୀଳ ଶ୍ରୋତା ପାଇଲେ ସେ ମଣିକାଞ୍ଚନ ପାଇଲା ଭଳି ମନେ କରନ୍ତି ।

ଅଜୟ ସେଦିନ କାଠଯୋଡ଼ୀର ପଥର ବନ୍ଧ ଉପରେ ଲକ୍ଷ୍ୟହୀନ ଭାବରେ ଭ୍ରମଣ କରୁଁ କରୁଁ ଅକସ୍ମାତ୍ ଭାବରେ ଆବିଷ୍କାର କରିଥିଲା ରାଜୀବ ବାବୁଙ୍କୁ । ରାଜୀବବାବୁ କବିପ୍ରାଣ ଅଜୟକୁ ପାଇ ପରମ ସନ୍ତୋଷ ପ୍ରକାଶ

କରୁଥିଲେ । ତା'ର ଲେଖା ପଢ଼ି ମନେ ମନେ ତାକୁ ଖୋଜୁଥିଲେ । ହଠାତ୍ ଦେଖା ହେବା ଫଳରେ ଆଗ୍ରହାନ୍ୱିତଗଯ୍ୟରେ ନିମନ୍ତ୍ରଣ କଲେ ନିଜ ଘରକୁ ।

ଅଜୟ ବାଧ୍ୟ ହୋଇ ରାଜୀବ ବାବୁଙ୍କ ସଙ୍ଗରେ ଗଲା । ରିକ୍ସା ଯେତେବେଳେ କଠକଚଣ୍ଡୀ ରୋଡ୍‌ରେ ଥିବା ସେହି ତାଉଆ ରଙ୍ଗର ଦ୍ୱିତଳ ପ୍ରାସାଦ ଆଗରେ ଅଟକିଲା, ଫାଟକ ଖୋଲି, ଆଖି ଦୁଇଟିରେ ଆନନ୍ଦ ଆଉ ଉତ୍ସାହର ବାଣ୍ଡି ନେଇ, ଚପଳ ପାଦରେ ଚାଲି ଅସିଲା ଗୋଟିଏ ଷୋହଳ କି ସତର ବର୍ଷ ବୟସର ଅପରୂପ ଲାବଣ୍ୟମୟୀ ତରୁଣୀ । ବେଶବାସରେ ଉଚ୍ଛୃଙ୍ଖଳତା ନାହିଁ । ଅଙ୍ଗେ ଅଙ୍ଗେ ଫୁଟି ଉଠୁଛି ଗୋଟିଏ ସ୍ୱଚ୍ଛ ସରଳ ଆଭିଜାତ୍ୟ ।

ଅଜୟ ପ୍ରଥମ ଦର୍ଶନରେ ହିଁ ବିମୁଗ୍ଧ ହେଲା । ସୌନ୍ଦର୍ଯ୍ୟର ଏତେ ସମାବେଶ ସେ ଆଗରୁ କାହାଠାରେ ଦେଖିଥିବାର ମନେ ହେଲା ନାହିଁ । ବିଭୋର ହୋଇ ଚାହିଁ ରହିଲା ଏହି ଅପରୂପ କୁମାରୀଟିକୁ । ଅନିନ୍ଦ୍ୟ ମୁଖମଣ୍ଡଳରେ ପ୍ରେମ କବିତାର ସ୍ୱପ୍ନିଳ ଛନ୍ଦ ଯେପରି ଲହଡ଼ି ଉଠୁଥାଏ । ଅଜୟର ମନେ ହେଲା ସତେ ଯେମିତି ସେ ତା'ର ଚିରଈପ୍ସିତ ମନର ମାନସୀକୁ ଅକସ୍ମାତ୍ ଦେଖି ପାରିଛି । ମନ ଭିତରଟା ଏକ ଅଜଣା ନିଶାରେ ବିଭୋର ହେଉଥିଲା ।

ଛବି ରାଜୀବବାବୁଙ୍କର ହାତ ଧରି ରିକ୍ସାରୁ ଓହ୍ଲାଇବା ପାଇଁ ସାହାଯ୍ୟ କରୁଥିଲା । ରାଜୀବବାବୁ ଓହ୍ଲାଇ ସାରିବା ପରେ ଅଜୟକୁ ରିକ୍ସା ଉପରେ ଅନ୍ୟମନସ୍କ ଭାବରେ ବସି ରହିଥିବା ଦେଖି କହିଲେ—ଅଜୟବାବୁ, ପଶ୍ଚିମ ଆକାଶରେ କଳାହାଣ୍ଡିଆ ମେଘ ଉଙ୍କି ମାରିଲାଣି । ଆପଣ ଓହ୍ଲାଇ ଆସନ୍ତୁ ।

ଛବି ଅପରିଚିତ ଅଜୟକୁ ଦେଖି ସଂକୋଚ ପ୍ରକାଶ କରୁଥାଏ । ସେ ଯେମିତି ଅପ୍ରସ୍ତୁତ ହୋଇ ଅସହ୍ୟ ବେଦନାରେ ଛଟପଟ ହେଉଛି । ମୁହଁରେ ଆଉ ସେ ହସିଲା ହସିଲା କଥା ନାହିଁ । ଆଖି ଦୁଇଟିରେ କିମିତି ବିସ୍ମୟଭାବ ପୂରି ରହିଛି । ମନେ ମନେ ସେ ଅଜୟର ପରିଚୟ ଖୋଜି ହେଉଥାଏ ।

ଛବିର ଏହି ସଂକୋଚ ଭାବକୁ ଲକ୍ଷ୍ୟ କରି ପରିସ୍ଥିତିକୁ ସରଳ କରିବା ଉଦ୍ଦେଶ୍ୟରେ ରାଜୀବ ବାବୁ କହିଲେ—ତୁ ଚିହ୍ନିନୁ ଛବି ! ଇଏ ପରା କବି ଅଜୟ ! ଯାହାଙ୍କ ଉପନ୍ୟାସଟି କାଲି ରାତିରେ ଶେଷ କଲୁ ।

ଛବି ପରିଚୟ ପାଇ ମନେ ମନେ ଖୁବ୍ ଆନନ୍ଦିତ ହେଲା । ରାଜୀବ ବାବୁଙ୍କଠାରୁ ଲେଖକଙ୍କୁ ସମ୍ମାନ ଦେବା ସେ ମଧ୍ୟ ଶିଖିଛି । ତାର ମୁହଁ ଗୋଠାକରେ ହସର ଗୋଟିଏ ହାଲୁକା ପ୍ରଲେପ ବୋଳି ହୋଇଗଲା । ଲୋହିତ ଅଧରର କଣେ କଣେ ମୁର୍କି ହସର ମନ ଉଲସିଆ ସଂଗୀତଟିଏ ସତେ ଯେମିତି ଆତ୍ମପ୍ରକାଶ କରିବାକୁ ଆପ୍ରାଣ ଚେଷ୍ଟା କରୁଥିଲା ।

ଛବି ତାର ପଲ୍ଲବ କୋମଳ ପାପୁଲି ଦୁଇଟିକୁ ଲୀଳାୟିତ ଭଙ୍ଗୀରେ ଛନ୍ଦି ଦେଇ ନମସ୍କାର କଲା ଅଜୟକୁ ।

ଅଜୟ ଅନ୍ୟମନସ୍କ ଭାବରେ ଛବିର ଏହି କମନୀୟ ନମସ୍କାରଟିକୁ ଫେରାଇ ଦେଉ ଦେଉ ଶୁଣିଲା, ବୁଝିଲେ ଅଜୟ ବାବୁ ! ଇଏ ମୋର ଝିଅ ଛବି, ମୋର ଭଠାୟୁଣ୍ଡ୍ ଜୀବନର ଏକମାତ୍ର ଅବଲମ୍ବନ । ତାର ଖାପଛଡ଼ା କଥାଗୁଡ଼ିକ ମୋର କାର୍ଯ୍ୟହୀନ ନିଃସଙ୍ଗ ସମୟକୁ ବେଶ୍ ଚଞ୍ଚଳ କରି ପକାଏ ।

ଛବି ଲଜ୍ଜିତ ହେଲା । ସେ କଥାର ମୋଡ଼ ବୁଲାଇବାକୁ ଯାଇଁ କହିଲା, ଆସନ୍ତୁନା ଅଜୟବାବୁ ! ବାପା କହିଲେ ପରା ପଶ୍ଚିମ ଆକାଶରେ ମେଘର ଆସର ଜମିଛି । ତୁ ସଙ୍ଗରେ କଥାବାର୍ତ୍ତା ବେଶ୍ ଜମି ଉଠିବ ।

ଅଜୟ, ରାଜୀବବାବୁ ଆଉ ଛନ୍ଦମୟୀ ଛବିର ମଝିରେ ମଝିରେ ଗୁଲ ବାରଣ୍ଡା ଉପରକୁ ଉଠିଲା । ଠିକ୍ ସେତିକବେଳେ ବାରଣ୍ଡାର ତଳ ପାହାଚରେ ପହିଲ ଅସାରର ପ୍ରଥମ ସ୍ପର୍ଶ ବାଜିଲା । ପରେ ପରେ ପବନ ଓ ପାଣିରେ ରାଜମାର୍ଗ ଲୁଚିଗଲା ।

ତିନିଜଣଯାକ ବୈଠକଖାନା ଭିତରେ ପଶିଲେ । ଗୋଲାକାର ଟେବୁଲ ପାଖରେ ପଡ଼ିଥିବା ଦୁଇଟି ସାଇନକାଠର ଚୌକି ଭିତରୁ ଗୋଠାକରେ ରାଜୀବ ବାବୁ ବସିଯାଇ, ଅଜୟକୁ ଅନ୍ୟ ଚୌକିରେ ବସିବାକୁ ସଙ୍କେତ ଦେଲେ । ଛବି ସକାଶେ ଚୌକି ନଥିବା ଦେଖି ଅଜୟ ବସିବାକୁ ସଙ୍କୋଚ



୭

ବୋଧ କରୁଥିଲା । ଛବି ଈଷତ ହସିଲା । ଆଉ କହିଲା, ଆପଣ ବସ ଅଜୟ ବାବୁ, ମୁଁ ଚା'ର ବନ୍ଦୋବସ୍ତ କରୁଛି ।

ଛବି ସେ ଘରୁ ନିଷ୍କ୍ରାନ୍ତ ହେଲା । ତାର ଚଳନ ଭଙ୍ଗୀରେ ଥି ନବାଗତା ଅଭିନେତ୍ରୀର ଲାଳିତ୍ୟ । ଅଜୟ ଗୋପନ ଦୃଷ୍ଟିରେ ଏ ଷୋଡ଼ଶୀର ଗତିଛନ୍ଦକୁ ମନେ ମନେ ଉପଭୋଗ କରୁଥିଲା ।

ଛବି ଚାଲିଗଲା ପରେ ମନେହେଲା ବୈଠକଘରର ଜୀବନ ଚାଲିଗ ଯେମିତି ।

କିଛିକ୍ଷଣ ପରେ ନୀରବତା ଭଙ୍ଗି ରାଜୀବବାବୁ କହିଲେ—ତୁମେ ଖା କବିତା ଲେଖ ବୋଲି ଜାଣିଥିଲି, ଉପନ୍ୟାସ ଉପରେ ମଧ୍ୟ ଦଖଲ ଥି ଦେଖୁଛି ଅଜୟବାବୁ ।

ଦଖଲ କଥାତ କହି ପାରିବି ନାହିଁ । କବିତା ହିଁ ଆଗେ ଲେଖୁଥିଲି ଏବେ ଛାଡ଼ି ଦେଇଛି ।

କାହିଁକି ?

ଓଡ଼ିଆ ପାଠକ ପାଠିକାମାନେ କୁଆଡ଼େ କବିତା ପ୍ରତି ଆଗ୍ରହଶୀଳ ନୁହନ୍ତି ।

କିନ୍ତୁ କାହାର ମତାମତ ଉପରେ କବିତାର ଉତ୍କୃଷ୍ଟତା ନିର୍ଭର କରେନା ।

କିନ୍ତୁ ଲେଖାଲେଖିକୁ ଜୀବନରେ ଅବଲମ୍ବନ ରୂପେ ବାଛି ନେଇ ଥିବାରୁ ପାଠକ ଓ ପ୍ରକାଶକମାନଙ୍କ ମତକୁ ଉପେକ୍ଷା କରି ହେଉନି !

କିନ୍ତୁ ମୋ ମତରେ କବିତା ହିଁ ସାହିତ୍ୟର ମାନଦଣ୍ଡ ରୂପେ ବିବେଚି ହୋଇ ଆସିଛି । ଯେଉଁ ପାଠକ ଆଜି କବିତା ପଢ଼ିବାକୁ ଇଚ୍ଛୁକ ନୁହଁ ସମୟର ପରିପ୍ରେକ୍ଷୀରେ ସେ କେବଳ କବିତା ପଢ଼ିବାକୁ ହିଁ ଆଗ୍ରହ ଦେଖାଇବ ଅଚ୍ଛା କହିଲ ତମ ଉପନ୍ୟାସଟି କିପରି ଭାବରେ ପାଠକଙ୍କ ମନ ପାଇଛି ?

ଆଜି ପ୍ରକାଶକଙ୍କ ପାଖରୁ ଶୁଣିଲି, 'ଛନ୍ଦ ହଜାଏ' ଆଶାତୀ ଭାବରେ ବିକ୍ରୀ ହେଉଛି । ବୋଧହୁଏ ଅସନ୍ତା ମାସରେ ଦ୍ୱିତୀୟ ସଂସ୍କର ପ୍ରକାଶ କରିବେ ।

ଉପନ୍ୟାସର କଥାବସ୍ତୁ କଣ ଖୁବ୍ ବଳିଷ୍ଠ ?

ହଁ, ମୁଁ କହୁଛି ବାପା—ଛବି ଚା' କେଟଲିଟିକୁ ଟେବୁଲ୍ ଉପରେ ରଖି କହିଲା, କବି ଜୀବନର ସୁନ୍ଦର ବ୍ୟାଖ୍ୟା କରିଛନ୍ତି ଅଜୟ ବାବୁ । ଗଡ଼ଜାତ ମିଶ୍ରଣ ପରେ ଗୋଟିଏ ଉଦୀୟମାନ ସାହିତ୍ୟିକର କେମିତି ଅକାଳ ମୃତ୍ୟୁ ହେଲା, ତାର ଗୋଟିଏ କରୁଣ କାହାଣୀ ସେଇଟି ।

ଆଚ୍ଛା, ବ୍ୟାକ୍‌ଗ୍ରାଉଣ୍ଡ ତ ମନ୍ଦ ନୁହେଁ...

ଆଗେ ରାଜାମାନେ କବି ଆଉ ଲେଖକମାନଙ୍କୁ ଅର୍ଥ ଆଉ ସମ୍ମାନ ଦେଇ ଖୁବ୍ ଆଦର କରୁଥିଲେ । ଲେଖା ପ୍ରକାଶ କରିବାର ସମସ୍ତ ଦାୟିତ୍ୱ ବହନ କରି ଲେଖକଙ୍କ ମନରେ ପ୍ରେରଣା ଦେବା ସଙ୍ଗେ ସୃଜନଶୀଳ ପ୍ରତିଭାକୁ ବଂଚାଇ ରଖୁଥିଲେ କିନ୍ତୁ ଉପନ୍ୟାସର ନାୟକ ଗଡ଼ଜାତ ମିଶ୍ରଣ ପରେ ରାଜରାଜୁଡ଼ାଙ୍କର ସମସ୍ତ ସାହାଯ୍ୟ ତଥା ସହାନୁଭୂତି ହରାଇଲା । ନବଗଠିତ ସାହିତ୍ୟ ଏକାଡେମୀ ତାକୁ ସାହାଯ୍ୟ କଲା ନାହିଁ । ପ୍ରତିଷ୍ଠିତ ପ୍ରକାଶକ ଓ ମୁଦ୍ରାକର ନାମଜାଦା କବି ଆଉ ଲେଖକମାନଙ୍କ କଥା ପ୍ରଥମେ ବିଚାର କରିବା ଫଳରେ ସେ ପଛରେ ପଡ଼ି ରହିଲା । ତାର ପ୍ରତିଭା ଅବହେଳିତ ହେବା ଫଳରେ ସୃଜନଶକ୍ତି ନଷ୍ଟ ହୋଇଗଲା । ଏକପ୍ରକାର ଅକାଳ ମୃତ୍ୟୁ ହେଲା ସାହିତ୍ୟିକର । ଛବି ଗୋଟିଏ ନିଃଶ୍ୱାସରେ ଏସବୁ କହି ସାରିଲା ବେଳକୁ ଆଖି ଦୁଇଟି ତାର ସଜଳ ହୋଇ ଉଠିଥାଏ ।

ଏହାର ସ୍ଥାୟୀ ସମାଧାନର କ'ଣ କୌଣସି ପନ୍ଥା ନାହିଁ ଅଜୟବାବୁ ? ରଜୀବବାବୁ ଆର୍ଦ୍ର କଣ୍ଠରେ କହିଲେ ।

ଅଜୟ ଚାପା ଗଳାରେ କହିଲା, ଏହାର ସମାଧାନ କେବଳ ପାଠକମାନଙ୍କ ହାତରେ । ପାଠକମାନେ ବାହାର ପୃଷ୍ଠା ଦେଖି ପୁସ୍ତକର ମୂଲ୍ୟ ଉପରେ ଟିପ୍ପଣୀ ଦିଅନ୍ତି । ଭିତରେ ଖୋଲି ପଢ଼ିବାର ସ୍ପୃହା ନାହିଁ କି ଲେଖକକୁ ଉତ୍ସାହିତ କରିବାର ଉଦ୍ଦେଶ୍ୟ ନାହିଁ । ରଙ୍ଗୀନ ମଲାଟରେ ସୁପ୍ତ କାମନା ଉଦ୍ରେକକାରୀ ଛବିଟିଏ ଥିଲେ ଯେତେ ଦାମ ହେଲେ ମଧ୍ୟ କିଣିବାରେ ଆପତ୍ତି ଉଠେନା । କିନ୍ତୁ ବାସ୍ତବଧର୍ମୀ କଥାବସ୍ତୁ ପଢ଼ିବାକୁ ବିରକ୍ତି ଲାଗେ ।

ଟିକିଏ ରହି ଅଜୟ ପୁଣି କହିଲା, ସବୁଠୁ ବଡ଼କଥା ହେଲା ଲେଖକମାନଙ୍କ ମଧ୍ୟରେ ଏକତାର ଅଭାବ । ପ୍ରକାଶକ ସଂଘ ଭଳି ଯଦି ଲେଖକ ସଂଘ

ଟିଏ ଗଢ଼ିତ ହୁଅନ୍ତା ଲେଖକ ବର୍ଗ ଅନେକ ଜଞ୍ଜାଳରୁ ତ୍ରାହି ପାନ୍ତା । କିନ୍ତୁ ଏସବୁ କରୁଛି କିଏ ? ଯିଏ ଯାହାର ସ୍ୱାର୍ଥରେ ବ୍ୟସ୍ତ । ପ୍ରତିଷ୍ଠିତ ଲେଖକ ନୂତନ ଲେଖକର ପୁସ୍ତକ ଉପରେ ଅଭିମତ ଧାଡ଼ିଏ ଲେଖିଦେବାକୁ କୁଣ୍ଠେ ହୁଏ ଯେଉଁ ଦେଶରେ, ସେ ଦେଶରେ ସାହିତ୍ୟିକର ମୃତ୍ୟୁ ଅନିବାର୍ଯ୍ୟ ।

ତାହାହେଲେ ସାହିତ୍ୟ କ'ଣ ବଞ୍ଚିବ ନାହିଁ ? ରାଜୀବବାବୁ ବ୍ୟ ହୋଇ ଉଠୁଥିଲେ ।

ସାହିତ୍ୟ ବଞ୍ଚିବ କେବଳ ପାଠ୍ୟ ପୁସ୍ତକ ମାଧ୍ୟମରେ—ଅଜୟ ବ୍ୟ କଲା ।

ଛବି ଆଲୋଚନାରେ ପୂର୍ଣ୍ଣଚ୍ଛେଦ ପକାଇବା ଉଦ୍ଦେଶ୍ୟରେ କହିଲ ଚା' ଥଣ୍ଡା ହେଉଛି ଅଜୟବାବୁ, ନିଅନ୍ତୁ ।

ତିନୋଟି କପ୍‌ରେ ପରିବେଷିତ ହୋଇଥିବା ଉଷ୍ଣ ପାନୀୟକୁ ତିନୋ ତୃଷିତ ଅଧର ସମାନ ତାଳରେ ଶୋଷି ନେଲେ । ଦେହ ଆଉ ମନ ତା ହୋଇ ଉଠିଲା । ଇତି ମଧ୍ୟରେ ପରସ୍ପର ପରସ୍ପରକୁ ବୁଝି ପାରିଥିଲେ । ତେ ପୂର୍ବର ସଂକୋଚ ଭାବ କଟି ଯାଇଥିଲା କେତେକାଂଶରେ ।

ଚା ଖାଇବାର ଅଳ୍ପ ସମୟ ପରେ ରାଜୀବବାବୁ ଅଜୟକୁ କହିଲେ ମୁଁ ବିଶେଷ କ୍ଲାନ୍ତ ଅଜୟବାବୁ ! ତୁମେ ଛବି ସହିତ କଥାବାର୍ତ୍ତା କର, ଆସୁଛି ।

ଛନ୍ଦମୟୀ ଛବି ଆଉ କବିପ୍ରାଣ ଅଜୟ କିଛିକ୍ଷଣ ନୀରବ ରହିଲେ ବାହାରେ ପବନର ପ୍ରଖରତା ସଙ୍ଗେ ସଙ୍ଗେ ବର୍ଷାର ଅବିଶ୍ରାନ୍ତ ଅସ ପ୍ରଖରତର ହୋଇ ଉଠୁଥାଏ । ବର୍ଷାର ସରୁ ସରୁ ଜଳକଣା କୋଠକଖା ଭିତରେ ଝିରିଝିରି ହୋଇ ଖେଳାଇ ପଡୁଥାଏ । ଛବି ଦାଣ୍ଡପାଖର ଝରକାଟି ବନ୍ଦ କରିଦେବାକୁ ଯାଉଛି, ଦକ୍ଷିଣ ଆକାଶର ଘଡ଼ଘଡ଼ି ସଙ୍ଗରେ ଛୁ ଆସିଲା ବିଜୁଳିଟିଏ । ବାହାରର ଅନ୍ଧାର ବିଜୁଳି ଆଲୁଅରେ ହସି ଉଠିଲା କିଛିକ୍ଷଣ ପାଇଁ ।

ଅଜୟ ଛବିଳ ଛବିକୁ ତୋଫା ବିଜୁଳି ଆଲୁଅରେ ତନ୍ନତନ୍ନ ଦେଖି ନେଉଥିଲା । ତା'ର ସ୍ୱପ୍ନିଳ ଅଧର ଦୁଇଟିରେ ଝୁଲୁଥିଲା ପ୍ରମତ୍ତା ରମଣୀର

ସୁନ୍ଦର ସଂଳାପ । କଣ୍ଠସ୍ୱରୁ ଝରି ପଡ଼ୁଥିଲା ଆବେଗର ଝଙ୍କାର । ସାରାଅଙ୍ଗରେ ଖେଳୁଛି ଷୋହଳଟି ବସନ୍ତର ଅପୂର୍ବ ଶିହରଣ ।

ଅଦିନିଆ ବର୍ଷା ମନକୁ ବେତାଳିଆ କରିଦିଏ । ହୁଲହୁଲି ଭଳି ଘଡ଼ଘଡ଼ି ଅକବି ହୃଦୟରେ ମଧ୍ୟ କବିତାର ଆବେଗ ପରଶେ । ସହଜରେ ଛବି କବିତା ଲେଖେ । ସେ ବିମୁଗ୍ଧା ବନ ମୟୂରୀ ଭଳି ରାଜପଥର ଜଳସ୍ରୋତ ଉପରେ ଆଖିବୁଲାଇଆଣି ଅଳସଟିକିଏ ହସି ଦେଲା ।

କବି ଅଜୟ ତା'ର ମନର ମାନସୀକୁ ଖୁବ୍ ନିକଟରେ ପାଇ ନାନା ପ୍ରକାର କଳ୍ପନା-ବିଳାସରେ ବୁଡ଼ି ରହିଥିଲା । ସେ ଦଣ୍ଡାୟମାନା ଛବିକୁ ତା'ର ସନ୍ନିକଟ ଆସନରେ ବସିବାକୁ ନୀରବରେ ମନର ମିନତି ଜଣାଇଲା ।

ମନ୍ତ୍ରମୁଗ୍ଧା କୁରଙ୍ଗୀ ଭଳି ଛବି ଚୌକି ଉପରେ ଧୀରେ ଧୀରେ ଆସି ବସିଲା । କବି ଓ କବିତା କିଛିକ୍ଷଣ ପାଇଁ ନୀରବ ରହିଲେ ।

ଛବି ! ଅଜୟ କଣ୍ଠରେ ଅପୂର୍ବ ତନ୍ମୟତା ।

ଉଁ...କ'ଣ କହୁଥିଲେ ? ଅର୍ଦ୍ଧନିମୀଳିତ ଦୃଷ୍ଟି ଟେକି ଛବି ଚାହିଁଲା କବିକୁ ।

ବାହାରେ ଅବିରାମ ବର୍ଷା ।

ଆଉ ବତାସ ବି...ଛବିର ଓଷ୍ଠ ସଂଳାପଟିରେ କେତେ ଉଚ୍ଛ୍ୱାସର ସ୍ପର୍ଶ ।

ବର୍ଷା ଆଉ ବତାସର ମିଳନ ହିଁ ସୃଷ୍ଟିର କାମ୍ୟ...

ଅଜୟ ମୁହଁରୁ କଥା ଛଡ଼ାଇ କହିଲା ଛବି, ଖାଲି କାମ୍ୟ ନୁହେଁ ଅଜୟବାବୁ ! ଗୋଟିକୁ ଛାଡ଼ି ଅନ୍ୟଟିର ସତ୍ତା ବି ଉପଲବ୍ଧି କରି ହୁଏନା । ଅଜୟ ଆଉ କିଛି ନକହି ଛବି ମୁହଁକୁ ଅନାଇଲା ।

ଏମିତି ଅଦିନିଆ ମେଘ, ବିଜୁଳୀ ଆଉ ଘଡ଼ଘଡ଼ି ଭିତରେ ନିର୍ଜନ ଘର ଭିତରେ ବସି ଖାଲି କବିତା ଲେଖିବାକୁ ମନ ହୁଏ, ନୁହେଁ ?

କବିତା ଲେଖା ତ ଛାଡ଼ିଦେଲି, ଆଉ ଉପନ୍ୟାସ ପାଇଁ କଳ୍ପନା ଛଡ଼ା ବ୍ୟକ୍ତିଗତ ଅନୁଭୂତି ବେଶି ଦରକାର ଛବି ! ନାୟକ ନାୟିକାଙ୍କ ମୁହଁରେ

ନିଜର ମନକଥା ଦେଇ ବାସ୍ତବ ଚରିତ୍ର ସୃଷ୍ଟି କରେ ଲେଖକ । କିନ୍ତୁ ମୋର ନିଃସଙ୍ଗ ଜୀବନ ସେ ଅନୁଭୂତିରୁ ଖୁବ୍ ଦୂରରେ ଛବି !

କାହିଁକି ? ଏହି ବର୍ଷା, ଏହି ପରିବେଶ ଆଉ ଅମର ଏହି ଆଳାପ କ'ଣ ଉପନ୍ୟାସର ବିଷୟବସ୍ତୁ ହୋଇପାରିବ ନାହିଁ ?

ତୁମେ ସତ କହୁଛ ଛବି—ଅଜୟ ବିସ୍ମୟ-ପଲକରେ ଛବିକୁ ଅନାଇଲା ।

ନିଶ୍ଚୟ ! ଜଣେ ପ୍ରତିଭାବାନ ଲେଖକର ତୁଳୀରେ ମୁଁ ଯଦି ରୂପାୟିତ ହୋଇ ଅମର ହୋଇ ପାରିବି, ତେବେ ସେଥିପାଇଁ ଅନୁମତି ଦେବାରେ କୁଣ୍ଠିତା ହେବି କାହିଁକି ? ସେ'ତ ମୋର ପରମ ସୌଭାଗ୍ୟ ।

ତୁମେ ସୁଚତୁରା ଛବି ! ତୁମରି ଭଳି ମାନସୀ ପାଇ କବି ଜୀବନ ଧନ୍ୟହୁଏ । ଅଜୟ କୃତକୃତ୍ୟ ହୋଇ ଛବିର ଦୁଇଟି ପାପୁଲିକୁ ତୋଳିନେଲା ନିଜ ହାତ ଭିତରକୁ ।

× × ×

ତୁ ବାସ୍ତବିକ ପ୍ରଶଂସାର ପାତ୍ର ଅଜୟ ! ତୋର ଏହି ଆଶାତୀତ ସଫଳତା ପାଇଁ ଶୁଭେଚ୍ଛା ଜଣାଉଛି । ବରୁଣ ହସି ହସି ଅଜୟ ହାତକୁ ଗୋଲାପୀ ଲଫାପା ଖଣ୍ଡିଏ ବଢ଼ାଇ ଦେଉଥିଲା ।

ଅଜୟ ଚନ୍ଦ୍ରାରାଜ୍ୟରୁ ବାସ୍ତବ ପରିସ୍ଥିତିକୁ ଫେରି ଆସିଲା ଯେମିତି । କିଛିକ୍ଷଣ ପୂର୍ବେ ସେ ଗୋଟିଏ ରଙ୍ଗୀନ ରାଜ୍ୟର ଅଧିବାସୀ ଥିଲା । ବରୁଣର ଅବାଞ୍ଛିତ ଶୁଭେଚ୍ଛା ତାକୁ ସେହି ସୁନେଲି ସ୍ୱପ୍ନରୁ ଫେରାଇ ଆଣିଲା । ସେ ପ୍ରକୃତିସ୍ଥ ହୋଇ ପଚାରିଲା, କଥା କଣ ବରୁଣ ?

ସତେ ଯେମିତି କିଛି ଜାଣୁନା ? କରେ, ବିଲେଇ ଆଖିବୁଜି କ୍ଷୀର ପିଇବ କେତେଦିନ ! ଯାହାହେଉ ଅନେକ ଆଗେଇ ଯାଇଛୁ ଅଜୟ ! ପଥ ତୋର ସୁଗମ ହେଉ—ଉଦ୍ୟମ ତୋର ସଫଳ ହେଉ !!

କରେ ସକାଳୁ ସକାଳୁ ଏ ଆଶୀର୍ବାଦର ବଜ୍ର କାହିଁକି ? ବାଚସ୍ପତି ଆଉ ଘରୁ ପଳାଇଲା ।

ବଜ୍ର ନୁହେ ବୀର ! ବିନା ମେଘରେ ଅମୃତ ବର୍ଷା । ଛବି ଅଜୟକୁ ନିମନ୍ତ୍ରଣ କରିଛି ।

ଛବି ଆଉ ଅଜୟ ? ବୀର ପଚାରିଲା ।

ମଝିରେ ଗୋଲାପୀ ଲଫାପା—ବରୁଣ ବ୍ୟଙ୍ଗ କରି କହିଲା

ସତେ ନା କଅଣ ? ଛବି ପୁଣି ଆମର ଅଜୟ ସଙ୍ଗେ ଜୁଟିଲା କେମିତି ?

ସେଇତ ଆଶ୍ଚର୍ଯ୍ୟ । ବରୁଣ ଉତ୍ତର ଦେଲା ।

ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ଏଥିରେ ? କାଠଯୋଡ଼ୀ କୂଳରେ ରାଜୀବବାବୁଙ୍କ ସଙ୍ଗରେ ଅକସ୍ମାତ ପରିଚୟ ହେଲା ସେଦିନ । ରାଜୀବବାବୁ ଘରକୁ ଡାକିନେଲେ । ଛବି ସଙ୍ଗେ ଦେଖା ହେଲା । ଜନ୍ମଦିନ ଉପଲକ୍ଷେ ନିମନ୍ତ୍ରଣ କରିଛି । ଅଜୟ ଲଫାପା ଖୋଲି ଖୋଲି ଜବାବ ଦେଲା ।

ଏ ନିମନ୍ତ୍ରଣ ନୁହେଁ ଅଜୟ ! ରୂପର ଜଳନ୍ତା ନିଆଁରେ ଜାଳିବାର ଇଏ ଗୋଟିଏ ପନ୍ଥା । ଶେଷ ହୋଇଯିବୁ ଅଜୟ ! ବୀରେନ୍ଦ୍ର କହିଉଠିଲା ।

ସେ ପୁଣି କେମିତି ?

ଶୁଣିବୁ ? ଆମ ଅଫିସର କାମକରୁଥିବା ପ୍ରଫୁଲ୍ଲ ଆଜି ତାର ପାଇଁ ସର୍ବହରା । ପୂର୍ବବର୍ଷ ହେଲା ଛବି ସକାଶେ ସୁଅ ଭଳି ପଇସା ସାରି କରଜ ଭାରରେ ଭାଙ୍ଗି ପଡ଼ିଲାଣି । କିନ୍ତୁ ଏ ପର୍ଯ୍ୟନ୍ତ ସଫଳତା ପାଇ ପାରିଲା ନାହିଁ । ତେବେ ଆଜି ସେ ଶୀକାର କରିବାକୁ ଚାହେଁ ।

କିନ୍ତୁ ରାଜୀବବାବୁ ତ' ସେମିତିକା ଲୋକ ନୁହନ୍ତି । ପୁଣି ସରଳା ଛବିର ବ୍ୟବହାରତ ଅତି ଚମତ୍କାର । ତୁ ତ ଠିକ ବିପରୀତ କଥା କହୁଛୁ ବୀର ।

ବାସ୍ତବ ବୋଲି କହୁଛି ! ଆଉ ଖାଲି କହୁନାହିଁ ଅଜୟ ! ତୋତେ ସତର୍କ କରି ଦେଉଛି । ପ୍ରଫୁଲ୍ଲର ସମସ୍ତ କାହାଣୀ ଶୁଣିଛି । ଜନ୍ମଦିନର ଆଳ ଦେଖାଇ ଗୁଡ଼ାଏ ଦାମୀ ଉପହାର ସଂଗ୍ରହ କରିବାର ଉପାୟ ଖଞ୍ଜିଛି ସେହି ବୁଢା । ଛବିକୁ ଶିଖଣ୍ଡି କରି ଠକାମୀ ରଥ ଚଳାଉଛି । ପ୍ରଫୁଲ୍ଲକୁ ଦେଖିଲି ଗୋଟିଏ ହାତରେ ଖଣ୍ଡେ ନାଇଲନ ଶାଢ଼ୀ ଓ ଗୁଡ଼ାଏ ସୌଖିନ ଜିନିଷ ନେଇ ସାଇକଲ ଉପରେ ଅଣନିଶ୍ୱାସୀ ହୋଇ ଛବି ଘର ଆଡ଼େ ଧାଉଁଛି । ଏବେ ତୋ ହାତରେ ଗୋଲାପୀ ଲଫାପା ଦେଖିଲି । ଖାଲି ସବୁ ଇନ୍ଦ୍ରଜାଲ ଅଜୟ ! ତୁ ମୋଟେ ଛବିକୁ ବୁଝି ପାରିବୁ ନାହିଁ ।

ବୁଝି ପାରୁବ ନାହିଁ ଛବିକୁ ? ଗୋଟିଏ ପଲକରେ ନାରୀକୁ ଚିହ୍ନି ହେବ । ପଦ୍ମାଏ କଥାରେ ତାକୁ ବୁଝି ହେବ ।

ସେ ସବୁଦିନ ପାଇଁ ଅବୁଝା ରହିଯିବ ଅଜୟ ! ତୋର କବିପ୍ରାଣ ଛବିର ରୂପଶ୍ରୀ ପ୍ରତି ଆକୃଷ୍ଟ ହୋଇଥିବ । ଅନ୍ଧ ଭାବରେ ତୁ ତାର ପ୍ରଣୟ ପାଶରେ ଆବଦ୍ଧ ହୋଇଥିବୁ । କିନ୍ତୁ ନାରୀକୁ ସହଜରେ ଚିହ୍ନି ହୁଏନା ଅଜୟ । ତୁ ଏଥିରୁ ବିରତ ହ । ବୀରେନ୍ଦ୍ର ଉପଦେଶ ଦେଲା ।

ସେ ଆଉ ଫେରି ପାରିବ ନ ! ବରୁଣ ହସି ହସି କହିଲା । କିନ୍ତୁ ଅଜୟଭଳି ସାଥିଟିଏ ହରାଇଲେ ଆମର 'ସବୁଜ ମେସ' ଯେ ନୀରସ ମରୁ ଭୂମିରେ ପରିଣତ ହେବ । ଏଥିରେ ଦ୍ୱିରୁକ୍ତି ନାହିଁ ।

ଅଜୟକୁ ଏ କଥାଗୁଡ଼ିକ କେମିତି ଖାପଛଡ଼ା ଲାଗୁଥିଲା । ସେ ଏସବୁ ମନ୍ତବ୍ୟ ଉପରେ ମୋଟେ ହେଲେ ଗୁରୁତ୍ୱ ନ ଦେଇ, ଖଟ ଉପରକୁ ଯାଇ ଛବିର ଶୁଭେଚ୍ଛା ସଂଗୀତ ଲେଖି ବସିଲା । ମନର ସବୁଜଭାବନାକୁ ସୁନ୍ଦର ଭାଷାର ପରିଚ୍ଛଦ ପିନ୍ଧାଇ ସେ ଅଦମ୍ୟ ଆବେଗରେ ଲେଖିବସିଲା, 'ତୁମର ଜନ୍ମଦିନ ଉପଲକ୍ଷରେ ବହୁମୂଲ୍ୟ ଉପହାର ଦେବାକୁ ମୋ ପାଖରେ ସମ୍ବଳ ନାହିଁ ଛବି । ମୁଁ ମୋର ହୃଦୟ ମନ୍ଥନ କରି ଯେଉଁ ଭାଷା ପାଇଲି, ସେହି ଭାଷାର ମାଧ୍ୟମରେ ପ୍ରକାଶ କରୁଛି, ତୁମର ଏହି ସୁସ୍ମିତ ଜୀବନ ଦୀର୍ଘାୟୁ ହେଉ । ତୁମେ ଉଷା ଲଗ୍ନର ଅମଳିନ ଗୋଲାପ ଭଳି ସୌରଭମୟୀ ହୁଅ !

ଛବିର ଆଜି ଜନ୍ମଦିନ ।

ରାଜୀବବାବୁଙ୍କ ଅଳସିଆ ଜୀବନ ବେଶ ମୁଖର ହୋଇ ଉଠିଛି । ଆଗନ୍ତୁକ ଅତିଥିବର୍ଗଙ୍କର ଚର୍ଚ୍ଚା ବୁଝିବାକୁ ଚଞ୍ଚଳ ହୋଇ ଉଠିଛନ୍ତି ।

ଝଲଝଲ ଝିଅ ଛବିର ଜନ୍ମଦିବସଟିର ଜାକଜମକ ଗୋଟିଏ ମଧ୍ୟବିତ୍ତ ପରିବାରର ବିବାହ ଉତ୍ସବ ପରି ମନେ ହେଉଥାଏ ।

ବିଶାଳ ଦୁନିଆର ବିକ୍ଷିପ୍ତ ପରିବାର ଭିତରେ ପ୍ରତି ମୁହୂର୍ତ୍ତରେ ଏକାଧିକ ସନ୍ତାନ ଜନ୍ମ ହେଉଛନ୍ତି । କିନ୍ତୁ ତାଙ୍କର ଜନ୍ମମରଣର ଖବର କେହି ରଖନ୍ତି ନାହିଁ । ବୟସ ବଢ଼ିବା ସଙ୍ଗେ ସଙ୍ଗେ ବର୍ଷ, ମାସ ଆଜି ନାଁ ସୁଦ୍ଧା ଭୁଲି ଯାନ୍ତି । କିନ୍ତୁ ଛବି ପରି ଧନୀ ଦୁଲାଳୀର ଜନ୍ମଦିନକୁ ମନେ ରଖିବା ଲାଗି ସମସ୍ତ ଆୟୋଜନ ହୁଏ । ସାରା ବର୍ଷ ଭିତରେ ତାହି ଗୋଟିଏ ସୁନ୍ଦର ଆଉ ସାର୍ଥକ ଦିବସ ।

ଛବି ଗୋଟି ଗୋଟି କରି ଷୋହଳଟି ବସନ୍ତର ମାଧୁର୍ଯ୍ୟ ଚୁଷିଛି । ମଳୟର ମିଠା ମୂର୍ଚ୍ଛନାକୁ ଅଙ୍ଗେ ଅଙ୍ଗେ ବୋଳି ହୋଇ ସେ ଆଜି ଗୋଟିଏ ମଧୁଆଳୀ ସଙ୍ଗୀତର ରସପାତ୍ର ହୋଇ ଉଠିଛି । ସୁସ୍ଥ ଶରୀରର ପ୍ରତି ଲୋମକୂପରେ ଖାଲି ସୁଖ ଆଉ ସମ୍ଭୋଗର ପ୍ରଲେପ । ତହିଁରେ ବିଷାଦର ସ୍ଥାନ ନାହିଁ କି ବିଫଳତାର ତିକ୍ତତା ନାହିଁ । ଛବି ହସି, ଖେଳି ପରମ ତୃପ୍ତିରେ ଏ ଦୁନିଆକୁ ଷୋହଳ ବର୍ଷ ହେଲା ଉପଭୋଗ କରିଚି । ରାଜୀବ ବାବୁଙ୍କର ସ୍ନେହ ଆଉ ସମ୍ପଦ ଝଲଝଲ ଛବିକୁ ସମସ୍ତ ସୁଖ ଯୋଗାଇଛି ।

ଛବି ରୂପେଲି ପରଦାର ସୁନ୍ଦରୀ ଚିତ୍ରତାରକା ଭଳି ନିଜର ଅଙ୍ଗଲତାକୁ ସଜାଇବାରେ ବ୍ୟସ୍ତ ଥିଲା ! ଟେବୁଲ ଉପରେ ସମସ୍ତ ସାଧନ ସାମଗ୍ରୀକୁ ସଜାଡ଼ି ରଖି ଗୋଟି ଗୋଟି କରି ପରୀକ୍ଷା କରୁଥିଲା ! ମନ ଭିତରେ କେତେ ଉତ୍ସାହ, କେତେ ଉଦ୍ଦୀପନା । ଘର ଭିତରେ ଆସ୍ତେ ଆସ୍ତେ ଅତିଥିମାନେ ରୁଣ୍ଡ ହେବାକୁ ଲାଗିଲେଣି । ନିମନ୍ତ୍ରିତ ଭଦ୍ରବ୍ୟକ୍ତିମାନଙ୍କ ହାତରେ ସୁନ୍ଦର ସୁନ୍ଦର ଉପହାର ସାମଗ୍ରୀ ।

ସୁଜାତା ଡ୍ରେସିଙ୍ଗଟେବୁଲ ପାଖରେ ବସି ଟୁଲରେ ରଖା ହୋଇଥିବା ଚମଡ଼ା ବାକ୍ସଟିକୁ ଫିଟାଇଲା । ବନାରସୀ ଶାଢ଼ୀଠାରୁ ଆରମ୍ଭକରି ବେଙ୍ଗାଲୋର ସିଲ୍କ ଯାଏ ସବୁ ଯତ୍ନରେ ରଖା ହୋଇଛି । ବର୍ଡ଼ରର ଡିଜାଇନ ଗୁଡ଼ିକ ଆଧୁନିକ ରୁଚିସମ୍ପନ୍ନ । ପିନ୍ଧିଲେ ଦେହର କାନ୍ତି ବଢ଼ାଇ ଦିଏ । ଆଖିରେ ଗୋଟିଏ ଅଜଣା ଆକର୍ଷଣର ଅଞ୍ଜନ ବୋଳିଦିଏ । ଛବି

ଗୋଟି ଗୋଟି କରି ସମସ୍ତ ଡ୍ରିଲ ଢଙ୍ଗ ଶିଖାଇ, ଲୁଚି ପାଖରେ ଖେଳାଇ ନେଲା ପ୍ରଥମେ । ସବୁଗୁଡ଼ିକ ତା ଦେହରେ ଅତି ଚମତ୍କାର ଦେଖା ଯାଉଥିଲେହେଁ କେଉଁଟିକି ସେ ପିନ୍ଧିବ ଠିକ କରି ପାରୁନଥାଏ ।

ସୁଜାତା ଅପା ପାଖରେ ଥିଲେ ଶାଢ଼ୀ ଆଉ ବ୍ଲାଉଜ ବାଛିବା ଭାର ତାରି ଉପରେ ଛାଡ଼ି ଦେଇଥା, କିନ୍ତୁ ସିଏତ ଏତେବେଳଯାଏ ଆସିଲା ନାହିଁ । ଗତ କେଇମାସ ହେବ, ବଜାରର କଡ଼ଛୁଡ଼ା ଦେଇ ହୁଟେଇ ଯାଉଛି । ରାସ୍ତା ଉପରେ ଅକସ୍ମାତ ଥରେକି ଦୁଇ ଥର ଦେଖା ହୋଇଥିଲା । ହସି ଦେଇ ଚାଲିଗଲା । କିନ୍ତୁ ସେ ହସରେ ଆନ୍ତରିକତା ନଥିଲା । ଚିହ୍ନାଲୋକ ସଙ୍ଗରେ ଅନେକଦିନ ପରେ ଦେଖାହେଲେ, ମନରଖିବା ପାଇଁ ଲୋକେ ଯେମିତି ବାଧ୍ୟ ହୋଇ ହସନ୍ତି—ଠିକ୍ ସେହିଭଳି ଗ ପଛଡ଼ା ହସ ।

ସୁଜାତା ଅପା କଣ ରାଗ କରିଛି । କିନ୍ତୁ ସେତ ସେପରି ନୁହେଁ—ଭୁଲଥିଲେ ଅଙ୍ଗୁଠି ଦେଖାଇ ଶିଖାଇ ଦିଏ । ପାଞ୍ଚିକଥା ବୁଝାଇ ଚେତାଇ ଦିଏ । ତେବେ କ'ଣ ସେ କିଛି ସନ୍ଦେହ କରିଛି ?

ସନ୍ଦେହ ? ମୁଣ୍ଡ ତାର ଭାରି ହୋଇଗଲା । ତାର ଉଲ୍ଲସିତ ଅବୟବ ହଠାତ୍ ଯେପରି ଅବଶ ହୋଇପଡ଼ିଲେ ।

ମନେ ପଡ଼ିଲା ଦିନକର ଛୋଟିଆ କଥାଟିଏ । ଛୋଟ ଭାବି ତା ଉପରେ ଛବି ଗୁରୁତ୍ୱ ଦେଇ ନଥିଲା । କିନ୍ତୁ ଆଜି ସେହି ଅବହେଳିତ କଥାଟାହିଁ ବିରାଟ ରୂପଧରି ଆଖି ଆଗରେ ନାଚିବାକୁ ଲାଗିଲା ।

ଛବିର ସେଦିନ ପରୀକ୍ଷାଫଳ ବାହାରିଥାଏ । ଦଶମ ପାସ କରି ସ୍କୁଲ ଫାଇନାଲକୁ ପ୍ରମୋଶନ ପାଇଥାଏ ଛବି । ରାଜୀବବାବୁ ସେଇ ଆନନ୍ଦରେ ପରିଚିତ ଲୋକଙ୍କୁ ଟି'ପାର୍ଟି ପାଇଁ ନିମନ୍ତ୍ରଣ କରିଥାନ୍ତି । ଗୃହ ଶିକ୍ଷକ ପ୍ରଫୁଲ୍ଲବାବୁ ମଧ୍ୟ ସ୍ୱତନ୍ତ୍ର ଭାବରେ ନିମନ୍ତ୍ରିତ ହୋଇ ସେ ଦିନ ପ୍ରଥମେ ଆସିଲେ । ଆଗ୍ରହାତିଶଯ୍ୟରେ ବିଭୋର ହୋଇ ଛବି ତାଙ୍କୁ ନିଜର ସ୍ୱତନ୍ତ୍ର ପଢ଼ାଘରକୁ ଡାକି ଆଣି ପରୀକ୍ଷା ଫଳ ଓ ଦ୍ରୁଗ୍ଣ ବିଷୟରେ ଏଣୁ ତେଣୁ ଗୁଡ଼ିଏ ଗପି ଚାଲିଥିଲା ।

ପ୍ରଫୁଲ୍ଲ ଛବିର କଥା ବାର୍ତ୍ତା ଉପରେ ଗୁରୁତ୍ୱ ନଦେଇ ଖାଲି ତାର ଆରକ୍ତ ଅଧର ଆଉ ମୁଲାୟମ ମୁଖମଣ୍ଡଳକୁହିଁ ଲକ୍ଷ୍ୟ କରୁଥିଲା ।

ଉତ୍ପନ୍ତ ଲୁଲ ସୁଇଙ୍ଗା ଉପରେ ଆକାଶୀ ରଙ୍ଗର ନେଳଳା ଶାଢ଼ୀଟି ଛବି ଦେହକୁ ବେଶ ମାନୁଥାଏ ।

ଛବି ପ୍ରଫୁଲ୍ଲବାବୁଙ୍କ ଆଖିର ନିବେଦନକୁ ମନେ ମନେ ଉପଭୋଗ କଲା । ପ୍ରଥମେ ପ୍ରଥମେ ଚଲାବାଟରେ ଅଚିହ୍ନା ଲୋକଙ୍କର ଅପଲକ ଗୃହ୍ଣାଣୀ ଦେଖି ଉତ୍ଫୁଲ୍ଲ ହେଉଥିଲା । ସେ ନିଜକୁ ପ୍ରଜାପତି ଭଙ୍ଗୀରେ ସଜାଇ ପାଞ୍ଚ ଜଣଙ୍କ ଦୃଷ୍ଟିକୁ ଆକର୍ଷଣ କରିବାକୁ ପ୍ରଗାଢ଼ ଯତ୍ନ କରୁଥିଲା । କ୍ରମେ ବୟସ ବଢ଼ିବା ସଙ୍ଗେ ସଙ୍ଗେ ସେ ଗମ୍ଭୀର ହୋଇ ଆସିଲା । ତେବେବି ଚଲାପଥରେ ଅଚିହ୍ନା ପଥିକ ଗୃହ୍ଣାଣି ଭିତରେ ବୁଭୁକ୍ଷୁ ମନର ସଙ୍କେତ ଦିଏ । ପ୍ରତ୍ୟେକ ପଲକ କହେ ହେ ତନ୍ୱୀ ! ତମେ ଟିକିଏ ହସ । ହସି ହସି ମୋ ପାଖକୁ ଲଟାଇ ଆସ । ତୁମର ଏହି ଯୌବନ ଉଷାଟିତ ଅଙ୍ଗଲତାର ପରାଗ ବୋଳି ମୋତେ ସ୍ୱପ୍ନବିଭୋର କର !

ପ୍ରଫୁଲ୍ଲର ଏହି ନଗ୍ନ ଗୃହ୍ଣାଣିରେ ବିବ୍ରତ ହେଲା ଛବି । କଥାର ଖିଅ ବଦଳାଇବା ପାଇଁ କହିଲା, ବାପା କହୁଥିଲେ, ଆପଣଙ୍କୁ କିଛି ଗୋଟିଏ ପୁରସ୍କାର ଦେଇ ସମ୍ମାନିତ କରିବେ ।

ସତେ ନା କଅଣ ?

ଆହୁରି କହୁଛନ୍ତି ଆପଣ ଯେଉଁ ଜିନିଷକୁ ଅଧିକ ପସନ୍ଦ କରନ୍ତି ତାହାହିଁ ଆଣିବେ । କୁହନ୍ତୁ କଣ ଦରକାର ?

ମୋର ଅନେକ କିଛି ଦରକାର ଛବି !

ଅନେକ କିଛି ତ ସେ ଦେଇ ପାରିବେନି । ମାତ୍ର ଗୋଟିଏ ଜିନିଷ ସେ ଦେବେ, ଯାହାକି ଆପଣଙ୍କ ମନକୁ ପାଇବ ।

କିନ୍ତୁ ସେ ଯଦି କୁଣ୍ଠିତ ହୁଅନ୍ତି...

ଏମିତି କି ଜିନିଷ କହିଲେ ?

ତାହା କଣ ମୋତେହିଁ କହିବାକୁ ହେବ ?

ଆଉ କିଏ କହିବ ?

ତମେ କଣ ଜାଣନା ଛବି ?

ଛବି ଜାଣି ମଧ୍ୟ ନଜାଣିଲା ଭଳି ଅଭିନୟ କଲା । ସେ ମୁହେଁ ମୁହେଁ ଝାଂପଡ଼ା ଶୁଣାଇ ଦେବାକୁ ଇଚ୍ଛା କରୁଥିଲେହେଁ ସୁଜାତା ଅପା କଥା ଭାବି ସେ କିଛି କହି ପାରିଲାନି ।

ନୀରବ ରହିଲ ସେ ଛବି !

କହିବାକୁତ ଆଉ ରାସ୍ତା ନାହିଁ । ଛବି ଏଥର ମନେ ମନେ ଗୁଡ଼ିଏ ଭାବିଲା । ତାପରେ ପ୍ରଫୁଲ୍ଲର ସ୍ନେହରୂପ ଗୃହାଣୀକୁ ନିଷ୍କୃତି ପାଇବାକୁ କହିଲା, ମଣିଷ ଯାହା ଖୋଜେ ତା' ପାଏନାହିଁ ।

ପ୍ରଫୁଲ୍ଲ ନିର୍ବାକ ହୋଇ ଗୋଟିଏ ଲକ୍ଷ୍ୟରେ ଅନାଇଥିଲା

ସୁଜାତା ସେହି ବାଟ ଦେଇ ଚାଲି ଯାଉ ଯାଉ ପ୍ରଫୁଲ୍ଲ ଓ ଛବିକୁ ନିର୍ଜନ ଘର ଭିତରେ ପାଖାପାଖି ବସିଥିବାର ସେ ଦେଖିଲା । ଆଉ ଆଗକୁ ନ ଯାଇ ପଛକୁ ହଟିଗଲା ସେ । ସେଇଦିନୁ ସୁଜାତା ଆଉ ଆସିନାହିଁ ।

ସୁଜାତାକୁ ଛବି ନିଜେ ଯାଇ ଡାକିଆଣିବାକୁ ପ୍ରସ୍ତୁତ ହେଉଛି, ପ୍ରଫୁଲ୍ଲ ଆସି ପହଞ୍ଚିଲା । ସିଏ ନାଇଲନ୍ ଶାଢ଼ୀ ଆଉ ନାଇଲନ୍ ବ୍ଲାଉଜ୍ ପିସ୍ କେଇଖଣ୍ଡ ଛବି ହାତକୁ ବଢ଼ାଇ ଦେଇ ନାଟକୀୟ ଭଙ୍ଗୀରେ କହିଲା, ଜନ୍ମଦିନର ଶୁଭେଚ୍ଛା ଜଣାଉଛି ଛବି ! ତୁମେ ଦୀର୍ଘାୟୁ ହୁଅ ।

ଛବି ହସି ହସି ପ୍ରଫୁଲ୍ଲକୁ ବାପାଙ୍କର ବୈଠକଘରକୁ ପାଛୋଟି ନେଲା । ସେତେବେଳକୁ ଅନେକ ଅତିଥି ଆସି ସାରିଥିଲେ । ଛବି ହାତରେ ଗୋଟିକ ପରେ ଗୋଟିଏ ଉପହାର ଠୁଳହେଲା । ପ୍ରୋଗ୍ରାମ୍ ମୁତାବକ ପ୍ରାୟ ସମସ୍ତ କାର୍ଯ୍ୟସୂଚୀ ଶେଷ ହୋଇ ଆସୁଥିଲା । ସବାଶେଷ ପ୍ରୋଗ୍ରାମ୍ ଥିଲା ଛବିର ନୃତ୍ୟ ସଂଗୀତ ।

ଛବି ବହୁମୂଲ୍ୟ ପରିଚ୍ଛଦରେ ନିଜର ପୁଷ୍ଟ ଅବୟବକୁ ସୁସଜ୍ଜିତ କରି ନିର୍ଦ୍ଦିଷ୍ଟ ଆସନ ଅଳଙ୍କୃତ କଲା । ଅତିଥିବର୍ଗଙ୍କର ଦର୍ଶନ ପିପାସାକୁ ଦୁଇଗୁଣ ବଢ଼ାଇ ସେ ମୁରୁକି ମୁରୁକି ହସିଲା । ଉସିଲା ଭାସିଲା ଅଖି ଦୁଇଟିର କଜଳ କଳା ଭ୍ରୂଲତା ଯୁଗଳ ଥର ଥର ଉଠୁଥିଲା । ଛବି ଆଜି ସମସ୍ତଙ୍କୁ ନିଜ ରୂପ ଆଉ ଯୌବନର ଉଚ୍ଛୁଳା ସୁଅରେ ଭସାଇ ନେବାକୁ ପଣ କରିଛି ଯେମିତି ।

ଛବି ନାଚିବା ପୂର୍ବରୁ ଉପସ୍ଥିତ ଅତିଥିବର୍ଗଙ୍କ ଉପରେ ଖେଳିଗଲା ଢୋଳାଦୁଇଟି ବୁଲାଇ ଆଣିଲା । ଅଜୟ ଓ ସୁଜାତା ଆସି ନାହାନ୍ତି ଏ ଯାଏ । ମନ ଭିତରଟା ଖୋଜି ହେଉଥିଲା ତାର । ତଥାପି ଉସ ସମବେତ ଅତିଥିଙ୍କ ସନ୍ତୋଷ ପାଇଁ ନାଚିବାକୁ ଆରମ୍ଭ କଲା । ଫନୋଗ୍ରାଫ ରେକର୍ଡ଼ର ତାଳେ ତାଳେ ଆରକ୍ତ ପାଦଦୁଇଟି ଛନ୍ଦ ସୃଷ୍ଟି କରି ଚାଲିଲେ । ଖିଲଖିଲିଆ ସନ୍ଧ୍ୟା ପବନରେ ଥିଲା ଆଳସ୍ୟର ସ୍ପର୍ଶ । ଛାତି ତଳର ଚମ୍ପା ଭଜନାକୁ ଦୋହଲାଇ ଦେଇ, ନୃତ୍ୟରତା ଛବିର ନାଇଲନ ଶାଢ଼ୀଟିକୁ ଦୋହଲାଇ ଦେଉଥିଲା ସେଇଟି । ପ୍ରାଣେ ପ୍ରାଣେ ଖେଳିବୁଲୁଥିଲା ଗଭୀର ଉନ୍ମାଦନାର ଢେଉ । କିନ୍ତୁ ଛବିର ମନ ଭିତରେ ଖେଳୁଥିଲା ତପସ୍ୱିନୀର ଶୈଥିଲ୍ୟ । ତାର ଚାହାଣୀରେ ଥିଲା ସବଗସ୍ଥାନ ଇଙ୍ଗିତ । ଅଳ୍ପକ୍ଷଣ ପରେ ଅଜୟ ଆଉ ସୁଜାତା ପ୍ରାୟ ଏକ ସଙ୍ଗରେ ପ୍ରବେଶ କଲେ । ତାଙ୍କର ଉପସ୍ଥିତି ସଙ୍ଗେ ସଙ୍ଗେ ଛବିର ନୃତ୍ୟଛନ୍ଦରେ ଗୋଟିଏ ଅଭିନବ ଉନ୍ମାଦନା ଖେଳିଗଲା । ପଦର ତାଳ କ୍ଷିପ୍ରତର ହେଲା । ପ୍ରତ୍ୟେକ ମୁଦ୍ରାରେ ଫୁଟିଉଠିଲା ପ୍ରାଣ ପ୍ରାଚୁର୍ଯ୍ୟର ଉଚ୍ଛ୍ୱାସ । କଟାକ୍ଷରେ ବନହରିଣୀର ଚଞ୍ଚଳତା । ଛବି ପରିଟିଏ ଭଳି ସୁନ୍ଦର ଓ ଶ୍ରୀଯୁକ୍ତ ଦେଖା ଗଲା ।

ନୃତ୍ୟ ସହିତ ସେ ଗାଇଲା ସୁନ୍ଦର ସଙ୍ଗୀତଟିଏ । ସେଇଟିଆ ସଙ୍ଗୀତ ଭିତରେ ହୃଦୟର ଅନେକ ବଡକଥା କହିଗଲା । ସମସ୍ତଙ୍କର ଅବଚେତନ ମନ ଭିତରେ ଜଗାଇ ଦେଇଗଲା ଗୋଟିଏ ମସ୍ତବଡ଼ ତୃଷ୍ଣା । ଯେଉଁ ତୃଷ୍ଣାର ଆରମ୍ଭ ନାହିଁ କି ଶେଷ ନାହିଁ । ନୀଳ ଆକାଶର ବ୍ୟାପ୍ତି ଭଳି ପ୍ରଶସ୍ତ ଓ ପ୍ରଶାନ୍ତ । କିନ୍ତୁ ସୁନର ହରିଣୀ କାହାକୁ ଧରା ଦେଲା ନାହିଁ । ସ୍ୱପ୍ନ ଦେଖାଇ ଲୁଚିଗଲା ଗହଳ ବନର ନିଘଞ୍ଚ ଲତା କୁଞ୍ଜରେ । ଦର୍ଶକଙ୍କ ପ୍ରତ୍ୟେକ ରକ୍ତବିନ୍ଦୁରେ ନିଆଁ ଲଗାଇ ଚୁଟେଇ ଗଲା ।

ଅତିଥିବର୍ଗଙ୍କର ଆଖି ଆଗରେ ମରୀଚିକା ବାଢ଼ି ସେ ସ୍ଥିର ଦୃଷ୍ଟିରେ ଅନାଇଥିଲା ଅଜୟକୁ । ସେ ଦୃଷ୍ଟି କହୁଥିଲା, ହେ ଚିରବାଞ୍ଛିତ ! ତୁମରି ପାଇଁ ମୋର ଏହି ଉଦ୍ଦାମ ସଙ୍ଗୀତ ଆଉ ନୃତ୍ୟ । ମୋର ମନ ଓ ଯୌବନ ତୁମରି ସକାଶେ ନିବେଦିତ । ମୋର ଏହି ନୃତ୍ୟରୂପୀ ଅଭିସାର ଖାଲି ତୁମରି ସକାଶେ ପ୍ରିୟ । ତୁମେ ଖାଲି ଖୁସି ହୁଅ '

ନାଚ ପ୍ରୋଗ୍ରାମ ଶେଷହେଲା । ଆଖିର ଉତ୍ସୁକତା ଆହୁରି ମରିନାହିଁ ସ୍ୱପ୍ନଭଳି ଛବି ସ୍ପୁଣିଥରେ ପ୍ରବେଶ କଲା ଲୋକ ଗହଳି ଭିତରେ । ସେ ଯୋଡ଼ି ହସ୍ତରେ ଅଜୟଙ୍କୁ ନମସ୍କାର ଜଣାଇଲା । ଅଜୟ ଏକ ଉନ୍ମୁକ୍ତ ଭାବନାରେ ମଗ୍ନଥିଲେ । ବିମୁଗ୍ଧ ଛବିର ଅପୂର୍ବ ନୃତ୍ୟକୁ ଅଭିନନ୍ଦନ ଜଣାଇବା ସକାଶେ ସୁନ୍ଦର ଭାଷା ଖୋଜୁଥିଲେ ସେ ।

ଅଜୟ ପାଖରେ ଖାଲିଥିବା ଚୌକିଟିରେ ନିଃସଙ୍କୋଚରେ ବସିପଡ଼ି ଛବି ପଚାରିଲା, କେମିତି ଲାଗିଲା ଶେଷ ପ୍ରୋଗ୍ରାମଟି ?

ଚମତ୍କାର ! ଅଜୟ ଅତି ସଂକ୍ଷେପରେ ଉତ୍ତର ଦେଲେ ।

କଣ ଆପଣଙ୍କ କବିତା ଭଳି ?

ତାହାଠୁ ବଳି ସୁନ୍ଦର !

ଅତିରଞ୍ଜିତ କରୁ ନାହାନ୍ତି ତ ?

ତାହା ମୋର ଅଭ୍ୟାସ ନୁହେଁ ।

ଚପଳପ୍ରାଣ ତରୁଣ ଅତିଥିମାନଙ୍କର ସେ ଦୃଶ୍ୟ ଅତୀବ ଅସହ୍ୟ ହୋଇ ଉଠିଲା । କିନ୍ତୁ ପ୍ରକାଶ କରିବାର ରାସ୍ତା ନାହିଁ । ଏଠାରେ ଏତେ ପ୍ରତିଷ୍ଠିତ ଲୋକଙ୍କର ସମାବେଶ, ଅଥଚ ଛବି ଅନ୍ୟ କାହାରି ପାଖକୁ ନଯାଇ ଗଲା ଅଜୟ ପାଖକୁ । ଯାହାକୁ କି ସମାଜ ଜାଣେ ନାହିଁ ।

ଛବିର ଏହି ଖିଆଲି ମନୋବୃତ୍ତିକୁ ରାଜୀବବାବୁ ସହ୍ୟକରି ପାରିଲେ ନାହିଁ । ବଂଶର ପ୍ରତିଷ୍ଠିତ ସମ୍ମାନରେ ଆଞ୍ଚ ଆସୁଥିଲା । ତଥାପି ଛବିକୁ ସଙ୍ଗେ ସଙ୍ଗେ କିଛି କହି ପାରିଲେ ନାହିଁ । ଅଳିଅଳି ଛବିକୁ ସେ ପିଲାଟି ଦିନରୁ ସ୍ୱାଧୀନତା ଦେଇଛନ୍ତି । ତାର କୌଣସି କାର୍ଯ୍ୟରେ ପ୍ରତିବନ୍ଧକ ନ ଦେଇ ବରଂ ସମର୍ଥନ ଜଣାଇଛନ୍ତି । କିନ୍ତୁ ଆଜି ଛବିର ଏହି ବେପରବାୟ ବ୍ୟବହାରକୁ ଅନୁମୋଦନ କରି ପାରିଲେ ନାହିଁ । ଛବିର ମାଧ୍ୟମରେ ସେ କୌଣସି ଉଚ୍ଚପଦସ୍ଥ ପରିବାର ସହିତ ବନ୍ଧୁତା ଆଶା କରୁଥିଲେ । ତେଣୁ ଅଜୟ ସହିତ ଛବିର ଆନ୍ତରିକ ବ୍ୟବହାର ମନକୁ ତାଙ୍କର ଯଥେଷ୍ଟ ଆଘାତ ଦେଲା ।

ଛବି ଅଜୟଙ୍କୁ କଣ କହିବ ବୋଲି ହେଇ କିଛି କହି ପାରୁ ନଥାଏ ।

ଏହି ଅବସରରେ ଜନ୍ମଦିନର ଶୁଭେଚ୍ଛା ସଙ୍ଗୀତଟିକୁ ଛବି ହାତକୁ ବଢ଼ାଇ ଦେଲା ଅଜୟ ।

ରାଜୀବ ବାବୁ ଅଜୟ ପାଖକୁ ଆସି କହିଲେ—ସୁଜାତା କାହିଁ ?

ସୁଜାତା କାହିଁ ସତରେ ? ସାଙ୍ଗ ହୋଇ ଆସିଥିଲା, ଗଲା କୁଆଡ଼େ ?

ଅଜୟର ମନ ଭିତରେ ଚିନ୍ତାର ଭଉଁରୀଟିଏ ଉଠି ମିଳେଇଗଲା । ଏତିକିବେଳେ ସେଠାରେ ପ୍ରଫୁଲ୍ଲ ପହଞ୍ଚି ରାଜୀବବାବୁଙ୍କୁ ନମସ୍କାର ଜଣାଇଲା । ରାଜୀବବାବୁ ପ୍ରଫୁଲ୍ଲ ଓ ଅଜୟ ପରସ୍ପରକୁ ପରିଚିତ କରାଇ ଦେଲେ । ପ୍ରଫୁଲ୍ଲ ଅଜୟର କରମର୍ଦ୍ଦନ କରୁ କରୁ କହିଲା—ଆପଣଙ୍କ ପୁସ୍ତକ କେଇଟି ଓ ଅନ୍ୟାନ୍ୟ ଲେଖା ପତ୍ରପତ୍ରିକାମାନଙ୍କରେ ପଢ଼ିଥିଲି । ଆଜି ଆପଣଙ୍କ ସଙ୍ଗେ ପ୍ରତ୍ୟକ୍ଷ ଭାବରେ ପରିଚିତ ହୋଇ ଖୁବ୍ ଆନନ୍ଦିତ ହେଲି ।

ଏତିକିବେଳେ ପାର୍ଟି ପାଇଁ ଡାକରା ଆସିବାରୁ ସମସ୍ତେ ଆସ୍ଥାନ ଛାଡ଼ିଲେ । ସମସ୍ତେ ଚାଲିଗଲା ପରେ ରାଜୀବବାବୁ ଅଜୟକୁ ଏକୁଟିଆ ଦେଖି ପାଖକୁ ଡାକିଲେ । କହିଲେ, ଗୋଟିଏ ଅନୁରୋଧ କରିବି । ରକ୍ଷା କରିବ ଅଜୟ !

ଅଜୟ ଚମକି ପଡ଼ି ରାଜୀବ ବାବୁଙ୍କର ବିଷଣ୍ଣ ମୁଖମଣ୍ଡଳ ଉପରେ ଦୃଷ୍ଟି ପକାଇଲା । ତାପରେ କହିଲା, ଆପଣ ଅନୁରୋଧ କରିବେ ! ମତେ ଅଯଥା ଲଜ୍ଜା ଦେଉଛନ୍ତି; ବରଂ ଆଦେଶ କରନ୍ତୁ ।

ଆଦେଶ ଦେବା ମୋର କ୍ଷମତାର ବାହାରେ ଅଜୟ ! ତୁମକୁ ମୁଁ ଜାଣେ ! ତୁମର ହୃଦୟ ଅଛି । କଦାପି ମୋତେ ନିରାଶ କରିବ ନାହିଁ ବୋଲି ମୋର ବିଶ୍ୱାସ । ଏତକ କହି ରାଜୀବ ବାବୁ ଛେପ ଢୋକିଲେ । ଯାହା କହିବାକୁ ଚାହୁଁଥିଲେ, ତା ଯେପରି ଜିଭ ତଳେ ଚପା ପଡ଼ିଗଲା ।

ରାସ୍ତାର ଦୋମୁହାଁ ଛକ ଉପରେ ଛିଡ଼ା ହୋଇ ଅପରିଚିତ ବାଟୋଇ ସନ୍ଦେହରେ ପଡ଼ିଲା ଭଳି ରାଜୀବବାବୁଙ୍କ ଅବସ୍ଥା ।

ଅଜୟ ତାଙ୍କ ମୁହଁକୁ ବିସ୍ମୟରେ ଅନାଇଥାଏ । କହିଲା—କଣ କହିବାକୁ ଚାହାନ୍ତି, କୁହନ୍ତୁ !

ଭାବୁଛି କହିବି କି ନାହିଁ । ନକହିଲେ ମଧ୍ୟ ଚଳୁନାହିଁ । ମୋର କହିବାର ଉଦ୍ଦେଶ୍ୟ, ତମେ ଛବିର ବ୍ୟବହାରକୁ କପଟ ଭାବରେ ଗ୍ରହଣ

କହୁଛି, ମୁ ଠିକ ଭାବରେ କହି ପାରିବନି । ଛୁଟିର ଖିଆଲ ମନକୁ ପ୍ରଶ୍ରୟ ନ ଦେଇ ନିଜେ ସଂଯତ ହେବ ବୋଲି ଆଶା । ଗୋଟିଏ ଅଲଅଳି ଝିଅର ସ୍ନେହକାଙ୍ଗାଳ ପିତା ହିସାବରେ ଏତିକି ମୋର ଅନୁରୋଧ··ମତେ ଭୁଲ ବୁଝିବନି ଅଜୟ !

ରାଜୀବବାବୁ ଏତିକି କହି ଦେଇ ଚାଲିଗଲେ ଭିତର ହଲକୁ । କିନ୍ତୁ ଅଜୟର ପାଦ ଦୁଇଟି ନିସ୍ତେଜ ହୋଇଗଲା ପାର୍ଟି ପର୍ଯ୍ୟନ୍ତ ଯିବାକୁ । ତା ମନରୁ ସମସ୍ତ ଉତ୍ସାହ ଆଉ ଉଦ୍ଦୀପନା କୁଆଡ଼େ ଉଭେଇ ଗଲା । ସେ କାହାକୁ ଦେଖା ନକରି ଘରୁ ନୀରବରେ ବାହାରି ଆସିଲା ।

ଓଡ଼ିଶାର ନାଭିକେନ୍ଦ୍ର ଏହି ମହାନଗରୀ କଟକ ସମଗ୍ର ଓଡ଼ିଆ ଜାତିର ଆଶା ଆଉ ଆକାଂକ୍ଷାର ପ୍ରତୀକ । ଏହାର ସାମାନ୍ୟ ଆଲୋଡ଼ନ ଓଡ଼ିଶାର ହଜାର ହଜାର ଗାଁ ଗହଳର ପ୍ରାଣେ ପ୍ରାଣେ ତୋଳେ ସ୍ପନ୍ଦନ । ଏଠାରେ ଚାଲେ ସାହିତ୍ୟ, ରାଜନୀତି ଓ ଅର୍ଥନୀତିର ଗୁରୁତ୍ୱପୂର୍ଣ୍ଣ ଆଲୋଚନା । ଏହାର ଭିତରେ ରହନ୍ତି ଓଡ଼ିଆ ଜାତିର ସୁପ୍ରତିଷ୍ଠିତ ସାହିତ୍ୟିକ, ପ୍ରବୀଣ ରାଜନୈତିକ ଓ ବିଳାସୀ ଧନୀ ପରିବାର ।

ଗୁଡ଼ାଏ ବାଟ ବୁଲିବା ଫଳରେ ଅଜୟର ମନ ଟିକିଏ ହାଲୁକା ଲାଗିଲା । ଗୋରାକବର ପାଖରେ ନିଛାଟିଆ ସିମେଣ୍ଟ ଚଟାଣ ପାଖରେ କିଛିକ୍ଷଣ ବସି ରହି ସେ ଭାବିବାକୁ ଲାଗିଲା । ତାର ମନେ ହେଲା କଟକକୁ ସେ ଆଜି ପ୍ରଥମ କରି ଚିହ୍ନି ଛି । ଆଉ ତା ଭିତରେ ନୀଡ଼ ବାନ୍ଧି ରହିଥିବା ଜନ ମାନବ ସଙ୍ଗରେ ପ୍ରଥମ କରି ସେ ପରିଚିତ ହେଉଛି । ନୀରବ ପଲ୍ଲୀର ଶାନ୍ତ ବାତାବରଣ ଭିତରେ କଟକ ନଗରୀର ରୋମାଞ୍ଚକର କାହାଣୀ ମନ ଭିତରେ ମାୟା ରଚେ । ମନେ ହୁଏ କଟକର ସବୁ ସୁନ୍ଦର—ରାସ୍ତାଘାଟ, ଦୋକାନ ବଜାର, ନରନାରୀ ସବୁ କିଛି । କିନ୍ତୁ କଟକ ମାଟିରେ ପ୍ରଥମ କରି ପାଦ ପକାଇ ମାତ୍ର କେଇଜଣଙ୍କ ସଙ୍ଗରେ ଭାବର ଆଦାନ ପ୍ରଦାନ କରି

ପାଇବା ପରେ ପରେ, ସେହି ମୋହ, ସେହି ଆସକ୍ତି କମି ଆସେ । ଅତି ପରିଚିତ ବନ୍ଧୁ ଶୁଖିଲା ନମସ୍କାରଟିଏ କରି ମୁହଁ ମୋଡ଼ି ଚାଲିଯାନ୍ତି । ଅତି ଆପଣାର ଲୋକ ମଧ୍ୟ ସ୍ୱାର୍ଥରେ ବାଧା ପଡ଼ିବା ଆଶଙ୍କା କରି ବାଟଭାଙ୍ଗି ଆଡ଼େଇ ଯାଆନ୍ତି । ନମସ୍କାର କଲେ ଉତ୍ତର ମିଳେ ନାହିଁ । କୃତ୍ରିମତାହିଁ କଟକର ଏକମାତ୍ର ବିଶେଷତ୍ୱ ।

ରାଜୀବବାବୁଙ୍କ ନିଷ୍ଠୁର ବ୍ୟବହାର ତାକୁ ଗୋଟିଏ ଚୁଣ୍ଟା ଧକ୍କା ଦେଲା । ମଣିଷକୁ ସାଧାରଣତଃ ହୃଦୟବାନ୍ ମଣିଷ ହିସାବରେ ସେ ଗ୍ରହଣ କରିଆସେ । କିନ୍ତୁ ଆଜି ପ୍ରଥମ କରି ବୁଝିଲା ମଣିଷ ଭିତରେ ପଶୁ ମନ ବସା ବାନ୍ଧି ଥାଏ । ଯାହା ଫଳରେ ବେଳେବେଳେ ସେ ସୟତାନ ସାଜେ । ଛବି କଥା ତାର ବାରମ୍ବାର ମନେ ପଡ଼ିଲା । ତାର ସରଳ ବ୍ୟବହାର ଭିତରେ ଗୋଟିଏ ଅଦେଖା ଆକର୍ଷଣର ପାତଳ ରଜ୍ଜୁ ତାକୁ ଟାଣି ରଖିଥିଲା । ମେସ୍ ସାଥି ବରୁଣ ଆଉ ବୀରେନ୍ଦ୍ରର ମନ୍ତବ୍ୟ ଏବେବି ମନେ ପଡ଼ୁଛି—"ରୂପର ଜଳନ୍ତା ନିଆଁରେ ଜାଳିବାକୁ ଆମନ୍ତ୍ରଣ ସେ କରୁଛି ।' ବାସ୍ତବିକ, ରୂପର ଜଳନ୍ତା ନିଆଁ ଖଣ୍ଡେ ଛବି ।

ଛବିର ମୁହଁ ପାଖକୁ ଦେଖାଦେଲା ଆଉ ଗୋଟିଏ ସରଳ ସୁନ୍ଦର ମୁହଁ । ସେ ମୁହଁରେ ଅନେକ ମାୟା, ଅନେକ ମମତା । ସେ ମୁହଁଟି ସୁଜାତାର ! ସୁଜାତା ଛବିର ଛବିଳ ନୃତ୍ୟ ଦେଖିବାକୁ ଅପେକ୍ଷା ନ କରି ଚାଲିଗଲା । କିନ୍ତୁ କାହିଁକି ? ଛବିକୁ ତ ସେ ଖୁବ୍ ଶ୍ରଦ୍ଧା କରେ । ଅଜୟ ଉଠି ପଡ଼ିଲା । ସୁଜାତା ସହିତ ଦେଖା କଲେହିଁ ସେ କିଛିଟା ଶାନ୍ତି ଓ ଆଶ୍ୱାସନ ପାଇବ ।

* * *

ଛବି ଅଥୟ ହେଲା ଅଜୟକୁ ଅତିଥି ଗହଣରେ ନପାଇ । ତାର ଗୋଲାପୀ ମୁହଁଟି ସମସ୍ତ ରଙ୍ଗ ଲିଭି ଲିଭି ଆସୁଥିଲା । ବ୍ୟସ୍ତ ହୋଇ ପ୍ରତ୍ୟେକ କୋଠରୀ ତନ୍ନତନ୍ନ କରି ଖୋଜୁଥିଲା ସେ ।

କାହାକୁ ଖୋଜୁଛୁ ମା' ? ରାଜୀବବାବୁ ପଚାରିଲେ ।

ଅଜୟବାବୁ କୁଆଡ଼େ ଗଲେ ?

ସେ ଚାଲି ଯାଇଛନ୍ତି ବୋଧହୁଏ ।

କିନ୍ତୁ ମୋ ଠିରେ ଯୋଗ ନଦେଇ···

ମୁଁ ତାଙ୍କ ସଙ୍ଗରେ ଦେଖା କରିଥିଲି । ବୋଧହୁଏ କୌଣସି ଜରୁରୀ କାମରେ ଚାଲିଗଲେ ।

ତମେ ତାଙ୍କୁ ଅଟକାଇ ପାରିଲ ନାହିଁ ବାପା ?

ଅଟକାଇ ଲାଭନାହିଁ । ସେ ଫେରି ଯାଇ ଭଲ କରିଛନ୍ତି ।

ମାନେ ?

ମାନେଟା ନ ବୁଝିଲେହିଁ ଭଲହେବ । ତୁ ପିଲାଲୋକ । ସେ ସବୁଥିରେ ମୁଣ୍ଡ ନ ଖେଳାଇବାହିଁ ଭଲ ।

ଛବି କିଛି ନ କହି କଅଁଳା ପିଲା ଭଳି କଇଁ କଇଁ ହୋଇ କାନ୍ଦି ଉଠିଲା । ସେ ନିତାନ୍ତ ଅସହାୟ ଭାବରେ କାଉଚ୍ ଉପରେ ଢଳି ପଡ଼ିଲା ।

ରାଜୀବ ବାବୁ ଅତିଥିବର୍ଗଙ୍କୁ ବିଦାୟକାଳୀନ ଶୁଭେଚ୍ଛା ଜଣାଇବାକୁ ଚାଲିଗଲେ ।

ଟିକକପରେ ଛପି ଛପି ଆସିଲା ପ୍ରଫୁଲ୍ଲ । ଛବିକୁ ପଢ଼ାଘର ଭିତରେ ଏକୁଟିଆ ଶୋଇଥିବା ଦେଖି ପ୍ରଫୁଲ୍ଲ ମନେ ମନେ ଖୁସି ହେଲା । କବାଟ କଡ଼ରୁ ଡାକିଲା—ଛବି !

ଉତ୍ତର ନଦେଇ ଛବି ଖାଲି କାନ୍ଦୁଥାଏ ।

ପ୍ରଫୁଲ୍ଲ ମୁହଁ ମାଡ଼ି ଶୋଇଥିବା ସୁନ୍ଦରୀ ଛବିକୁ ଲୋଲୁପ ଆଖିରେ ଅନାଇଲା । ତାର ମନେହେଲା ସୃଷ୍ଟିକର୍ତ୍ତା ସତେ ଯେମିତି ସମସ୍ତ ସୁଷମାକୁ ଏକତ୍ରିତ କରି ଗଢ଼ିଛନ୍ତି ଏହି ଛବିକୁ । ତାର ପ୍ରତ୍ୟେକ ଅଙ୍ଗଲତାରୁ ଝରୁଥିଲା ଲାବଣ୍ୟର ଝର । ସେ ଆଉ ଥରେ ଡାକିଲା—ଛବି !

ଛବି କଡ଼ ଲେଉଟାଇ ପ୍ରଫୁଲ୍ଲକୁ ସଜଳ ଡୋଳାରେ ଅନାଇଲା । ତାର ବେକ ଆଉ ଛାତି ଉପରୁ ଶାଢ଼ୀଟି ଖସି ପଡ଼ିଥାଏ ତଳକୁ । ଦୀର୍ଘ ନିଶ୍ୱାସର ତାଳେ ତାଳେ ଛାତିର କଂପନ ଜଣା ଯାଉଥାଏ । ସଜଳ ଆଖି ଡୋଳାରୁ ଦୁଇଟୋପା ଲୁହ ତଳେ ଖସି ପଡ଼ିଲା । ପ୍ରଫୁଲ୍ଲ ବିସ୍ମୟ ହୋଇ ପଚାରିଲା, ତୁମ ଆଖିରେ ଲୁହ ! କଥା କଣ ଛବି !

ସେ କଥା ଆପଣ ବୁଝି ପାରିବେନି !

କିନ୍ତୁ ତମେ ଯାହା ପାଇଁ ଅଭିମାନ କରୁଛ, ସେ ସେଥିପାଇଁ ସମ୍ପୂର୍ଣ୍ଣ ଅଯୋଗ୍ୟ । ପ୍ରଫୁଲ୍ଲ ତାଚ୍ଛଲ୍ୟ କରି କହିଲା ।

ଅଭିମାନ କରିବାର ତର ସହିତର । ସେ ହୃଦୟବାନ । ହୁଏତ ଆପଣଙ୍କଠାରୁ ଯଥେଷ୍ଟ ବୁଦ୍ଧିମାନ ।

ତାର କବିତା କେଇଟି ପଢ଼ି ତରଳି ଯାଇଛ ବୋଧହୁଏ !

ଆପଣଙ୍କ ମୁହଁରେ ସେ ଆଲୋଚନା ଶୋଭା ପାଏନା ।

ମୁଁ କହିବି ବାମନ ହୋଇ ଚନ୍ଦ୍ରକୁ ହାତ ବଢ଼ାଉଛି ସେ ।

ଆଉ ଆପଣ ? ଛବିର ତୀକ୍ଷ୍ଣ ଦୃଷ୍ଟିରେ ତାଚ୍ଛଲ୍ୟର ଇଙ୍ଗିତ ।

ତୁମେ କଣ ମୋତେ ବୁଝନା ଛବି ! ଦୀର୍ଘ ଚାରି ବର୍ଷର ପରିଚୟ ଭିତରେ ବି ମୋତେ ଚିହ୍ନି ପାରିନା···

ଆପଣ ଚାହାନ୍ତି କଅଣ ପ୍ରଫୁଲ୍ଲ ବାବୁ ? ଛବି ସିଧା ହୋଇ ବସି ସିଧା ସଳଖ ପଚାରିଲା ପ୍ରଫୁଲ୍ଲକୁ ।

ତୁମେ କର୍କଶ ହୁଅ ନା ଛବି ! ଯିଏ ତୁମର ଅମୂଲ୍ୟ ସ୍ନେହ ଆଉ ନିବିଡ଼ ମମତାକୁ ଅତି ସହଜରେ ଏଡ଼ାଇ ଦେଇପାରିଲା ତା ପାଇଁ ତମେ କାନ୍ଦୁଛ । ଅଥ ଯିଏ ତାର ମନ, ପ୍ରାଣ ଓ ଶରୀରକୁ ତୁମ ପାଖରେ ସମର୍ପଣ କରିବାକୁ ପ୍ରସ୍ତୁତ, ତା ପ୍ରତି ନିଷ୍ଠୁର ହେଉଛ !

ମୁଁ ପଚାରିପାରେ ଏହି ନିର୍ଜନ କୋଠରୀ ଭିତରେ ବିନା ଦ୍ୱିଧାରେ ପ୍ରବେଶ କରି, ରାତିର ଦ୍ୱିତୀୟ ପ୍ରହରରେ ଗୋଟିଏ ଏକାକିନୀ କୁମାରୀ ଝିଅ ସଙ୍ଗେ ଏହିଭଳି ଉଚ୍ଛୃଙ୍ଖଳ କଥୋପକଥନ କରିବାକୁ ତୁମକୁ ଅନୁମତି ଦେଇଛି କିଏ ? ଛବି ଗୋଟାପଣେ ଥରୁଥିଲା ।

ତୁମେ ଆଉ ତୁମର ବାପା । ଦୀର୍ଘ ଚାରିବର୍ଷ ଧରି ଚାଲି ଆସିଛି ଏ ଘରେ ଏହିଭଳି ଭାବରେ । ଆଜି ତ ନୂଆ ନୁହେଁ ! ଗୃହ ଶିକ୍ଷକ ହିସାବରେ ସେ ଅଧିକାର ମୁଁ ଆଗରୁ ପାଇଛି ।

କିନ୍ତୁ ପ୍ରେମିକ ହିସାବରେ ନୁହେଁ । ତୁମେ ଭୁଲି ଯାଉଛ ଯେ ମୁଁ ତୁମର ଛାତ୍ରୀ ଥିଲି—ପ୍ରେମିକା ନୁହେଁ । ତୁମେ ଆମକୁ ପରିଶ୍ରମ ବିକ୍ରି କରୁଥିଲ ଅର୍ଥର ବିନିମୟରେ । ଆମ ପରିବାରର ଯଥେଷ୍ଟ ସମ୍ମାନ ଅଛି

ସେହି ସମ୍ମାନର ଉତ୍ତରାଧିକାରିଣୀ ଭାବରେ ଆଦେଶ ଦେଉଛି—ତୁମେ ଏଘରୁ ଚାଲିଯାଅ ।

ପ୍ରଫୁଲ୍ଲ ହତବାକ୍ ହୋଇ ଛୁଣୀ ଛବିକୁ ଚାହିଁ ରହିଲା । ଛବିର ଆଖି ଦୁଇଟିରେ ଖେଳୁଥିଲା ଜଳନ୍ତା ନିଆଁର ପ୍ରଚଣ୍ଡତା । ତାହା ପ୍ରଫୁଲ୍ଲର ସମସ୍ତ ଆଶା ଆଉ ଅଭିଳାଷକୁ ମୁହୂର୍ତ୍ତିକ ମଧ୍ୟରେ ଦଗ୍ଧୀଭୂତ କରିଦେଲା ।

ପ୍ରଫୁଲ୍ଲ ବାସ୍ତବ ପରିସ୍ଥିତିକୁ କ୍ରମେ ଫେରି ଆସିଲା । ହୃଦୟ ବିଦଗ୍ଧ ହୋଇ ଆଖିରୁ ବହୁଥିଲା ଅନୁତାପର ଅଶ୍ରୁ । ସେ ଉଠି ପଡ଼ି ବାହାରି ଅସ୍ତୁ ଆସ୍ତୁ କହିଲା, କ୍ଷମା ଦେବ ଛବି, ମୁଁ ଜାଣି ନଥିଲି ଏ ଘର ସହିତ ମୋର ସମ୍ବନ୍ଧ ଏତେଶୀଘ୍ର ତୁଟି ଯିବ ବୋଲି···

କିଏ ଚାହୁଁଛି ତୁଟାଇ ଦେବାକୁ, ଚାହିଁଲେ ଆପଣ ପୂର୍ବପରି ଏ ଘର ସହିତ ସମ୍ପର୍କ ରଖି ପାରନ୍ତି···

ପ୍ରଫୁଲ୍ଲ ମନରେ କ୍ଷୀଣ ଆଶାର ସଞ୍ଚାର ହେଲା—ସେ ବୁଲିପଡ଼ି ପଚାରିଲା, ଛଳନା କରୁନା ତ !

ମୁଁ କେବେ ଛଳନା କରିନି ପ୍ରଫୁଲ୍ଲବାବୁ, ଛବି ପରିବର୍ତ୍ତେ ସୁଜାତା ଝିଅକୁ ବିବାହ କଲେହିଁ ଏ ଘରେ ଆପଣ ଚିରଦିନ ସମ୍ମାନିତ ଅତିଥି ଭାବରେ ପୂଜା ପାଇବେ !

ଚେଷ୍ଟା କରିବି, କହି ପ୍ରଫୁଲ୍ଲ ଏକମୁହାଁ ହୋଇ ସେ କୋଠରୀରୁ ଝଡ଼ବେଗରେ ବାହାରି ଆସିଲା ।

ଜନ୍ମଦିନର କଳରବ ସେତେବେଳକୁ ଶାନ୍ତ ହୋଇ ଯାଇଥିଲା ।

ଗଳ୍ପର ଅନ୍ତରାଳର ଜନ୍ମ ନେଉଥିଲା ଅଜସ୍ର । ସୁଜାତା ଗୁଞ୍ଜନ ଶୁଣି ଅଫିସ ଯାଉନି । ଦେହ ଅସୁସ୍ଥ ଥିଲେ ଖବର ଦେଇଥାନ୍ତା ନିଶ୍ଚୟ । ଅଫିସର ସଂକ୍ଷିପ୍ତ ଇତିହାସରେ ଏଇ ବି ଗୋଟିଏ ନୂଆ ଘଟଣା ।

ସୁଜାତା ଭୁଲରେ ସୁଦ୍ଧା ଅନୁପସ୍ଥିତ ରହେନି । କର୍ତ୍ତବ୍ୟହିଁ ତାର ପ୍ରଥମ ଆଉ ପ୍ରଧାନ ଲକ୍ଷ୍ୟ । କାମ ଦେଖାଇ ଉପର ଅଫିସରଙ୍କୁ ସନ୍ତୁଷ୍ଟ କରେ । କର୍ମଦକ୍ଷତା ଯୋଗୁ ଅଳ୍ପ କେଇ ଦିନର କାର୍ଯ୍ୟକାଳ ଭିତରେ ଅଗୁଆ ଇନ୍‌କ୍ରିମେଣ୍ଟ ପାଇ ନିମ୍ନସ୍ଥ କର୍ମଚାରୀମାନଙ୍କର ଉଦ୍‌ବେଗର କାରଣ ହୋଇଛି ସୁଜାତା ।

ଯେଉଁମାନେ ତାର ଉନ୍ନତିକୁ ସହ୍ୟ କରି ପାରନ୍ତି ନାହିଁ ମଝିରେ ମଝିରେ କପୋଳକଳ୍ପିତ କାହାଣୀ ସୃଷ୍ଟି କରି ସେମାନେ ସୁଜାତାର ବଦନାମ କରନ୍ତି । ବିବାହିତ ଓ ପାଞ୍ଚୋଟି ସନ୍ତାନର ଜନକ ବୃଦ୍ଧ ଅଫିସରଙ୍କ ସଙ୍ଗେ ତାଁ ନାଁକୁ ଯୋଡ଼ି ରୋମାଣ୍ଟିକ ଗୁଜବ ମଧ୍ୟ ସୃଷ୍ଟି କରନ୍ତି । ଅଫିସର ଏକମାତ୍ର ନାରୀ କର୍ମଚାରୀ ସୁଜାତାର ଚରିତ୍ର ସମ୍ବନ୍ଧରେ ଅନେକ ପ୍ରହେଳିକା ସୃଷ୍ଟିହୁଏ । ଅଫିସଘରର ନୀରସ ବାତାବରଣ ସରସ ହୋଇଉଠେ । ତରୁଣ ସହକର୍ମୀମାନେ ସୁଜାତାକୁ ଚାହିଁ କଣେଇ କଣେଇ ହସନ୍ତି । ମୁହଁ ପାଖରେ ମୁହଁ ମାଡ଼ି ମିଛରେ ଟୁପ୍‌ଟାପ୍ ହୁଅନ୍ତି । ସେ ସବୁ ଆଲୋଚନା ପ୍ରକାଶ୍ୟରେ ହେଲେ ମଧ୍ୟ ଗୋପନୀୟ ରହେ, ଠିକ୍ ଉପର ଅଫିସରଙ୍କ ଚରିତ୍ର ସମ୍ବନ୍ଧୀୟ ବାର୍ଷିକ ଟିପ୍ପଣୀ ଭଳି ।

ବେଳେବେଳେ ତରୁଣ ମନର ଉଚ୍ଛ୍ୱାସ ନେଇ କେଇ ଜଣ ନବ-ନିଯୁକ୍ତ କିରାଣି ସୁଜାତା ପାଖକୁ ପାଖେଇ ଆସନ୍ତି । କଲେଜର ରଙ୍ଗ ଆଉ ସ୍ଫୂର୍ତ୍ତିମୟ ଜୀବନର ଚପଳ ନିଶା ମନ ଭିତରୁ ମରି ନଥାଏ । ଆଖିରେ ନାଚୁଥାଏ ସୁନେଲି ସ୍ୱପ୍ନର ସଂସାର । ବାଧା ନଥିବ କି ବନ୍ଧନ ନଥିବ । ମର୍ତ୍ତ୍ୟର ବାସ୍ତବତା ଆଉ ସ୍ୱର୍ଗର କଳ୍ପନା ଭିତରେ ଫୁଲି ଫୁଲି ଉଠୁଥିବ ପ୍ରାଣ ।

ସୁଜାତା ସବୁ ଜାଣେ । ଜାଣିଶୁଣି ଦୂରେଇ ଯାଏ । ସେମାନଙ୍କ ଦୋଷଦୁର୍ବଳତାକୁ ସାନ ଭାଇ ଭାବି କ୍ଷମା ଦିଏ । ପ୍ରଶ୍ରୟ ନ ପାଇ ସେମାନେ ସବୁ ସଙ୍କୁଚିତ ହୋଇ ଯାଆନ୍ତି । ବିଳମ୍ବରେ ହେଲେ ମଧ୍ୟ ପ୍ରତ୍ୟେକ ନିଜ

ନିଜର ଭୁଲ ପାଇଁ ଅନୁତାପ କରନ୍ତି । ଦେବୀପ୍ରତିମା ଏହି ସୁଜାତାକୁ ଦୁର୍ବଳ ଆଖିରେ ଅନାଇବାକୁ ସାହସ କରି ପାରନ୍ତିନି ।

ସୁଜାତା ସବୁବେଳେ ନିଜ କାମରେ ବ୍ୟସ୍ତ ଥାଏ । କାମ ନ ଥିଲେ ନିଜର ଜୀବନ ସମ୍ବନ୍ଧରେ ଏଣୁ ତେଣୁ ଗୁଡ଼ାଏ ଭାବି ବସେ । ମଝିରେ ମଝିରେ ପ୍ରଫୁଲ୍ଲର ଖାପଛଡ଼ା ବ୍ୟବହାର ତାକୁ ବ୍ୟତିବ୍ୟସ୍ତ କରେ । ସେ ଯଥେଷ୍ଟ ଆଘାତ ପାଏ ତାର ବ୍ୟବହାରରେ । କିନ୍ତୁ ମନେ ପଡ଼େ ସୁଦୂର ଅତୀତ କଥା । ଅତୀତରେ ସେହି ଅଗଣିତ ସ୍ୱପ୍ନବିଭୋଳ ମୁହୂର୍ତ୍ତ । ପ୍ରଫୁଲ୍ଲକୁ ପାଇ ନଥିଲେ ହୁଏତ ଆଶ୍ରୟହୀନା ହୋଇ ପରର ଦୟା ଉପରେ ନିର୍ଭର କରୁଥାନ୍ତା । ଆଜିର ଏହି ସ୍ୱାବଲମ୍ବୀ ଜୀବନ ସ୍ୱପ୍ନ ହୋଇଥାନ୍ତା । ପ୍ରଫୁଲ୍ଲ ଫୁଲ୍ଲମନରେ ତାକୁ ଆଉ ତାର ଏହି ସୁନ୍ଦର ବର୍ତ୍ତମାନକୁ ସଜାଡ଼ୁଛି । ତା'ର ଜୀବନରେ ଛନ୍ଦ ଦେଇ ମଧୁର କରି ଦେଇଛି । ପ୍ରଫୁଲ୍ଲର ସ୍ୱାସ୍ଥ୍ୟ ଆଉ ନିରାପତ୍ତା ପାଇଁ ଅଜଣା ଦେବତାକୁ ଆଶୀର୍ବାଦ ମାଗେ ସୁଜାତା ।

କିନ୍ତୁ ନିଃସଙ୍ଗ ଜୀବନ ବେଳେବେଳେ ବିପ୍ଳବ କରେ । ନାରୀମନର ଶତାଧିକ ଦୁର୍ବଳତା ଏକାଠି ମିଶି ତାକୁ ଖସଡ଼ା ପଥର ସୂଚନା ଦିଅନ୍ତି । କୌଣସି ଏକ ଅବାଞ୍ଛିତ ମୁହୂର୍ତ୍ତରେ ସେ ଯୌବନ ନିଶାରେ ଢୁଳୁ ଢୁଳୁ ହୋଇ ଅନେକ ଅସାର ସ୍ୱପ୍ନ ଦେଖେ । ସାଧାରଣ ମଣିଷର ହାଡ଼ମାଂସରେ ତାର ସୁଠାମ ଶରୀରର ସୃଷ୍ଟି । ତାହାରି ଭିତରେ ଅନେକ କାମନା, ଅନେକ ବାସନା ବିପ୍ଳବ କରନ୍ତି । ଚେଇଁ ଚେଇଁ ସେ ସ୍ୱପ୍ନ ଦେଖେ । ତାଙ୍କ ଅଫିସରେ ନୂଆ ହୋଇ ଚାକିରୀ କରୁଥିବା ଗଗନବାବୁ, ଆଉ ପୁରୁଣା କିରାଣୀ ପୀତବାସ ବାବୁଙ୍କର ସେହି ବଙ୍କା ବଙ୍କା କଥା, ଇତସ୍ତତଃ କଟାକ୍ଷ ଆଖି ଆଗରେ ଲୁଚକାଳି ଖେଳନ୍ତି । ସେହି କଟାକ୍ଷରେ ଥାଏ କବିତାର ରୋମାଞ୍ଚ । ତାର ଶୈଳୀ ବେଳେବେଳେ ବେପଥୁ ସୃଷ୍ଟି କରେ ।

ପ୍ରଫୁଲ୍ଲ ଆଗରେ ଆଜି ସେ ଅଦରକାରୀ ହୋଇ ଯାଇଛି । ସେ ତାକୁ ଭୁଲିଯିବାକୁ ଇଚ୍ଛା କରୁଛି । ସେ ମଧ୍ୟ ପ୍ରଫୁଲ୍ଲକୁ ଭୁଲି ଯିବା ଉଚିତ । ଇଶାରା ପାଇଲେ ସହସ୍ର ପ୍ରଫୁଲ୍ଲ ଆସି ନତମସ୍ତକ ହେବେ । ଏବେ ବି ତାର ଯୌବନର ଲୋଭନୀୟ ରଙ୍ଗ ମଉଳି ନାହିଁ । ଜୀବନକୁ ଜାଳି ଜାଳି ନିଃଶେଷ କରିଦେବା ଅପେକ୍ଷା ଉପଭୋଗ କାହିଁକି ନ କରିବ ସେ ।

କିନ୍ତୁ ତାହା କଣ ସୁଜାତା ପକ୍ଷରେ ସମ୍ଭବ ? ସଞ୍ଜ ସଳିତା ନିଜେ ପୋଡ଼ି ହୋଇ ଅନ୍ୟକୁ ଆଲୋକ ଦିଏ। ସେଇ ଜଳି ଯିବାରେ ହିଁ ତାର ଆନନ୍ଦ। ସୃଷ୍ଟି ତାର ଅନ୍ୟ ପାଇଁ। ନିଜର ସୁଖସ୍ୱାଚ୍ଛନ୍ଦ୍ୟ ବଡ଼ କଥା ନୁହେ।

ସ୍ୱଚ୍ଛ ମଣିଷ ପ୍ରଫୁଲ୍ଲ। ସ୍ୱପ୍ନ ଦେଖି ସୁନା ହରିଣୀ ପଛରେ ଗୋଡ଼ାଉଛି। ସ୍ୱାଧୀନ ମନନେଇ ମୁକ୍ତ ପୃଥିବୀରେ ଚକର କାଟୁଛି। ସବୁ ପୁରୁଷ ପିଲା ଧକ୍କା ନ ଖାଇଲା ଯାଏ ସେଇଆ କରନ୍ତି। କିନ୍ତୁ ବିବାହପରେ ବାସ୍ତବ ଦୁନିଆକୁ ମନ ଫେରେ। ସୁନାର ହରିଣୀ ଦୂରେଇ ଯାଏ ମନରୁ। ସବୁ ସଜାଡ଼ି ହୋଇଯାଏ। କିନ୍ତୁ ପ୍ରଫୁଲ୍ଲ କ'ଣ ତାକୁ ବିବାହ କରିବାକୁ ସମ୍ମତ ହେବ ! ତାର ଏଇ ଯୌବନାତୀତ ରୂପକୁ ପସନ୍ଦ କରିବ ?

ବିଶାଳ ଭାରତରେ ସହସ୍ରାଧିକ ନାରୀକର୍ମଚାରୀମାନଙ୍କ ଭଳି ନିଜ ଭାବନାରେ ସନ୍ଦିହାନ ହୁଏ ସୁଜାତା। ଭାବନା ତାର ଭାରସାମ୍ୟ ହରାଏ। ଛବି ସହିତ ପ୍ରଫୁଲ୍ଲର ବାର୍ଦ୍ଧିକ୍ୟ ବନ୍ଧୁତା ମନକୁ ତାର ବିଭ୍ରାନ୍ତ କରେ। ଅସହ୍ୟ ଯନ୍ତ୍ରଣାରେ ଛଟପଟ ହେଲେବି କାହାକୁ କିଛି କହେ ନାହିଁ। ଆଖିରୁ ଲୁହପୋଛି ଅଁଳ ନିଜ ଓଦା କରେ।

ଅସମୟରେ ବେଳେବେଳେ ପାଖକୁ ଆସେ ଅଜୟ। ସାନ୍ତ୍ୱନା ଦେଇ ସାହସ ଦେଇ ବ୍ୟସ୍ତ ମନକୁ ତାର ସଜାଡ଼ି ଦିଏ। ଅଜୟ ନଥିଲେ ନିର୍ଜୀବ ଆଉ ନିଃସଙ୍ଗ ଗୃହଣୀ ଜୀବନ ଦୁର୍ବିସହ ହୋଇ ଉଠନ୍ତା। ଅଜୟ ସତେ ଯେମିତି ସହାନୁଭୂତିଶୀଳ ସୁଜାତା ପକ୍ଷରେ ଗୋଟିଏ ଆଶା ଆଉ ଭରସାର ପ୍ରତୀକ।

ସୁଜାତା ଗୃହଦିନ ଧରି ଅଫିସ ଆସି ନାହିଁ। ତାର ଏଇ ଦୀର୍ଘ ଅନୁପସ୍ଥିତି ଅଫିସ ସଂପୃକ୍ତ କର୍ମଚାରୀଗୋଷ୍ଠୀଙ୍କ ଭିତରେ କୌତୁହଳ ସୃଷ୍ଟି କରିଛି। ଅଫିସରେ ସେ ଯେଉଁଦିନ ପ୍ରଥମ କରି ଯୋଗଦେଲା, ସେଇଦିନ ଠିକ୍ ଏଇଭଳି ଗୋଟିଏ ଉତ୍ତେଜନା ଦେଖା ଦେଇଥିଲା। ବିସ୍ମୟବିଭୋର ଅସ୍ପଷ୍ଟ ଗୁଞ୍ଜନଟିଏ ବାୟୁମଣ୍ଡଳର ସ୍ତରେ ସ୍ତରେ ରହସ୍ୟ ବୁଣି ଦେଇଥିଲା। କର୍ମଚାରୀବର୍ଗଙ୍କର ପୋଷାକ ପରିଚ୍ଛଦ, କଥୋପକଥନ ଆଉ ଚାଲିଚଳନରେ

ଗୋଟିଏ ଉଲ୍ଲେଖଯୋଗ୍ୟ ପରିବର୍ତ୍ତନ ଦେଖାଗଲା । କିନ୍ତୁ କ୍ରମେ ସବୁ ମାନ୍ଦା ପଡ଼ି ଆସିଲା, ଠିକ୍ ଯେମିତି ଧୋବା ତୁଠରୁ ଫିକା ରଙ୍ଗର ଚକଚକିଆ ଶାଢ଼ୀଟିଏ ପ୍ରଥମ କରି ଫେରିଆସେ ।

ସୁଜାତାର କର୍ମପଟୁତା ଆଉ କର୍ତ୍ତବ୍ୟନିଷ୍ଠ ଜୀବନ ସମସ୍ତଙ୍କୁ ବିମୁଗ୍ଧ କଲା । ତାର ସଂଯତ ବ୍ୟବହାରରେ ପ୍ରକାଶ ପାଇଲା ସାଧନାରତ ତପସ୍ୱିନୀର ଅଧ୍ୟବସାୟ । ସୁଜାତା ବୟସର ତରୁଣୀଟିଏ ଯେ ଏତେଦୂର କାର୍ଯ୍ୟଦକ୍ଷ ହୋଇପାରେ ଏକଥା ଦେଖି ସମସ୍ତେ ବିସ୍ମିତ ହେଲେ । ଅଳ୍ପଦିନ ମଧ୍ୟରେ ସରଳା ସୁଜାତା ସଙ୍ଗେ ସଂଯମୀ ଅଜୟର ପରିଚୟ ହେଲା । ସେହି ପରିଚୟ କ୍ରମେ ଘନିଷ୍ଠ ବନ୍ଧୁତାରେ ପରିଣତ ହେବାକୁ ଲାଗିଲା । ସୁଜାତା ଅଜୟର ବ୍ୟବହାରକୁ ଭଲ ପାଇଲା ଆଉ ଅଜୟ ସୁଜାତାର କାର୍ଯ୍ୟଦକ୍ଷତାକୁ ତାରିଫ କଲା । ଗୋଟିଏ ତରୁଣୀ ସଙ୍ଗେ ଆଉ ଗୋଟିଏ ତରୁଣର ବନ୍ଧୁତାକୁ ସମସ୍ତେ ସନ୍ଦେହ ଆଖିରେ ଦେଖିଲେ । ଏ ଦେଶ ମାଟିରେ ଏହା ଯେପରି ଗୋଟିଏ ନିତାନ୍ତ ଅସମ୍ଭବ ବ୍ୟାପାର । ତାଙ୍କର ପ୍ରଥମ ବନ୍ଧୁତାକୁ ଯେଉଁମାନେ ସନ୍ଦେହ କରୁଥିଲେ, କେଇଦିନ ପରେ ସେହି ଭୁଲକୁ ସଂଶୋଧନ କରିବା ସକାଶେ ଅବକାଶ ପାଇଲେ, ଆଜି ସୁଜାତାର ଆକସ୍ମିକ ଅନୁପସ୍ଥିତି ସମୁଦାୟ ଅଫିସ ଉପଲବ୍ଧି କରୁଛି ।

ଅଜୟ ଅଯଥା କାଳକ୍ଷେପ ନକରି ସୁଜାତା ଘରକୁ ବାହାରିଲା । ମନ ଭିତରେ ତାର ନାନା ଉଦ୍‌ବେଗ ଆଉ ଆଶଙ୍କା ବସା ବାନ୍ଧିଥାଏ । ସୁଜାତାର ଦେହ ବ୍ୟସ୍ତ ହୋଇନି ତ ? ତାର ବୁଢ଼ୀ ମାତା ସବୁବେଳେ ରୁଗ୍ଣା । ତାଙ୍କର ଯଦି କିଛି ହୋଇ ଯାଇ ଥାଏ ?, ମଣିଷର ମନ ସବୁବେଳେ ପାପ ଆଡ଼କୁ ଯାଏ । ଏଣୁ ତେଣୁ ବାରପ୍ରକାର ସମ୍ଭାବନା ଭିତରେ ଘାଣ୍ଟି ଚକଟି ହୋଇ ଅଜୟ ଧାଇଁଲା ଭଳି ଚାଲିବାକୁ ଲାଗିଲା ସୁଜାତା ଘର ଉଦ୍ଦେଶ୍ୟରେ ।

ବୃନ୍ଦାବନଚୌକ ବାଟ ଦେଇ ଫେରୁଛି ହାଇକୋର୍ଟ୍ ଗେଟ୍ ପାଖରେ ଦେଖିଲା ଛବି ଗୋଟିଏ ରିକ୍‌ସାରେ ବସି କଟେଜୀ ରୋଡ୍ ଭିତରେ ପଶି

ଯାଉଛି । ଛବିକୁ ଏଡ଼ାଇ ଦେବାକୁ ମୁହଁ ପୋଡ଼ ନଜାଣିଲା ଭଳି ଅଭିନୟ କରି ଚାଲି ଯାଉଥିଲା ଅଜୟ ।

ଅଜୟ ବାବୁ ! ଇଚ୍ଛା ଅଟକାଇ ଛବି ଡାକିଲା ।

ଅଜୟ ପାଖକୁ ନ ଯାଇ ନିଜ ସ୍ଥାନରେ ଛିଡ଼ା ହୋଇ ରହିଲା ।

ଆପଣ ଏମିତି ଏଡ଼େଇ ଦେଇ ଚାଲି ଯିବାର ଉଦ୍ଦେଶ୍ୟ ? ଛବିର କଣ୍ଠରେ ଥିଲା ଅଭିମାନର ତରଙ୍ଗ ।

ମୁଁ କଣ ଜାଣି ଶୁଣି ଏଡ଼ାଇ ଦେଉଛି ଛବି ? ମୁଁ ସେହିଭଳି ନିର୍ଦ୍ଦେଶ ପାଇଛି ।

ନିର୍ଦ୍ଦେଶ ! ଜଣେ ଜଣକୁ ଭୁଲିଯିବାକୁ କିଏ ପୁଣି ନିର୍ଦ୍ଦେଶ ଦେଇ ପାରେ ଅଜୟ ବାବୁ ?

ଅବିଶ୍ୱାସ କରୁଛ ?

ଆପଣଙ୍କୁ ଅବିଶ୍ୱାସ କେବେ କରିନି ଅଜୟବାବୁ ! ଆଉ କେବେ ମଧ୍ୟ କରି ପାରିବି ନାହିଁ । କିନ୍ତୁ କହି ପାରିବେ, ନିର୍ଦ୍ଦେଶଦାତା ସୟତାନ ନା ଭଗବାନ ?

ଭଗବାନ ମଧ୍ୟ ସୟତାନ ଭିତରେ କେତେବେଳେ ଲୁଚି ଛପି ସୟତାନୀ କରନ୍ତି । ଆଉ ସୟତାନ ମଧ୍ୟ ସମୟ ଆସିଲେ ଭଗବାନ ହୁଏ । ତେଣୁ ଯାହା ସମସ୍ତଙ୍କ ପକ୍ଷେ ମଙ୍ଗଳଦାୟକ ତାହାହିଁ ଗ୍ରହଣୀୟ । ତୁମେ ଧନୀ ପିତାର ଅଳିଅଳି କନ୍ୟା, ଆଉ ମୁଁ ଗୋଟିଏ ଦରିଦ୍ର ପିତାର ଅନାମ-ଧେୟ ସନ୍ତାନ । ତେଣୁ ଆମେ ଯେ' ଦିନେ ବନ୍ଧୁ ଥିଲେ ସେ କଥା ଭୁଲି ଯିବାହିଁ ବାଞ୍ଛନୀୟ ।

ମୋର ଯେ ଏହି ଧନୀ ପରିବାର ଭିତରେ କାହିଁକି ଜନ୍ମ ହେଲି ସେ ନେଇ ମୁଁ ଖୁବ୍ ବିବ୍ରତ ଅଜୟ ବାବୁ । ଗୋଟିଏ ମଧ୍ୟବିତ୍ତ ଅଥବା ନିମ୍ନ ମଧ୍ୟବିତ୍ତ ପରିବାର ଭିତରେ ଜନ୍ମ ହୋଇଥିଲେ, ଜୀବନ କେଡ଼େ ସୁନ୍ଦର ହୋଇଥାନ୍ତା ସତରେ ! ଅନ୍ତତଃ ଜୀବନକୁ ସହଜ ସରଳ ଭାବରେ ଉପଭୋଗ କରି ପାରିଥାନ୍ତି । ମୋର ମନେହୁଏ ଧନହିଁ କେତେବେଳେ ସୁଖର ଅନ୍ତରାୟ ହୁଏ ।

ଏ କଣ କହୁଛ ଛବି ! ଧନ ଥିଲେ ସୁଖ ଅପେ ଅପେ ଧରାଦିଏ। ଧନୀ ଦୁଲାଳୀ ତୁମେ ! ଦରିଦ୍ର ଅଜୟକୁ ଭୁଲି ଯିବାହିଁ ତୁମ ପକ୍ଷେ ମଙ୍ଗଳ।

ଆପଣଙ୍କୁ ବନ୍ଧୁ ରୂପରେ ପାଇ ମୁଁ ବାସ୍ତବିକ କୃତାର୍ଥ ହୋଇଛି। ଆପଣଙ୍କୁ ଯେ କେବେ ଭୁଲିଯାଇ ହେବ ତା'ର କଳ୍ପନା ମୁଁ କରିପାରୁନି। ମୋ ଆଖିରେ ସୁନ୍ଦର ଭବିଷ୍ୟତର ଯେଉଁ ସୁନେଲି ସ୍ୱପ୍ନ ନାଚୁଛି ତାହା ଅତୀବ ଲୋଭନୀୟ ଅଜୟ ବାବୁ ! ଅତି ଚମତ୍କାର ସେ ସ୍ୱପ୍ନ।

ସେହି ଲୋଭନୀୟ ସ୍ୱପ୍ନକୁ ବାସ୍ତବତାର ନିର୍ମମ ପରିସ୍ଥିତିରେ ମିଶାଇ ଚକ୍ନାଚୂର କର ନାହିଁ ଛବି। ସେ ସବୁଦିନ ପାଇଁ ସ୍ୱପ୍ନ ହୋଇ ରହିଥାଉ। ତୁମକୁ ମୁଁ ଅନୁରୋଧ କରୁଛି ! ତୁମେ ମୋତେ ଚିରଦିନ ପାଇଁ ଭୁଲିଯାଅ।

ଛବିର ବେଦନାଭରା ଆଖିରେ ଲୁହ ଟଳ ଟଳ ହେଲା। ଭଙ୍ଗା ମନର ବିକଳ ପରିକଳ୍ପନାକୁ ଛାଡିଦେଲେ ଗୃହିଣୀ ଅଜୟକୁ କରୁଣ ଦୃଷ୍ଟିରେ ଅନାଇଲା। ସେ ଦୃଷ୍ଟିରେ ଥିଲା ଅଜୟର ବିଷ୍ଣୁବାମନକୁ ସଙ୍କାଡ଼ି ନେବାର ଗାଢ଼ ଅନୁରୋଧର ବାର୍ତ୍ତା।

ଛବିର ଲୁହ ଟଳ ଟଳ ମିନତି ଭରା ଆଖି ଦୁଇଟି ଅଜୟ ହୃଦୟରେ କୌଣସି ପ୍ରତିକ୍ରିୟା ସୃଷ୍ଟି କରି ପାରିଲେ ନାହିଁ। ସେ ଛବିକୁ ରାସ୍ତା କଡ଼ରେ ଏକୁଟିଆ ଛାଡ଼ିଦେଇ ଆଗେଇ ଆସିଲା। ମନ ଭିତରେ ଚିନ୍ତାର ମନ୍ଥନ ଚାଲିଥାଏ।

ଛବିକୁ ପାଇବା ପାଇଁ ତ ସେ କେବେହେଲେ ଚେଷ୍ଟା କରି ନ ଥିଲା। କିନ୍ତୁ ସିଏ ନିଜେ ଆସି ଧରାଦେଲାବେଳେ ବି ତାକୁ ପ୍ରତ୍ୟାଖ୍ୟାନ କରିନାହିଁ। ମନ ଭିତରେ ମାୟା ପୁରାଇ ଛବି ତାକୁ ଅନ୍ୟମନସ୍କ କରିଥିଲା କିଛିଦିନ ପାଇଁ। ଆଜି ତାକୁ ଅକ୍ଲେଶରେ ଭୁଲି ଯାଇ ହେବ। ଜୀବନର ଗତିକୁ ମୋଡ଼ ଉପରେ ବାଟେଇ ଦେଲେ ସିଏ ପଥଚ୍ୟୁତ ହେବନି। ଟିକିଏ ସଂଯମ ଆବଶ୍ୟକ। ପାହାନ୍ତା ପ୍ରହରର ଦୁଃସ୍ୱପ୍ନ ଭଳି ଛବିକୁ ପାଶୋରି ଦେବାହିଁ ଉଚିତ ହେବ।

ଆରେ ଅଜୟ ବାବୁ ଯେ ! ନମସ୍କାର।

ଅଜୟ ଚମକି ପଡ଼ି ଚାହିଁ ଦେଖେତ, ସେ କେତେବେଳେ ଘର ଭିତରେ ସୁଜାତାର ବସା ପାଖରେ ପହଞ୍ଚି ଯାଇଛି । ସୁଜାତାକୁ ପ୍ରଣତ ନମସ୍କାର ଜଣାଇ ଦୁଆର ପାଖରେ ଛିଡ଼ା ହେଲା ଅଜୟ ।

ଭିତରକୁ ଆସନ୍ତୁ ! ସୁଜାତା ଅନୁରୋଧ କଲା ।

ଅଜୟ ବାଧ୍ୟ ଶିଶୁଟିଏ ଭଳି ସୁଜାତାର ଦାଣ୍ଡ ଘର ଭିତରେ ପ୍ରବେଶ କଲା ।

ସୁଜାତା ଅଜୟକୁ ଚୌକି ଦେଖାଇ ଦେଉ ଦେଉ କହିଲା, ମୁଁ ଜାଣିଥିଲି ଆପଣ ଆସିବେ ।

ଅଜୟ ଉତ୍ତର ନ ଦେଇ ଘରର ଚାରି ଦିଗକୁ ଅନିର୍ଦ୍ଦିଷ୍ଟ ଭାବରେ ଅନାଉ ଥିଲା । ଘର ଭିତରଟା ତାକୁ କେମିତି ମେଞ୍ଚା ମେଞ୍ଚା ଲାଗୁଥାଏ । କାନ୍ଥ ଉପରୁ ଗାନ୍ଧୀ, ନେହେରୁ ଆଉ ମୀରାବାଈଙ୍କର ଫଟୋ ସବୁ କାଢ଼ିନିଆ ଯାଇଛି । ମୁଣ୍ଡରେ ଜାକି ମାରିଥିବା ବିଦ୍ରୋହ ଚିନ୍ତା ନରମି ଆସୁଥାଏ ଅଜୟର ।

ପଚାରିଲା—ତମେ ଅଫିସ ଯାଉନାହଁ ଯେ…

ମୁଁ ଆଉ ଅଫିସ ଯିବିନି ଅଜୟ ବାବୁ ।

ମାନେ ?

ଚାକିରୀ ଆଉ କଟକ ଛାଡ଼ିଦେବି ।

ଅଜୟ ମନେ ମନେ ଭାବିଲା ହୃଦୟବାନ ମଣିଷ କଣ କଟକରେ ରହି ପାରେ । ଏଠିକାର ପରିସ୍ଥିତି ଯାହା ସୁସ୍ଥ ମନ ମଧ୍ୟ ଅସୁସ୍ଥ ପାଲଟି ଯିବ । ତେଣୁ ସୁଜାତାର ଏତେ ବଡ଼ ମୀମାଂସାରେ ସେ ମୋଟେ ବ୍ୟସ୍ତ ହେଲା ନାହିଁ । ସାଧା ଗଳାରେ ପଚାରିଲା—କେଉଁଠିକି ଯିବ ?

କାହିଁକି ? ଏତେବଡ଼ ପୃଥିବୀ ଆଗରେ ପଡ଼ିଛି, କୋଉଠି ହେଲେ ଥାନ ମିଳିଯିବ । ଅବଶ୍ୟ କଟକଠାରୁ ଦୂରେଇ ରହିଲେ ମନ ଆଶ୍ୱସ୍ତ ହେବ ।

ଚିନ୍ତାଟାକୁ ମନଭିତରୁ ଦୂରେଇ ଦେଲେ ସିନା ଆଶ୍ୱସ୍ତି ମିଳେ—ଚିନ୍ତାର ବୋଝକୁ ବହନ କରି ଚାଲିଲେ କିଛି ଲାଭ ନାହିଁ । ପୁଣି କଟକ ଛାଡ଼ିଦେଲେ କଣ ହେବ ? ଏହି କଟକ ସହରର ଚିନ୍ତା ମନ ଓ ଶରୀର

ସଙ୍ଗେ ସଙ୍ଗେ ଛାଇ ହୋଇ ଧାଇଁ ବୁଲିବେ । ଈଶ୍ୱର ସୃଷ୍ଟିରେ ସବୁ ମଣିଷ ସମାନ—ସବୁ ଗାଁ, ସବୁ ସହର ସମାନ । ସୁଜାତାର ବୃଦ୍ଧାମାତା ଦାଣ୍ଡଘରୁ ପଶି ଆସୁ ଆସୁ କହୁଥିଲେ ।

ଅଜୟ ଚୌକି ଉପରୁ ଉଠି ପଡ଼ି ନମସ୍କାର ଜଣାଇଲା ।

କିଏ ପ୍ରଫୁଲ୍ଲ ! ବୁଢ଼ାଟିଏ ହୋଇଥା ବାପା । ସୁଜାତାକୁ ବୁଝାଇ ଦେଇ ଯା ଆ । ଦିନେ ବେଳାର ଆଶ୍ରୟ ପାଇ ଆମେ କଷ୍ଟ ଭିତରେ ପଶିଥିଲୁ । ତୁ ନ ଆସିବାରୁ ସୁଜାତା କଷ୍ଟ ଛାଡ଼ି ଦେବାକୁ ବସିଛି ।

ସିଏ ଅଜୟ ବାବୁ ମା । ସୁଜାତା ଉତ୍ତର ଦେଲା ।

ମୋର ଆଖିକୁ ଆଉ କଣ ଭଲରୂପେ ଦିଶୁଛି । ଏଇ ସଂସାରରେ ଚଳପ୍ରଚଳ ହେଇ ଆଜି ଆସି ବୁଢ଼ୀ ହେଲି । କିନ୍ତୁ ପେଟରଝିଅ ସୁଜାତାକୁ ଚିହ୍ନି ପାରିଲି ନାହିଁ । ଅଯଥା ଚିନ୍ତା ଗୁଡ଼ାଏ ମୁଣ୍ଡ ଭିତରେ ପୂରାଇ ଅଙ୍କ ରଣଙ୍କାରେ ଦାହଗଞ୍ଜି ହେଉଛି । ମୁଁ ବି କିଛି କରି ପାରିନି ତା ପାଇଁ । ଜନ୍ମଦେଇ କର୍ମଟାକୁ ସଳଖାଇ ଦେଲି ନାହିଁ । ଖାଲି ଭଗବାନଙ୍କୁ ଆଶ୍ରାକରି ଗୁହାରି କରୁଛି । ତୁମେ ଟିକିଏ ତାଙ୍କୁ ବୁଝାଇ ଦେଇ ଯା' ବାପ ।

ପ୍ରଫୁଲ୍ଲର ନାଁଟିକୁ ସୁଜାତାର ପରିବାର ଭିତରେ ପ୍ରଥମକରି ଶୁଣି ଅଜୟ ବ୍ୟତିବ୍ୟସ୍ତ ହେଲା । ପ୍ରଫୁଲ୍ଲ ସମ୍ବନ୍ଧରେ ମେସରେ ସେ ଅନେକ କଥା ଶୁଣିଛି । ତାର ନାଁ ପଡ଼ିଲେ କୁଆଡ଼େ ଭଦ୍ର ସମାଜର ଶିକ୍ଷିତ ପରିବାର ଆତଙ୍କିତ ହୋଇ ଉଠନ୍ତି । ପ୍ରଫୁଲ୍ଲ ସଙ୍ଗେ ପ୍ରକାଶ୍ୟରେ କଥାଭାଷା କରିବାକୁ ସମବୟସ୍କ ବନ୍ଧୁ ସଂକୋଚ କରେ । ଅଫିସ ଭିତରେ ଆଉ ଅଫିସବାହାରେ ସମସ୍ତେ ସନ୍ଦେହ କରନ୍ତି ଏହି ପ୍ରଫୁଲ୍ଲକୁ । ତା' ସଙ୍ଗେ ସୁଜାତାର ନିବିଡ଼ ସମ୍ପର୍କ ମନ ଭିତରେ ଝଡ଼ ସୃଷ୍ଟି କଲା । ସମସ୍ତ ବିଷୟକୁ ଛାଡ଼ିଦେଲେ ଚୁପିରଖି ପଚାରିଲା, କଷ୍ଟ ଛାଡ଼ି କଣ କରିବ ଶୁଣେ ?

ସୁଦୂର ମଫସଲ ଅଞ୍ଚଳର ସରଳ ବାତାବରଣ ଭିତରେ ମିଶିଯାଇ ଶିକ୍ଷକ ବୃତ୍ତିଟିଏ ଯୋଗାଡ଼ କରିନେବ । ଛୋଟ ଛୋଟ ଝିଅପୁଅଙ୍କ ସଙ୍ଗେ ହସ ଖୁସିରେ ଦିନ କଟିଯିବ । ସହର ସଭ୍ୟତାର କଳଙ୍କିତ ବାତାବାରଣ ଯେପରି ତାଙ୍କର ତରଳ ମନକୁ ଅପବିତ୍ର ନ କରେ ସେଥିପାଇଁ ପ୍ରଗାଢ଼

ଚେଷ୍ଟା କରିବି । ବେଶୀ ନ ହେଲେ ବି ଅନ୍ତତଃ ଦୁଇ ତିନୋଟି ପିଲ୍ଲଙ୍କୁ ଯଦି ଆଦର୍ଶ ଜୀବନର ମାର୍ଗ ଦେଖାଇ ପାରିବି, ତେବେ ଭାବିବି ଚେଷ୍ଟା ମୋର ସଫଳ ହୋଇଛି । ସରଳ, ସୁନ୍ଦର ମନ ତାଙ୍କର ସମୁଦ୍ରକୂଳ ପବନ ଭଳି ସ୍ୱଚ୍ଛଳ । ତା' ଭିତରେ ବିକୃତ ମସ୍ତିଷ୍କର ବିକଳ୍ପ କଳ୍ପନା ପ୍ରବେଶ କରି ନଥିବ । ସେଇମାନଙ୍କ ମେଳରେ ଆନନ୍ଦରେ ଜୀବନଟା ଅତିବାହିତ ହୋଇଯିବ । ଦୀର୍ଘ ନିଶ୍ୱାସ ଛାଡ଼ିଲା ସୁଜାତା ।

କଟକରେ ରହି ଅଫିସରେ ଚାକିରୀ କରୁଛୁ । କେଡ଼େ ସୁନ୍ଦର ଭାବରେ ଚଳି ଯାଉଛେଁ । ଭଗବାନ କଲେ କାଲି ବାହା ସାହା ହୋଇ ସଂସାର କରିବୁ । ନିଶ୍ଚିତ ଜୀବନ ଛାଡ଼ି ଅନିଶ୍ଚିତ ପଥରେ ଧାଇଁଲେ ଭଲ ହେବନି ସୁଜାତା ! ତୁ'ତ ଆଉ କୋଉର ଝିଅ ନୋହୁ ଯେ ଆକଟ କରିବି । ତୁ ଆଜି ମୋର ପାଳିଲା ପୁଅ ଆଉ ଝିଅ । ଯାହା ଭଲ ଭାବୁଛୁ କର । ବୁଢ଼ୀ ଏତକ କହି ଦୁଃଖ ମନରେ ପୁଣି ଭିତରକୁ ଚାଲିଗଲେ ।

ଅଜୟ ଅବାକ ହୋଇ ସୁଜାତା ମୁହଁକୁ ବଲବଲ କରି ଅନାଉଥିଲା । ସୁଜାତାର ମୁଖମଣ୍ଡଳରେ ଅନାଗତ ଭବିଷ୍ୟତର ସୁନେଲି ସ୍ୱପ୍ନ ଲହଡ଼ି ଭାଙ୍ଗୁଥାଏ । ଆଖି ଡୋଳାରେ କେତେ ଆଶା ଆଉ ଅଭିଳାଷର ସୁଚିନ୍ତିତ ପରିକଳ୍ପନା । ସୁଜାତା ତାର କଳ୍ପନାକୁ କଳଗୁଞ୍ଜନରେ ନିଜର ବର୍ତ୍ତମାନ ପରିସ୍ଥିତିକୁ ଭୁଲି ଯାଉଥିଲା ।

ଅଜୟ ସାହସ ବାନ୍ଧି ପଚାରିଲା—ପ୍ରଫୁଲ୍ଲ ଆଉ ତୁମର ସମ୍ପର୍କ ସମ୍ବନ୍ଧରେ ସଠିକ ପରିଚୟ ମୁଁ ପାଇନାହିଁ । ଆଶାକରେ ଅନ୍ୟଥା ନଭାବି ବନ୍ଧୁ ଭାବରେ ମୋ ଆଗରେ ସବୁ କଥା ପ୍ରକାଶ କରିବ ।

ସୁଜାତା ଅଜୟର ପ୍ରଶ୍ନରେ ପ୍ରଥମେ ଟିକେ ସଙ୍କୁଚିତ ହୋଇଗଲା । ପତା ନଇଁ ଆସିଲା ତଳକୁ । ତାପରେ ଗୋଟିଏ ଭଗ୍ନ ବୀଣାରେ କରୁଣ ସ୍ୱର ଦେଲାଭଳି ସେ ତା'ର ଅତୀତ ଆଉ ବର୍ତ୍ତମାନର ବିଦଗ୍ଧ ଇତିବୃତ୍ତିକୁ ଅଜୟ ଆଗରେ ଗାଇଗଲା । ଆଖି ପତା ଭିଜି ଆସିଲା । ତାପରେ ଟୋପା ଟୋପା ଲୁହ ମୁକ୍ତା ପରି ଖସି ପଡ଼ିଲା ଚଟାଣ ଉପରେ । ଅଜୟର ହୃଦୟ ଉଦ୍ବେଳିତ ହୋଇ ଉଠିଲା ଏଇ ସହାୟହୀନା ନାରୀଟିର ହୃଦୟସ୍ପର୍ଶୀ ଆବେଦନରେ ।

ନାରୀ ଆଉ ପୁରୁଷର ସମ୍ବନ୍ଧ ଭିତରେ ପ୍ରେମହିଁ ମହତ । କିନ୍ତୁ ସେ ପ୍ରେମ ଦୈହିକ କ୍ଷୁଧା ଭିତରେ ସୀମାବଦ୍ଧ ନରହି ହୃଦୟର ନିଭୃତ କୋଣରେ ମଧ୍ୟ ତାକୁ ସ୍ଥାନ ଦିଆ ଯାଇପାରେ ସୁଜାତା, ଏଥିପାଇଁ କିଛିକି ଛାଡ଼ିବା ଏକବାରେ ଅବାନ୍ତର ।

ସାନ ଭଉଣୀ ହିସାବରେ ଛବିକୁ ସ୍ନେହ କରେ ମୁଁ । ଦୀର୍ଘ ଦୁଇବର୍ଷ ଧରି ଆମର ମମତା ନିବିଡ଼ତର ହୋଇଛି । କିନ୍ତୁ ଛବିହିଁ ଆଜି ମୋ ଚଲା ପଥର କଣ୍ଟକ । ମୋର ଦୁର୍ଭାଗ୍ୟ ଅଜୟ ବାବୁ !

ସେ ପୁଣି କେମିତି ?

ଛବି ପ୍ରତି ପ୍ରଫୁଲ୍ଲବାବୁ ଆସକ୍ତ ! ଛବି ଜ୍ଞାତସାରରେ ପ୍ରଶ୍ରୟ ଦେଇଛି ତାଙ୍କୁ ! ହୁଏତ ରାଜୀବ ବାବୁଙ୍କ ମଧ୍ୟ ସମର୍ଥନ ରହିଛି । ଏହାହିଁ କହିବାକୁ ସେ'ଦିନ ଆପଣଙ୍କ ବସାକୁ ଯାଇଥିଲି । କିନ୍ତୁ ଅନୁଚିତ ହେବ ଭାବି, କିଛି ନ କହି ଫେରି ଆସିଲି ।

ଛବିକୁ ଭୁଲ୍ ବୁଝନି' ସୁଜାତା ! ସେ ଠିକ ଆଗଭଳି ତୁମର ସ୍ନେହଶୀଳା ସାନଭଉଣୀ ରହିଛି । ସେ ତୁମର ଭବିଷ୍ୟତ ନେଇ ଖୁବ୍ ଉଦ୍‌ବିଗ୍ନ ! ଏ କେଇଦିନ ତୁମର ଖାପ ଛଡ଼ା ବ୍ୟବହାର ଦେଖି ସେ ଖୁବ୍ ଦୁଃଖିତ ।

କିନ୍ତୁ ସେ ମୋ ସହିତ ପ୍ରତିଦ୍ୱନ୍ଦ୍ୱିତାରେ ସମ୍ମୁଖୀନ ହୋଇଛି ଆଜି । ଛବି ଆଉ ପ୍ରଫୁଲ୍ଲ ବାବୁଙ୍କ ଗୋପନ ଅଭିସାର ମଧ୍ୟ ମୋ ଦୃଷ୍ଟିରେ ପଡ଼ିଛି । ଏଥର କୁହନ୍ତୁ କିପରି ଅବିଶ୍ୱାସ କରିବି ?

ତଥାପି ମୋର ବିଶ୍ୱାସ ହୁଏନା ସୁଜାତା । ଯୌତୁକର ସମୃଦ୍ଧ ପ୍ରଫୁଲ୍ଲ ମୃଗତୃଷ୍ଣା ପଛରେ ଧାଇଁଛି । ଛବିକୁ ସେ କଦାପି ପାଇପାରିବ ନାହିଁ । ପ୍ରଫୁଲ୍ଲ ଶେଷକୁ ତୁମ ପାଖକୁ ଫେରି ଆସିବ । ଏହା ମୋର ଦୃଢ଼ ଧାରଣା । ତୁମେ ଧୈର୍ଯ୍ୟ ଧର, କିଛିକି ଛାଡ଼ ନାହିଁ । ବନ୍ଧୁ ହିସାବରେ ଏହା ମୋର ଏକାନ୍ତ ଅନୁରୋଧ ।

ଆଉ କିଛି ନ କହି ଅଜୟ ଏକା ମୁହାଁ ହୋଇ ଫେରି ଆସିଲା—ହସ୍ତା ସୁଜାତା ମନରେ ସ୍ୱପ୍ନର ଗୃହ ବୁଣି ଦେଇ ଆସିଲା ସେ ।

ସୁଜାତା ଶୋଇ ଶୋଇ ସ୍ୱପ୍ନ ଦେଖୁଥିଲା । ପଞ୍ଚମୀ ରାତିର ଜ୍ୟୋସ୍ନା ପ୍ରହର ଅଳସ ହୋଇ ଢୋଳୁଥିଲା । ରାତ୍ରିଚରର ଶଙ୍କାହୀନ ବିହାର ବାୟୁମଣ୍ଡଳର ସ୍ତରେ ସ୍ତରେ ଉତ୍ତେଜନା ଭରି ଯାଉଥିଲା । ନୀରବ, ନିସ୍ପନ୍ଦ ମହାନଗରୀ ପଥଶ୍ରାନ୍ତ ପଥିକ ପରି ଲଘୁନିଶ୍ୱାସ ଛାଡ଼ୁଥିଲା ରହି ରହି ।

ରଙ୍ଗୀନ ସ୍ୱପ୍ନରେ ମସ୍‌ଗୁଲ ଥିଲା ସୁଜାତା । ଆସନ୍ନ ଭବିଷ୍ୟତର ଏକ ମଧୁର ମୁହୂର୍ତ୍ତ । ପ୍ରିୟତମ ପ୍ରଫୁଲ୍ଲ ହୃଦୟର ସବୁ ଆବେଗ ଓ ଉତ୍ତେଜନା ଢାଳି ସୁଜାତା ଆଗରେ ମିନତି କରୁଥିଲା । ଦୃଷ୍ଟିରେ କେତେ ଯୁଗର ଅସରନ୍ତି ସୁଧା ।

ସୁଜାତା ଅଭିମାନ କରି ପାଖେଇ ଗଲା । ତଳେ ମନର ସୁଖକୁ ଦମ୍ଭରେ ରୋକୁଥିଲା ସେ । ପ୍ରଫୁଲ୍ଲ ନିଷ୍ଠୁର ।

ମୁଁ ଅତୀତ ପାଇଁ ବିଶେଷ ଅନୁତପ୍ତ ସୁଜାତା ! ମୋର ଅମାର୍ଜ୍ଜନୀୟ ଭୁଲ୍ ହୋଇଛି । ତୁମେ ମୋତେ କ୍ଷମା ଦେବନି ତ ଦେବ କିଏ ? ସୁଜାତାର ବସନାଞ୍ଚଳକୁ ଭିଡ଼ି ଧରିଥାଏ ପ୍ରଫୁଲ୍ଲ ।

ସୁଜାତା ଅନୁତପ୍ତ ପ୍ରଫୁଲ୍ଲର ବିଷଣ୍ଣ ମୁହଁକୁ ଅନାଇ ଦବିଗଲା । ଅଭିମାନର ବାନ୍ଧ ଭାଙ୍ଗିଗଲା । ତାର ମନେ ପଡ଼ିଲା ସୁଦୂର ଅତୀତ, ଅତୀତର ସେହି ଅନାବିଳ ପ୍ରେମ, ମଧୁର ଆଲିଙ୍ଗନ ଆଉ ଗୃହିଣୀର ଗୌରବ ଭାଷା । ସୁଜାତାର ଜୀବନ ବୀଣାରେ କିଏ ଗୋଟିଏ ଯେପରି ମଧୁର ଝଙ୍କାର ତୋଳିଲା । ପ୍ରଫୁଲ୍ଲ ବାବୁଙ୍କ ଦେହ ଗୋଠାଙ୍କରେ ସେ ଯେପରି ମିଶି ଯାଉଥିଲା ।

ସ୍ଥିର ପାଣିରେ ପଥର ପଡ଼ିଲା ପରି ସ୍ୱପ୍ନ ଭାଙ୍ଗିଗଲା ସୁଜାତାର । ସେ କଡ଼ ଲେଉଟାଇ ଶୋଇଲା । ନିଦ ହେଲା ନାହିଁ । ଅଧେ ଶୁଆ ଆଉ ଅଧେ ଚେଇଁବା ଭିତରେ ମଧୁର ସ୍ୱପ୍ନର ଆଉ ଏକ ଖିଅ ଫିଟିଗଲା ତା ଆଖି ଆଗରେ ।

ସୁଜାତାର କୋଳରେ ଖେଳୁଛି ସୁସ୍ଥ ସୁନ୍ଦର ଛୁଆଟିଏ । ଟିକିଟିକି ଆଖିରେ ସେ ସୁଜାତାକୁ ମିଟିମିଟି କରି ଦେଖୁଛି । ସରୁ ସରୁ ହାତ

ହଲାର ଗୋଡ଼ ଛାଟି ଭଙ୍ଗୀ ଦେଖାଉଛି । ମୁଗ୍ଧ ଦୃଷ୍ଟିରେ ଶିଶୁଟିକୁ ଅନେଇ ରହିଛି ସୁଜାତା । କେତେବେଳେ ବୋକ ଦେଉଛି ତ, କେତେବେଳେ ଛୁଆଟିକୁ ଛାତି ତଳେ ଜାକି ଧରୁଛି ସୁଜାତା ।

ଛୁଆଟି ବଡ଼ ହେଲେ କାହା ଭଳି ହେବ କହିଲ ? ପ୍ରଫୁଲ୍ଲ ପଚାରିଲା କୁଆଡ଼ୁ ବାହାରୁ ଆସି ।

ସବୁ ପୁଅ ବାପ ଭଳି ହୁଅନ୍ତି । ସୁଜାତା ଉତ୍ତର ଦେଲା ।

ମୋ' ଭଳି କାହିଁକି ହେବନି ?

ଝିଅ ହୋଇଥିଲେ ହୋଇଥାନ୍ତା ସିନା !

କିଏ କହିଲା ? ଇଏ ତମ ଭଳି ସୁନ୍ଦର ହେବ ସୁଜାତା !

ଆଉ ଗୁଣ ହେବ ଠିକ୍ ତୁମ ଭଳି । ସୁଜାତା ବ୍ୟଙ୍ଗ କଲା କାହାକୁ ହସି ।

ତା'ହେଲେ ତ ବଦମାସଟାଏ ହେବ······

ସୁଜାତା ଆଉ ପ୍ରଫୁଲ୍ଲ ଜୋର୍‌ରେ ହସି ଉଠିଲେ । ସେଇ ହସର ଜୋର ଆପେ ଆପେ ଠାଣି ହୋଇ ଯାଇଥିଲା ସୁଜାତା ମୁହଁ ଉପରେ ।

ଶୋଇ ଶୋଇ ହସୁଛୁ ଝିଅ ? ବୃଦ୍ଧାମାତା ସୁଜାତା ଦେହରେ ହାତ ମାରିଲେ ।

ଭଡ଼ ମୋଡ଼ ହୋଇ ଆଳସ୍ୟକୁ ବିଦାୟ ଦେଉଁ ଦେଉଁ ସୁଜାତା ତନ୍ଦ୍ରାଳ କଣ୍ଠରେ ପଚାରିଲା—ସକାଳ କି ହେଲାଣି ମା ?

ମୁହଁରେ ନିଦ୍ରାର କ୍ଲାନ୍ତି । ଢଳ ଢଳ ଡ଼ୋଳା ଦୁଇଟିରେ ନିଦ ଢୁଲୁଢୁଲୁ ହେଉଛି । ନିଶାରେ ମସଗୁଲ ଥିଲେ ଆଖିରେ ନିଦ ଆସେନା,— ନିଶା ଛୁଟି ଗଲେ ମନ ବିକଳ ହୁଏ । ସୁନେଲି ସ୍ୱପ୍ନର ସୁଆଦ ମନକୁ ବିଭ୍ରାନ୍ତ କରେ । ସୁଜାତା ମନେ ମନେ ରାତିର ସ୍ୱପ୍ନ-ସମ୍ପଦକୁ ଅଣ୍ଡାଳି ହେଉଥିଲା । ଏତିକିବେଳେ ଦାଣ୍ଡଘର କବାଟରେ ଖଟ୍ ଖଟ୍ ଶବ୍ଦ ହେଲା ।

ସୁଜାତାର ମା ଯାଇ କବାଟ ଖୋଲିଲେ ଖୋଲି ଦେଖିଲେ ପ୍ରାୟ ଷାଠିଏ ବର୍ଷ ବୟସର କଣେ ଅପରିଚିତ ବୃଦ୍ଧ ଠିଆ ହୋଇଛି ।

ବୃଦ୍ଧା ବିସ୍ମୟରେ ପଚାରିଲେ—କାହାକୁ ଖୋଜୁଛ ? ମୁଁ ତ ଚିହ୍ନି ପାରୁନି ।

ପ୍ରଫୁଲ୍ଲର ବାପା ମୁଁ ।

ଆଚ୍ଛା ! ବୁଢା ମନେ ମନେ ଖୁସ ହେଲେ ।

କାଲଠୁ ଆସିଲଣି । ପ୍ରଫୁଲ୍ଲ ବସାରେ ତାଲା ପଡ଼ିଥିବାରୁ ବାରଣ୍ଡାରେ ଘଣ୍ଟାଏ କଟେଇ ପଚାରି ପଚାରି ତମ ବସାକୁ ଆସିଲି । ବେଳେବେଳେ ଚିଠିରେ ସେ ସୁଜାତା କଥା ଲେଖେ । ଭାବିଲି ବୋଧହୁଏ ଏଇଠି ରହୁଥିବ ।

ବୁଢାଙ୍କୁ ଆଉ କହିବାକୁ ନଦେଇ ସୁଜାତା ମା ତାଙ୍କୁ ଭିତରକୁ ଡାକିଲେ ।

ସୁଜାତା, ଦେଖିଲୁଣି ପ୍ରଫୁଲ୍ଲର ବାପା ଆସିଛନ୍ତି !

ପ୍ରଫୁଲ୍ଲକୁ ଟିକିଏ ଡାକି ଦିଅ, ମୁଁ ଚାଲିଯିବି ଆଉ କାହିଁକି ଭିତରକୁ ଯିବି ?

ପ୍ରଫୁଲ୍ଲବାବୁ ତ ଏଠି ନାହାନ୍ତି ବାପା ! ଗତ କେତେ ମାସ ହେବ ସେ ଏଠାକୁ ଆସିନାହାନ୍ତି । ଆଗେ ବରାବର ଆସି ଆମର ଭଲମନ୍ଦ ବୁଝି ଯାଉଥିଲେ । ଏବେ ଦର୍ଶନ ସୁଦ୍ଧା ମିଳୁ ନାହିଁ । ସୁଜାତା ବୁଢାଙ୍କର ଗୋଡ଼ତଳେ ପଡ଼ି ପ୍ରଣାମ କଲା ।

ଭାଗ୍ୟବତୀ ହୁଅ ମା ! ସୁଜାତାର ହାତ ଧରି ଗୋଡ଼ତଳୁ ଉଠାଇ ଉଠାଇ ବୁଢା ଆନନ୍ଦରେ ଗଦ୍ ଗଦ୍ ହୋଇ ଆଶୀର୍ବାଦ ଦେଲେ ।

ସୁଜାତା ଓଢ଼ଣା ଟାଣି ସାମନାରେ ଛିଡ଼ାହେଲା ଆଉ ବୁଢାଙ୍କୁ ଭିତର ଘରକୁ ଆସିବାକୁ ଅନୁରୋଧ ଜଣାଇଲା ।

ସରଳା ସୁଜାତା ଉପରେ ବୁଢାଙ୍କର ସ୍ନେହପୂର୍ଣ୍ଣ ଡୋଳା ଦୁଇଟି ଆପେ ଆପେ ବୁଲିଗଲା । ସେ ମନ୍ତ୍ରମୁଗ୍ଧ ପରି ଏହି ଶିକ୍ଷିତା ଆଉ ବିନମ୍ରୀ ଝିଅଟିକୁ ବାରମ୍ବାର ଅନାଇ ଅନାଇ କହିଲେ, ତୋର ନାଁ ସୁଜାତା ତେବେ ! ଭାଗ୍ୟରେ ଥିଲେ ତୋ ଭଳି ବୋହୂଟିଏ ମିଳେ ! ଈଶ୍ୱର କଲେ ଘର ମୋର ଉଜୁଳି ଉଠିବ ।

ଭାଗ୍ୟ ତାଁ ଉପରେ ପିଲାଟିକୁ ଦାଉ ସାଧିଲା । ପୁଅ ତୁମର ବଡ଼ ବିପଦରୁ ଉଦ୍ଧାର କଲା । ତମେ ଆଶ୍ରୟ ଦେଲେ ତମର ନାଁ ରହିବ । ସୁଜାତା ମା ଉତ୍ଫୁଲ୍ଲ ହୋଇ ଉଠୁଥିଲେ ।

ମଣିଷ ମଣିଷକୁ କ'ଣ ଆଶ୍ରୟ ଦେଇପାରେ ଭଉଣି ! ଆଶ୍ରୟଦାତା ହେଉଛନ୍ତି ସୃଷ୍ଟିକର୍ତ୍ତା ପରମେଶ୍ୱର, ଯାହାର ନିର୍ଦ୍ଦେଶରେ ଏଦୁନିଆ ଚଳୁଛି, ଆଉ ସମସ୍ତ ମଣିଷ ସମାଜ ଗ୍ଲୁଲୁଛି । ଆଚ୍ଛା ସେ କଥା ପରେ—ପ୍ରଫୁଲ୍ଲ ଗଲା କୁଆଡ଼େ ମା !

ପ୍ରଫୁଲ୍ଲବାବୁ କଣ ତାଙ୍କ ବସାରେ ନାହାନ୍ତି ବାପା ? ସୁଜାତା ବିବ୍ରତ ହୋଇ ପଚାରିଲା ।

ତୁ ଏମିତି ବ୍ୟସ୍ତ ହ'ନା ମାଆ ! ବ୍ୟସ୍ତ ହେଲେ କୌଣସି ବିଷୟ ସମାଧାନ କରି ହୁଏନା । ବୋଧହୁଏ ସେ କୁଆଡ଼େ ଚାଲି ଯାଇଥିବ । ତା ସଙ୍ଗୀ ସାଥୀଙ୍କୁ ବୁଝିଲେ ଜଣା ପଡ଼ିବ । ବୃଦ୍ଧ ଉତ୍ତର ଦେଲେ ।

କାଲିଠୁ ଆସିଛ, ପେଟରେ କିଛି ପଡ଼ିନାହିଁ । ପ୍ରଥମେ ଟିକିଏ ସୁସ୍ଥି ମାରିନିଅ । ସୁଜାତା ଆଉ ତୁମେ ଦୁହେଁ ମିଶି ଧନସାଗ୍ର ତଲ୍ଲାସ କରିବ । ସୁଜାତା ମା କହିଲେ ।

କୁଆଡ଼େ ସେ ଗଲେ ମାଆ ? ସୁଜାତା ଅଧୈର୍ଯ୍ୟ ହୋଇ ପଡ଼ିଲା ।

କେହି କିଛି ଉତ୍ତର ଦେଇ ପାରିଲେ ନାହିଁ ।

ତେବେ ପ୍ରାଣପ୍ରିୟ ପ୍ରଫୁଲ୍ଲର ସଠିକ ଖବର ମିଳିବ କାହା ପାଖରୁ ? ସୁଜାତା ବ୍ୟସ୍ତ ହୋଇ ଉଠୁଥିଲା । ଛବି ଏହାର କାରଣ ନୁହେତ ? ଗ୍ଛତ ଭିତରେ କେତେ ସଂଶୟ ଓ ବିସ୍ମୟ ଦୋଳି ଖେଳୁଥିଲେ ସୁଜାତାର ।

ଛବିର ଅପ୍ରତ୍ୟାଶିତ ଓ ଆକସ୍ମିକ ଉପସ୍ଥିତି ଅଜୟ ମନରେ ବିସ୍ମୟ ସଂଚାର କଲା ।

ଧରିତ୍ରୀ କୋଳରୁ ଭାଗ୍ୟବତୀ ସଂଧ୍ୟା ବିଦାୟ ନେଉଥାଏ । ପଶ୍ଚିମ ଆକାଶରେ ଜମିଥାଏ ରଙ୍ଗର ମେଳା । ମୃଦୁ ଦକ୍ଷିଣା ପବନରେ ଗୁମୁରି ଉଠୁଥାଏ ଗୋଟିଏ ରୋମାଞ୍ଚକର ସଂଗୀତ । ପବନ ସ୍ପର୍ଶରେ ସର୍ବାଙ୍ଗ ପୁଲକିତ ହୋଇ ଉଠୁଥାଏ । ମନ ଅଳସେଇ ଉଠୁଥାଏ, କାହାର ପ୍ରତୀକ୍ଷାରେ ।

ଅଜୟ ଛବିକୁ ଦେଖି ଖୁସି ହେଲା । ଉଠିପଡ଼ି ଗୋଟିଏ ଚୌକି ଆଣି ବସିବାକୁ ନୀରବ ଇଙ୍ଗିତ କଲା । ମେସ୍‌ରେ କେହି ନ ଥାନ୍ତି । ଅଜୟ ନୀରବରେ ଛବିର ଆଗମନର କାରଣ ଜାଣିବା ପାଇଁ ଉତ୍ସୁକ ହୋଇ ଅନାଇଲା ତା ମୁହଁକୁ ।

ଛବି ପ୍ରଥମେ ଅଭିଯୋଗ ବାଢ଼ିଲା—ଆମ ଘରକୁ ଯିବା ଛାଡ଼ି ଦେଲେ ନା କ'ଣ ?

ତମ ଘରକୁ ଯିବା କଣ ଖୁବ୍ ଦରକାର ?

ଖାଲି ଦରକାର ହେଲେ କଣ ଆପଣ ଆଗେ ଯାଉଥିଲେ ? ଆଉ କୌଣସି ଆକର୍ଷଣ ନଥିଲା ?

ହୁଏତ ଥିଲା । ଆଉ ଏବେ ନାହିଁ ।

ଆପଣ ଏହା କହି ପାରୁଛନ୍ତି ଅଜୟ ବାବୁ !

କହିବାକୁ ବାଧ୍ୟ ହେଉଛି । ତା ଛଡ଼ା ତୁମେ ବାପାଙ୍କର ଅବାଧ୍ୟ ହେବା ଅନୁଚିତ । ସେ ତୁମ ଜରିଆରେ ଗୋଟିଏ ବଂଶଶାଳୀ ପରିବାର ସହିତ ସମ୍ବନ୍ଧ ପ୍ରତିଷ୍ଠା କରିବାକୁ ଚାହାନ୍ତି, ତୁମେ ତାଙ୍କ ଆଶାରେ ଧୂଳିଦେବା ଠିକ୍ ନୁହେଁ ।

ପିତା ସ୍ୱାର୍ଥପର ହେଲେ ଝିଅ କାହିଁକି ତା ପଥ ଠିକ କରିବ ,ନା ଅଜୟ ବାବୁ ! ଏତେ ସଂପତ୍ତି ଥାଇବି ବାପାଙ୍କର ଧନ-କ୍ଷୁଧା ଏତେ ବେଶି ଯେ, ସେ ତାଙ୍କ ଝିଅର ମନକୁ ବାଦ ଦେଇ ଗୁଡ଼ାଏ ଉଦ୍ଭଟ କଳ୍ପନା କରୁଛନ୍ତି । ତେବେ ମୋ ମତରେ ଆପଣ କାହିଁକି ବିବ୍ରତ ହେଉଛନ୍ତି ? ଆପଣ ତ ମତେ ଅପଥକୁ ନେଇ ଯାଇ ନାହାନ୍ତି ଯେ ବାପାଙ୍କର ନିର୍ଦ୍ଦେଶ ପାଇ ମୋ ସହିତ ଦେଖା ସାକ୍ଷାତ ବନ୍ଦ କରିଦେବେ......

ଅଚ୍ଛା, ଏଥର କୁହ, ଆଗମନର କାରଣ ! ଅଜୟ ମୃଦୁ ହସି ପଚାରିଲା ।

ଆଗମନର କାରଣ ତ ଆଗରୁ କହି ସାରିଛି, ଏଥର ଚାଲନ୍ତୁ ଟିକେ ବୁଲି ଆସିବା, ଅବଶ୍ୟ ଆପଣଙ୍କ କାମରେ ଯଦି ବାଧା ସୃଷ୍ଟି ନହୁଏ...

କାମ ଆଉ କଣ ! ଚାକିରି ହେଲା ପ୍ରଧାନ କାମ—ବସାକୁ ଆସିଲେ କଲମ ଚଳା କାମ ।

ଆଉ କିଛି ନୂଆ ଲେଖିଲେଣି ! ସେଦିନ କହୁଥିଲେ ପଦ୍ୟ କବିତା ପାଇଁ କଳ୍ପନା ଆଉ ଉପନ୍ୟାସ ପାଇଁ ବାସ୍ତବ ଅନୁଭୂତି ଦରକାର । ଆପଣଙ୍କର ଅନୁଭୂତି ଏହା ଭିତରେ ନିଶ୍ଚୟ ହେବଣି······

କିନ୍ତୁ ସେ ଅନୁଭୂତିକୁ ଲିପିବଦ୍ଧ କରିବା ପାଇଁ କର୍ତ୍ତୃପକ୍ଷଙ୍କ କଟକଣା ଜାରି ହୋଇଛି । ଅଜୟ ମନେ ମନେ ହସି ନିର୍ଲିପ୍ତ ଚାହାଣୀରେ ଚାହିଁଲା ଛବିକୁ ।

ଚାହାଣୀରେ କୋଟିଏ ବିସ୍ମୟ ଭରି ଛବି ଚାହିଁଛି ଅଜୟକୁ । ଦୁହିଁଙ୍କ ଦୃଷ୍ଟିର ମିଳନ ହେଲା ଗୋଟିଏ ବିନ୍ଦୁରେ—ଜଣକ ହୃଦୟର ଆଘାତ ଆଉ ଜଣେ ବୁଝି ପାରିଲା ।

ଛବି ହସ ଗୋପନ କରି କହିଲା—କଟକଣା ଉଠେଇ ଦେବା ପାଇଁ ମୁଁ ଚେଷ୍ଟା କରିବି । ତାପରେ କିଛି ଆପତ୍ତି ରହିବ ନି ତ !

କିନ୍ତୁ ତା'ତ ତୁମ ପ୍ରୟୋଜନରେ ଆସିବନି ସୁନ୍ଦରୀ ଛବି !

ମାନସୀ ଅଧିକାରରୁ ବଂଚିତ ନହେଲେ ନିଶ୍ଚୟ ଆସିବ କବି ! ତାପରେ ଚେୟାରରୁ ଉଠିପଡ଼ି କହିଲା, ଆପଣଙ୍କ ମେସର ସାଥୀମାନେ ଆସିଯିବେ, ବାହାରି ପଡ଼ନ୍ତୁ ଏଥର ।

ବସ, ଛବି ଆଉ ଟିକେ । ମେସ ସାଥୀମାନେ ସମସ୍ତେ ଜାଣନ୍ତି, ଆଉ ମତେ ସାବଧାନୀ ମଧ୍ୟ ଶୁଣାଇଛନ୍ତି ଯେ ବହ୍ନି ପାଖକୁ ପତଙ୍ଗ ଆପେ ଟାଣି ହୋଇଗଲା ପରି ମୁଁ ତମ ରୂପର ପିଆସୀ ହୋଇଛି, କିନ୍ତୁ···

କିନ୍ତୁ କଣ ଅଜୟ ବାବୁ ?

ସେମାନେ ଏୟା ମଧ୍ୟ କହୁଥିଲେ ଯେ ଧନୀ ଦୁଲାଳୀ ଛବି ପାଖରେ ତମର ସ୍ଥାନ କି ହାସ୍ୟାସ୍ପଦ···

ତା' ହେଲେ କଣ ଆମ ଦୁହିଁଙ୍କର ଭଲ ପାଇବାକୁ ସେମାନେ ହାସ୍ୟାସ୍ପଦ ଭାବୁଛନ୍ତି—ଏଥିରେ ଦୁହିଁଙ୍କର ହୃଦୟର ସ୍ୱାକ୍ଷର ନାହିଁ, ମନର ସ୍ପନ୍ଦନ ନାହିଁ—

ନା, ନା ଛବି କିଛି ନାହିଁ, ଏହା ହୋଇ ପାରେ ନା, ଆମ ଦୁହିଁଙ୍କର ଜୀବନ ଗୋଟିଏ ରଜ୍ଜୁରେ ଗୁନ୍ଥା ହେଲେ ମଧ୍ୟ ତମେ ମୋ ପୃଥିବୀକୁ

ଓହ୍ଲେଇ ଆସି ପାରିବନି···ତମର ଗୃହିଣୀ ମୋର ପରିବେଷ୍ଟଣୀ ପୂରଣ କରି ପାରିବନି—ଶେଷରେ ସଂଘର୍ଷ—ତାପରେ ଅନୁତାପ···ଏହା ଅପେକ୍ଷା··· ଅଜୟ ହଠାତ୍ ରହି ଯାଇଁ ଛବି ମୁହଁକୁ ଅନେଇଲା । ଛବି ଢୋଳାର କଜ୍ଜ୍ୱଳ ଧୋଇ ବହି ଆସୁଛି ଅଶ୍ରୁଧାର ।

ଏ କଣ ଛବି ! ତମେ କାନ୍ଦୁଛ, କିନ୍ତୁ ମୁଁ ହାତ ବଢ଼େଇ ତମ ଅଶ୍ରୁ ପୋଛି ଦେଇ ପାରୁନି । ତମେ ଫେରିଯାଅ ଛବି, ଗୋଟିଏ ଟ୍ରେନର ସହ-ଯାତ୍ରୀ ଭାବରେ ଆମର ପରିଚୟ କେଇଘଣ୍ଟା ପାଇଁ ମାତ୍ର ହୋଇଥିଲା, ଆମେ ଗନ୍ତବ୍ୟ ସ୍ଥାନରେ ପହଞ୍ଚି ପରସ୍ପରଠାରୁ ବିଦାୟ ନେଇଯିବା—ତାହାହିଁ ସ୍ରଷ୍ଟାର ନିର୍ଦ୍ଦେଶ—ପୁଣି କେବେ ହୁଏତ ଦେଖା ଦେଖି ହେଲେ ସେଇ ମଧୁର ମୁହୂର୍ତ୍ତି ମନେ ପକେଇ ଟିକେ ହସି ଦେବା—ବିପଦ କଥା, ଭାବର ବିନିମୟ ପରେ ପୁଣି ଲୁଚିଯିବା ସ୍ମୃତିର ଗଦା ଭିତରେ—ଏଇପରି ଭାବରେହିଁ ଏ ସମାଜରେ ଆମେ ବଂଚି ପାରିବା ଛବି ! କବି ଅଜୟର ଲେଖା ପଢ଼ି ପାଗଳ ହେବାରେ ଯେତେ ମାଦକତା ନାହିଁ—ଜଣେ ବିତ୍ତବାନ ସ୍ୱାମୀର ବିଳାସୀ-ସଂସାର ଭିତରେ ତାଠୁ ବେଶି ମାଦକତା ପାଇବ ତୁମେ । ଅଶ୍ରୁଳ କଣ୍ଠରେ କହୁ କହୁ ହଠାତ୍ ଉଠିପଡ଼ି ବାହାରକୁ ଅନେଇଲା ଅଜୟ ।

ଛବି ଲୁହ ପୋଛି ନେଇଥିଲା । ସେ ଉଠିବାର କୌଣସି ଆଗ୍ରହ ନ ଦେଖାଇ ପଚାରିଲା—ଆପଣ କଣ ଗୋଟାଏ ସିଦ୍ଧାନ୍ତରେ ପହଞ୍ଚି ସାରିଲେଣି, ଅଜୟ ବାବୁ ! ନା ମୋର ପରୀକ୍ଷା ନେଉଛନ୍ତି—ଛବି ଉଠିଗଲା ଅଜୟ ପାଖକୁ । ପଛପଟୁ ତା କାନ୍ଧରେ ମୃଦୁ ସ୍ପର୍ଶ ଦେଇ ଅନେଇଲା ଅଜୟ ମୁହଁକୁ । ଅଜୟ କି ଦୁଃଖରେ ଯେ ଏ ସବୁ କହୁଛି, ତା ବୁଝିବାକୁ ଆଉ ବାକୀ ରହିଲାନି ଛବିର ।

ଛବି ଚାଲିଯିବା ପାଇଁ କାନ୍ଧରୁ ହାତକୁ ଖସାଇ ଆଣୁଥିବ'ବେଳେ ଅଜୟ ହାତର ମୃଦୁ ସ୍ପର୍ଶ ପାଇଲା । ଦୁହେଁ ଦୁହିଙ୍କୁ ଅନେଇଲେ ହୃଦୟର ଚକ୍ଷୁରେ । ସେଇ ଚକ୍ଷୁ ଦେଇ ଛବି ପଢ଼ିଲା—ପ୍ରିୟା ମୋର, କପରି ବୁଝେଇବି ତମକୁ ମୁଁ କେତେ ଭଲ ପାଏ । ଗୋଟିଏ ଉଚ୍ଛୁଳା ନଈର ଦୁଇ କୂଳରେ ଛିଡ଼ାହୋଇ ପରସ୍ପରକୁ ଦୂରରୁ ଅନୁଭବ କରିବାହିଁ ଆମର ଧର୍ମ—

କିନ୍ତୁ ପ୍ରକୃତରେ ଅଜୟ୍ଙ୍କ ମୁହଁରୁ ଆଉ କିଛି ଶୁଣି ପାରିଲାନି ଛବି ।

ଏତିକିବେଳେ ବାହାରେ କା'ର ପାଦଶବ୍ଦ ଶୁଣି ଛବି ଅଥୟ ହୋଇ ଯିବାକୁ । ସେ ଦୁଆର ମୁହଁ ଉଦ୍ଦେଶ୍ୟରେ ଗୋଟିଏ ପାଦ ବଢ଼ାଇଛି, ପୁଣି ପଛକୁ ପାଦେ ଫେରି ଆସିଲା—ଆଗରେ ତା'ର ବାପା ରାଜୀବବାବୁ ।

ମୁଁ ଜାଣେ ତୁ ଏଠାକୁ ଆସିଥିବୁ ! ବେଶ, ବାହାରିଆ ଛବି, ଆଉ ଶେଷ ଦେଖା ଦେଇଆ ଏ ଭଦ୍ର ମୁଖାପିନ୍ଧା ଉଚ୍ଛୃଙ୍ଖଳ ଯୁବକଟିକୁ ।

ରାଜୀବ ବାବୁ ! ଅଜୟ୍ ପାଟି କରି ଉଠିଲା ।

ବାପା !

କବିତା ବି ଧାଡ଼ି ଲେଖି, କପୋଳ କଳ୍ପିତ କାହାଣୀ ସୃଷ୍ଟି କରି ଅଭିଆଡ଼ି ଝିଅମାନଙ୍କୁ ଫାଶରେ ପକାଇବା ତମର ପ୍ରଧାନ ଜୀବିକା ଜାଣି-ଥିଲେ ତମକୁ ସେଦିନ ଘରକୁ ଡ଼ାକି ନେଇ ନଥାନ୍ତି । ଅଭଦ୍ର, ଇତର, ନିର୍ଲଜ !

ଆପଣ ସଂଯତ ହୁଅନ୍ତୁ ରାଜୀବ ବାବୁ । ଆପଣଙ୍କ ଝିଅକୁ ଆଗେ ପଚାରନ୍ତୁ, କିଏ ଉଚ୍ଛୃଙ୍ଖଳ—କିଏ ନିର୍ଲଜ, କିଏ ଅଭଦ୍ର । କିଏ କାହାର ପ୍ରଣୟପ୍ରାର୍ଥୀ···ଧନର ମୋହ ଦେଖାଇ କିଏ କାହାକୁ ଶୀକାର କରିବାକୁ ଚାହେଁ···

ୟୁ ସନ୍ ଅଫ୍ ରାସ୍କେଲ ! ରାଜୀବ ବାବୁ ହାତ ବାଡ଼ିଟି ଉଠାଇ ଆକ୍ରମଣ କରୁ କରୁ ଛବି ତାଙ୍କୁ ଯାଇଁ ରୋକି ନେବା ବେଳେ ଆଘାତଟି ତା ମୁଣ୍ଡରେ ଲାଗିଲା—ସେ ତଳେ ବସି ପଡ଼ିଲା ।

ଛବି ! ଅଜୟ୍ ଚମକି ଆସିଲା ପାଖକୁ ।

ବହୁତ ହେଇଛି, ଆଉ ଅଭିନୟ କରିବାକୁ ପଡ଼ିବନି । ଉଠ, ଚାଲ୍ ଛବି, ବାହାରେ ରେକ୍ସା ଅଛି । ରାଜୀବ ବାବୁ ଛବିର ବାହା ଧରି ଟାଣି ଟାଣି ନେଇଗଲେ ବାହାରକୁ ।

ସେମାନେ ରାଜୀବ ବାବୁ ଆଉ ଛବି ବାହାରି ଯିବାପରେ ବୀରେନ୍ଦ୍ର, ବରୁଣ ପଶି ଆସିଲେ ଭିତରକୁ । ଅଜୟ୍କୁ ଗଭୀର ଚିନ୍ତାମଗ୍ନ ଦେଖି ସେମାନେ କିଛି ପଚାରିବାକୁ ସାହସ କଲେନି । ଠିକ୍ କି ଆଗରୁ ଆସି ସେମାନେ ବାହାରେ ଛିଡ଼ା ହୋଇଥିଲେ ।

ଅଜୟ ତ ହାତରେ ମୁଣ୍ଡଟାକୁ ଭରା ଦେଇ କେତେବେଳ ଯାଏଁ ବସି ରହିଲା ।

ସୁଜାତା ସଂଧ୍ୟା ପୂର୍ବରୁ ବସାକୁ ଫେରି ଆସିଲା । ରିକ୍ସା ଘଣ୍ଟି ଶୁଣି ମା ବାରଣ୍ଡାକୁ ଆସି କହିଲେ—ଅଜୟ ଦି'ପହରଠାରୁ ଆସି ଅପେକ୍ଷା କରିଛି । ସୁଜାତା ରିକ୍ସରୁ ଓହ୍ଲାଇ ବୃଦ୍ଧଙ୍କୁ ଓହ୍ଲାଇବାରେ ସାହାଯ୍ୟ କଲା ।

ଆସ ବାପା, ଅଜୟବାବୁ ଆସିଛନ୍ତି, କାଲେ କିଛି ଖବର ଆସିଥିବ—

ହଉ ମା ଚାଲ୍ ! ବୃଦ୍ଧ ସୁଜାତା ପଛେ ପଛେ ଘର ଭିତରକୁ ଆସିଲେ । ସୁଜାତା ଅଜୟକୁ ଗୋଟିଏ ଚେୟାର ଉପରେ ହାତରେ ମୁଣ୍ଡ ଭରା ଦେଇ ବସିଥିବା ଦେଖି ଆଗେ ଚମକି ପଡ଼ିଲା । ଅଜୟର ଗାଧୁଆ ଖିଆରେ ଯେପରି ଠିକ୍ ନାହିଁ । ଦୁଇ ଦିନର ଟ୍ରେନ ଯାତ୍ରା କରି ସେ ଯେପରି ବିଶେଷ ଭାବରେ କ୍ଳାନ୍ତ—ସୁଜାତା ଅନାଗତ ଆଶଙ୍କାରେ ମନେ ମନେ ଶିହରି ଉଠିଲା ।

ଭିତରୁ ମା' କହିଲେ, ଆ ମା' ଗଣ୍ଡେ ଖାଇଦେ, ସକାଳପହରୁ ଖାଇନୁ, ଅବିକା ଫେରୁଛୁ, ବୁଢ଼ା ମଣିଷଟା ବି ଦହଗଞ୍ଜ ହେଉଛନ୍ତି···

ଯାଅ ସୁଜାତା, ଆଗେ ଖାଇନିଅ—ଅଜୟ ସ୍ୱାଭାବିକ ଗଳାରେ କହିଲା ।

ବାପା, ଆପଣ କିଛି ଖାଇ ନିଅନ୍ତୁ । ମୁଁ ଅଜୟ ବାବୁଙ୍କ ସହିତ କଥା ହେଇ ଯାଉଛି । ଇଏ ଆମ ଅଫିସରେ କାମ କରନ୍ତି । ପ୍ରଫୁଲ୍ଲ ବାବୁଙ୍କ ସହିତ ମଧ୍ୟ ପରିଚୟ ଅଛି······ତା ପରେ ଅଜୟ ଆଡ଼କୁ ମୁହଁକରି କହିଲା, ପ୍ରଫୁଲ୍ଲବାବୁଙ୍କ ବାପା ।

ତମେ ଜାଣ ବାବୁ, ପ୍ରଫୁଲ୍ଲ କୁଆଡ଼େ ଯାଇଛି···ତାର ଏମିତି କାହିଁକି ହେଲା ! କାମ ନ କରିଥିଲେ ଘରେ ଯାଇଁ ବସିଥାନ୍ତା, ଯାହା ଜମିବାଡ଼ି ଅଛି ସୁଖେ ଦୁଃଖେ ଚଳିଥାନ୍ତା, ଚଣ୍ଡାଳ ଏ କାମ କାହିଁକି କଲା—

ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ ! ପ୍ରଫୁଲ୍ଲ ନିଶ୍ଚେ ଫେରି ଆସିବ । ସେ ଗୋଟାଏ ଧକ୍କା ପାଇଛି । ଜୀବନରେ ଆଘାତ ପାଇବ ବୋଲି ସେ ଆଶା କରି ନଥିଲା……ଏହାରି ପ୍ରତିକ୍ରିୟା ଯୋଗୁ ସେ ସ୍ଥାନ ତ୍ୟାଗ କରିଛି… ଅବଶ୍ୟ କାହାକୁ ଛାଡ଼ି ନଥାନ୍ତା, କିନ୍ତୁ ତାର ସବୁଠୁ ପ୍ରିୟ ଯିଏ ବେଶି ଆପଣାର ବା ତାର ହିତାକାଂକ୍ଷୀ, ଶେଷରେ ସେ ବୁଝିଲା ଯେ ତା ପ୍ରତି ସେ ଅବିଚାର କରିଛି—ଯାହାର ଏକମାତ୍ର ଶାସ୍ତି ହେଉଛି ନିଜକୁ ଦୂରେଇ ନେବା… ହେଇ ଦେଖନ୍ତୁ…ମୁଁ ଯାହା କହୁଛି ତା ଉପରେ ଅକ୍ଷରେ ଅକ୍ଷରେ ସତ, ମୋ ପାଖକୁ ପ୍ରଫୁଲ୍ଲ ଆଜି ଗୋଟିଏ ଚିଠି ଦେଇଛି—ଅବଶ୍ୟ ଠିକଣା ନାହିଁ……ପକେଟରୁ ଚିଠିଟି କାଢ଼ିଲା ଅଜୟ ।

ସେତେବେଳକୁ ସୁଜାତାର ମା' ମଧ୍ୟ ଆସି ଗୋଟିଏ ପାଖରେ ଛିଡ଼ା ହେଲେଣି । ତିନୋଟି ହୃଦୟ ଅସୀମ ଉତ୍କଣ୍ଠାରେ ଅନେଇଛନ୍ତି ଚିଠିଟି ଆଡ଼େ । ଅଜୟ ଚିଠିଟିକୁ ସୁଜାତା ହାତକୁ ବଢ଼ାଇ ନେଲା । ସୁଜାତା ପଢ଼ିଲା ମନେ ମନେ—

ପ୍ରିୟ ଅଜୟ ବାବୁ,

ମୋର ଏ ଚିଠିଟି ପାଇ ନିଶ୍ଚୟ ବିସ୍ମିତ ହେବ । ସୁଜାତା ତମର ସହକର୍ମୀ…ତାକୁ ଦିନେ ମୁଁ ଆଶ୍ରୟ ଦେଇଥିଲି, ବରଂ ଜୀବନ ଦେଇଥିଲି କହିଲେ ଅନୁଚିତ ହେବନି । ସେବି ତାର ପ୍ରତିଦାନ ଖୁବ୍ ଦେଇଛି, ଯାହା କି ଜୀବନରେ ମୁଁ ଭୁଲି ପାରିବିନି । ସେ ମୋଠୁ ଅନେକ କିଛି ଆଶା କରିଥିଲା, କିନ୍ତୁ ଶେଷ ସୁଦ୍ଧା ମୁଁ ସେଥିପାଇଁ ଅନୁପଯୁକ୍ତ ପ୍ରମାଣିତ ହେଲି ।

ମୋର ଅନୁରୋଧ, ତାକୁ ଟିକେ ଭରସା ଦେବ, ସଂସାରରେ ରହିବା ପାଇଁ ପ୍ରେରଣା ଦେବ । ବିଚାରୀ ଖୁବ୍ ସରଳା, ନୀରିହା । ନୀଡ଼ଟିଏ ତା ପାଇଁ ଯୋଗାଡ଼ କରିଦେବ—ଏ ଦାୟିତ୍ୱ ତମକୁ ଦେଇଗଲି । ମୋର ସନ୍ଧାନ ନେବାକୁ କେହି ଚେଷ୍ଟା କରିବନି ।

ହଁ, ଛବି ଆଉ ତମର ପ୍ରେମ ଅମର ହେଉ ।

ଶୁଭେଚ୍ଛା ସହ…

ପ୍ରଫୁଲ୍ଲ

ସୁଜାତା ହାତରୁ ଚିଠିଟି ତଳେ ଖସି ପଡ଼ିଲା । ସେ ତଳେ ପଡ଼ିଯାଉ ଯାଉ ଅଜୟ ଚମକି ଆସି ଚେୟାର ଉପରକୁ ଠେଲି ଦେଲା ତାକୁ । ସୁଜାତା ମୂର୍ଚ୍ଛା ଯାଇଥାଏ ।

ମାଉସୀ, ଟିକିଏ ପାଣି ଅଣ ତ !

ସୁଜାତା, ମା···ବୃଦ୍ଧ ଚାହିଁକରି ଉଠିଲେ ।

ବୃଦ୍ଧା ପାଣି ଆଣି ଦେବାରୁ ଅଜୟ ପାଣି ଛିଟା ମାରିଲା ମୁହଁରେ । ତାପରେ ପଙ୍ଖା ଜବିବାରୁ ସୁଜାତା ଅନେଇଲା ।

ତୁମେ ଏପରି ଭାବପ୍ରବଣ ହେଲେ ଚଳିବନି ସୁଜାତା ! ସାହସ ବାନ୍ଧିବା ଦରକାର । ତୁମେ ଏମିତି ହେଲେ ମଉସାଙ୍କ ଅବସ୍ଥା କ'ଣ ହେବ, ଯେତେହେଲେ ସିଏ ଜନ୍ମ ଦେଇଛନ୍ତି ।

ଅଜୟବାବୁ, ଆପଣ ଟିକେ ଗାଡ଼ିରେ କୁଆଡ଼େ ଯାନ୍ତୁ । ସେ ନିଶ୍ଚେ କଲିକତା କି ବମ୍ବେ ପଳେଇଛନ୍ତି···ଟଙ୍କା ଯାହା ଖର୍ଚ୍ଚ ହେବ ଚିନ୍ତା ନାହିଁ······

ହଁ, ପୁଅ, ଟଙ୍କା ମୁଁ ଦେବି, ଜମି ବିକି ଦେବି—ପୁଅ ଥିଲେ କେତେ ସମ୍ପତ୍ତି ହେବ······

ସୁଜାତା ଅପା ! ସୁଜାତା ଅପା ! ବାହାରୁ ଶୁଭିଲା !

ସୁଜାତା ଉଠି ଯାଉଥିଲାବେଳେ ଝଡ଼ ବେଗରେ ପହଞ୍ଚିଲା ଛବି ! କେଶ ଓ ବେଶବାସ ତାର ବିକ୍ଷିପ୍ତ—ମୁହଁରେ ଗୋଟାଏ ଅଶାନ୍ତ ଝଡ଼ର ସଙ୍କେତ······ସେ ସୁଜାତା ଗୋଡ଼ ପାଖରେ ଆସି ପଡ଼ିଗଲା । ସୁଜାତା ତାକୁ କୋଳକୁ ଟାଣି ନେଲା !

କ'ଣ ହେଲା ଛବି ! ସନ୍ଧ୍ୟାଟାରେ ଏମିତି ଉଠି ପଡ଼ି ଧାଇଁଛୁ ଯେ—

ମତେ ପରା ସନ୍ଦେହ କରୁଥିଲ—ମୁଁ ତମର ସଂସାର ଛାରଖାର କରିଦେଲି ବୋଲି ଅଭିଯୋଗ କରୁଥିଲ—ହେଇ ନିଅ ପଢ଼—ପ୍ରଫୁଲ୍ଲ ବାବୁଙ୍କ ଚିଠି ପଢ଼ । ଆଜି ଶେଷ ଡେଲିଭରିରେ ଚିଠିଟି ପାଇଲି । ଲଫାପାଟି ବ୍ଲାଉଜ୍ ଭିତରୁ କାଢ଼ି ଛବି ବଢ଼େଇ ଦେଲା ସୁଜାତା ହାତକୁ । ଅଜୟ, ସୁଜାତା ଦୁହେଁ ଏକା ସଙ୍ଗରେ ପଢ଼ି ଚାଲିଲେ ଚିଠିଟିକୁ ପରମ ବିସ୍ମୟରେ—

ଆୟୁଷ୍ମତୀ ଛବି,

ଅନେକ ଦୂରରେ ଥାଇ ଏ ଚିଠି ଲେଖୁଛି । ଦୀର୍ଘ ଚାରି ବର୍ଷ ଧରି ମୁଁ ମୁଣ୍ଡରେ ଯେଉଁ ବିକୃତ ଭାବନା ଗୁଡାଏ ପୂରାଇଥିଲି, ତାର ପ୍ରତିଫଳ ଆଜି ଭୋଗ କରୁଛି । ଏଥିରେ କାହାରି ଦୋଷ ନାହିଁ । ଗୃହଶିକ୍ଷକ ଭାବରେ ସମସ୍ତ ସ୍ୱାଧୀନତା ଲାଭ କରି ମୁଁ ମୋ ଭିତରେ ଭଲ ପାଇବା ନାଁରେ ଯେଉଁ ଉଚ୍ଛୃଙ୍ଖଳତାକୁ ସ୍ଥାନ ଦେଇଥିଲି, ତୁମେ ଆଦର୍ଶଛାତ୍ରୀ ଭାବରେ ଉପଯୁକ୍ତ ଶିକ୍ଷା ଦେଇଛ ମତେ । ଜୀବନରେ ଏହା ଭୁଲିବାର ନୁହେଁ ।

ମୋର ଛାତ୍ରୀ ଏବଂ ମୋତେ ଯଥେଷ୍ଟ ସ୍ନେହ ଦେଲେହେଁ, ମୋର ଧୃଷ୍ଟତା ଯୋଗୁ ସେଦିନ ତମକୁ କ୍ଷମା ମାଗୁଥିଲି, ମୋର ସମ୍ମାନକୁ ଅତଳନ୍ତ ରଖିବା ପାଇଁ ତମେ ଯୁକ୍ତି ବାଢ଼ିଥିଲ ସୁଜାତା ଅପାଙ୍କୁ ବାହା ହେବା ପାଇଁ, କିନ୍ତୁ ମୁଁ ତା କରି ପାରିନି । ଏଣୁ ରାଜୀବ ବାବୁଙ୍କ ହେୟ ଦୃଷ୍ଟିରେ ପଡ଼ିବା ଅପେକ୍ଷା କଟକ ଛାଡ଼ି ଦେବା ମୁଁ ଉଚିତ ମଣିଲି କିନ୍ତୁ ଛବି, ସୁଜାତା ଅପାକୁ ତମେ ବୁଝେଇ ଦେବ । ଉଚ୍ଛୃଙ୍ଖଳ ପ୍ରଫୁଲ୍ଲ ତା ପରି ମହୀୟସୀ ନାରୀର ସ୍ୱାମୀ ପଦ ପାଇଁ ସମ୍ପୂର୍ଣ୍ଣ ଅଯୋଗ୍ୟ । ସୁଜାତା ମତେ କେବେ ହେୟ ଦୃଷ୍ଟିରେ ଦେଖିନି—ଆଜି ବି ଦେଖୁନଥିବ, ମୁଁ ଜାଣେ । କିନ୍ତୁ ତା ପ୍ରତି ଯେଉଁ ଅବିଚାର କରିଛି ଯେତେ ଶାସ୍ତି ଦେଲେ ମଧ୍ୟ ତା ମାର୍ଜନା ହୋଇ ପାରିବନି । ତାଙ୍କୁ ସଂସାର ପାତିବାକୁ ଅନୁରୋଧ କରିବ । ଜୀବନରେ କେବେ ହେଲେ ମୁଁ ତାର ସ୍ନେହ ସଂସାରଟି ଦେଖି ଖୁସି ହେବି । ପ୍ରଫୁଲ୍ଲ ବୋଲି ଯେ କଟକରେ ଜଣେ ଥିଲା, ସେ ଭୁଲର ସଂଶୋଧନ ପାଇଁ ମୋର ଏ ଯାତ୍ରା ।

ଅଜସ୍ର ଆଉ ତୁମର ଜୀବନ ମଧୁମୟ ହେଉ ! ଏତିକି କାମନା ।

ଶୁଭାକାଂକ୍ଷୀ—ପ୍ରଫୁଲ୍ଲ

ସୁଜାତା ଚିଠି ପଢ଼ି ନିସ୍ତେଜ ହୋଇ ବସି ରହିଲା । ତା ଦେହର ରକ୍ତ ପ୍ରବାହ ଯେପରି ହଠାତ୍ ବନ୍ଦ ହୋଇଗଲା । ଆଖି ଡୋଳା ସ୍ଥିର ହୋଇଗଲା । କିଛିକ୍ଷଣ ପରେ ସେଇ ବଡ଼ ବଡ଼ ଡୋଳାରୁ ଧାର ଧାର ଲୁହ ଛୁଟି ଚାଲିଲା ।

ଏ କାନ୍ଦିବା ବେଳ ନୁହେଁ ସୁଜାତା', ଧୈର୍ଯ୍ୟ ଧର । ଆଉ ମଣିଷ, ଆପଣ ଦିନାକେତେ ଏଇଠି ରୁହନ୍ତୁ । ମୁଁ ଷାରୁ ପର୍ଯ୍ୟନ୍ତ ଚେଷ୍ଟା କରିବି ପ୍ରଫୁଲ୍ଲର ଅନୁସନ୍ଧାନ ନେବା ପାଇଁ ।

ଆଉ ମୁଁ ଏଠି କାହାଁକୁ ଚାହିଁବି ବାପା ! ପ୍ରଫୁଲ୍ଲ ସତେ ଆଉ ଫେରିବ ? ବୃଦ୍ଧ ଉଦ୍‌ଗତ ଅଶ୍ରୁକୁ ହାତରେ ପୋଛି ଆଣିଲେ ।

ଛବି, ଶୁଣ, ତୁ ଚାଲି ଯାଉଛୁ ଯା । ଯଦି ପ୍ରକୃତରେ ଅପାର ସ୍ନେହ ପାଇଥିବୁ, ତେବେ ଭୁଲିଯିବୁ ଭଉଣୀ ! ଅଯଥାରେ ତୋ ମନରେ ମୁଁ ଦୁଃଖ ଦେଇଛି । ଏଇ କେଇ ମିନିଟ ଆଗରୁ ପ୍ରଫୁଲ୍ଲ ବାବୁଙ୍କ ଅଧଃପତନ ପାଇଁ ତୋତେ ଦାୟୀ କରିଥିଲି, କିନ୍ତୁ ଅଜୟବାବୁ ମୋର ସେ ଧାରଣାକୁ ବଦଳାଇ ଦେଇଥିଲେ, ଏବେ ଏ ଚିଠି ସବୁ ପରିଷ୍କାର କରିଦେଲା । ମତେ କ୍ଷମା ଦେବୁନା ଛ-ବି...

ଅପା...କହି ଛୁଟିଆସି ସୁଜାତାର ମୁହଁ ବନ୍ଦ କରିଦେଲା ଛବି । ମତେ କ୍ଷମା ମାଗୁଛ ଅପା, ମୁଁ ତ ସାନ—

ମୁଁ ତେବେ ଯାଉଛି ସୁଜାତା ! ଅଜୟ ଉଠି ଛିଡ଼ା ହେଲା । ଛବିର ଉପସ୍ଥିତିହିଁ ତାକୁ ଅଥୟ କଲା ସ୍ଥାନ ଛାଡ଼ିବା ପାଇଁ ।

ଛବି ସୁଜାତା କୋଳରୁ ଉଠି କହିଲା, ଅଜୟବାବୁ, ଆପଣ କୁଆଡ଼େ ଟ୍ରେନ୍‌ରେ ଯାଇଥିଲେ ନା କଣ ?

ସୁଜାତା ମଧ୍ୟ ବ୍ୟଗ୍ର ହୋଇ ଉଠିଲା, ଅଜୟର ଏ ଲକ୍ଷ୍ମୀଛଡ଼ା ବେଶ ଦେଖି ମଧ୍ୟ ଏ ଯାଏ କିଛି ପଚାରି ପାରିନି । ଯେ ତାର ସୁଖ ଦୁଃଖରେ ଭାଗୀ ହେବାପାଇଁ ସାରା ଦିନଟି ଅଖିଆ ଅପିଆ ଏଠି ବସି ରହିଛି, ତା ପ୍ରତି ଖୁବ୍ ଅବିଚାର କରିଛି ଭାବି ପଚାରିଲା—ମତେ କ୍ଷମା କରିବେ ଅଜୟବାବୁ, ଆପଣ କଣ କୁଆଡ଼େ ବାହାରକୁ ଯାଇଥିଲେ ନା, ରାତି ଉଜାଗର ଥିଲେ...ମନେ ହେଉଛି କାଲିଠାରୁ ଗାଧୁଆ ଖିଆ ନାହିଁ...

ନା, ତା' ନୁହେଁ ସୁଜାତା, ଜୀବନଟା ଗୋଟାଏ ପ୍ରହେଳିକା—ମଣିଷ ସବୁବେଳେ ସବୁ ପରିସ୍ଥିତି ପାଇଁ ପ୍ରସ୍ତୁତ ରହିବା ଦରକାର—ଯିଏ ରହି ନ ପାରେ ସେ ରସାତଳକୁ ଯାଏ...ଅଜୟ ଅଟକି ଗଲା...ଖୁବ୍ ସତର୍କରେ

ଛବି ମୁହଁ ଉପରେ ଦୃଷ୍ଟିର ଏକ ଅଂଶ ବୁଲେଇ ନେଇ କହିଲା, ଛବି, ମୁଁ ଖୁବ୍ ଶୁଖିଲା ଦିଶୁଛ ସତେ ! କାଲି ଯାକେ ମୋର ଏ ଚେହେରା ନଥିଲା, ମୁଁ ତୋନ ଯାହା କରନି, ଆଜି କରିବି କଲିକତା ଅଭିମୁଖେ । ଆଜି ମୁଁ ଛୁଟି ନେଇ ସାରିଛି—ପ୍ରଫୁଲ୍ଲକୁ ଯଦି ପାଏ, ତେବେ ଖୁବ୍ ଶୀଘ୍ର ଦେଖା ହେବ ସୁଜାତା…ମୁଁ ଚାଲିଲି—

ଅଜୟବାବୁ ! ଶୁଣନ୍ତୁ…ସୁଜାତା ଉଠିପଡ଼ି ଅଜୟ ପାଖରୁ ଆସୁ ଆସୁ ରାଜୀବବାବୁ ପଶି ଆସିଲେ ଭିତରକୁ । ସେ ଅଜୟର ଗୋଟିଏ ହାତ ଧରି ଭିତରକୁ ଟାଣି ଆଣିଲେ—ତାପରେ କହିଲେ, ଅଜୟ, ମାଇ ବୟ, ମୁଁ ତୁମ ପ୍ରତି ଖୁବ୍ ଅନ୍ୟାୟ କରିଛି । ମତେ କ୍ଷମା କର…ମା ସୁଜାତା, ଅଜୟକୁ କେଉଠିକି ଯିବାକୁ ଦେ'ନା, ପ୍ରଫୁଲ୍ଲକୁ ଖୋଜିବା ବାହାନାରେ ସେ ନିଜେ ପଳାଇବାକୁ ଚାହେଁ…ଆଜି ସବୁ ଖବର ମୁଁ ଛବିଠାରୁ ଶୁଣି ଖୁବ୍ ବ୍ୟସ୍ତ ହେଲି, ଭାବିଲି ମନେ ମନେ—ପ୍ରଫୁଲ୍ଲର ଚିଠି ଆଗେ ମୋ ହାତରେହିଁ ପଡ଼ିଥିଲା— ଛବିଠୁ ସବୁ ବୁଝି ପରେ ତାକୁ ତୋ ପାଖକୁ ପଠାଇଲି ।

ସମସ୍ତଙ୍କ ବିସ୍ମିତ ମୁହଁ ଉପରେ ଦୃଷ୍ଟି ଫେରାଇ ଆଣି ପୁଣି କହିଲେ ରାଜୀବବାବୁ, ପ୍ରଫୁଲ୍ଲର ଅନ୍ତର୍ଦ୍ଧାନରେ ତମେ ସମସ୍ତେ ଭାଙ୍ଗି ପଡ଼ିଛ ଦେଖୁଛି, ସେଥିପାଇଁ ମୁଁ ଆଜି କଲିକତାର ଦୁଇଟି ଓ କଟକର ଗୋଟିଏ କାଗଜରେ ଘୋଷଣା କରିବାକୁ ଚିଠି ଲେଖିଦେଲି—ପ୍ରଫୁଲ୍ଲର ଖବର ଦେବା ଲୋକଙ୍କୁ ଟ୫୦୦୯ ପୁରସ୍କାର ଦିଆଯିବ । ଏଣୁ ଅଜୟ, ତମେ ଅଯଥାରେ କଲିକତା ଯାଇ ଲାଭ ନାହିଁ—ତମେ କବି, ଲେଖକ—ମୋ ଭଳି ଗୋଟିଏ ଚରିତ୍ର ତମ କଥାବସ୍ତୁରେ ଖୁବ୍ ଗୁରୁତ୍ୱ ବଢ଼ାଇବ…କାଲିର ଅବାଞ୍ଛିତ ଘଟଣାକୁ ଭୁଲି ଯିବ ବୋଲି ମୋର ବିଶ୍ୱାସ…ଆସିବ ଆମ ଘରକୁ ବେଳେବେଳେ— ଆ ମା ଛବି, ରେକ୍ସ ଟା କେତେବେଳୁ ଛିଡ଼ା ହେଲାଣି…

ଅଜୟ ଦୃଷ୍ଟିରେ ବିସ୍ମୟ ଓ କୃତଜ୍ଞତା ଭରି ରାଜୀବ ବାବୁଙ୍କୁ ଅନାଇ ରହିଥିଲା । ରାଜୀବବାବୁ ବାହାରି ଗଲା ପରେ ଛବି ସମସ୍ତଙ୍କୁ ପ୍ରଣତି ଜଣାଇ ନିଷ୍କ୍ରାନ୍ତ ହୋଇଗଲା, ଅଜୟ ହୃଦୟରେ ଆନ୍ତରିକତାର ଏକ ଅଲିଭା ଦାଗ

ଟାଣି ଦେଇ । ରାଜୀବବାବୁ ଆଉ ଛବିକୁ ବନ୍ଦନ କରି ରିକ୍ସାଟି ଚାଲିଯିବା ପରେ ଅଜୟ ପଛକୁ ଫେରି ଦେଖିଲି ସୁଜାତାକୁ ।

ଆପଣ ଭିତରେ ସମଦୁଃଖୀପଣ ଅଜୟବାବୁ ! କିନ୍ତୁ ନିଜ ଦୁଃଖଟାକୁ ବାଦ ଦେଇ ମୋ ଦୁଃଖରେ ବିବ୍ରତ ହେବା ଖୁବ୍ ଅନ୍ୟାୟ, ଅନୁଚିତ ମଧ୍ୟ···

ହଁ, ସୁଜାତା, ନିଜ ଦୁଃଖଟାକୁ ତମ ଦୁଃଖ ଭିତରେ ଦେଇ ଉପଶମ କରିବାକୁ ଚେଷ୍ଟା କରୁଛି ମୁଁ । ସେଥିପାଇଁ ତମ ପରିସ୍ଥିତିଟାକୁ ମୁଁ ଖୁବ୍ ଗୁରୁତ୍ୱ ଦେଇଛି । ତମ ବ୍ୟଥାର ଅବସାନ ହେଲେ ହୁଏତ ମୋ ବ୍ୟଥାର କ୍ଷତଟା ଆପେ ଆପେ ଶୁଖିଯିବ ଆଉ ସେଥିରେ ସବୁ ଠାରୁ ମୁଁ ବୋଧେ ବେଶି ଆନନ୍ଦ ପାଇବି···

ସୁଜାତା, ଅଜୟବାବୁଙ୍କୁ ଡାକ, ମୁଁ ବାଢ଼ିଲିଣି । ଭିତରୁ ବୁଢ଼ା କହିଲେ ।

ମମତାମୟୀ ସୁଜାତା ଅଜୟର ବାଧା ସତ୍ତ୍ୱେ ତାକୁ ଟାଣି ନେଇ ଭିତରକୁ ଚାଲିଗଲା ।

ମତେ ବିଦାୟ ଦେ ମା' ପୁଅଡ କୁ ଆଡେ଼ ଗଲା, ଆଉ ଏଠି କାହିଁକି ବସି ବସି ତୋ ଉପରେ ବୋଝ ହେବି ? ବୁଢ଼ା ଅଥୟ ହେଲେ ଗାଁକୁ ଯିବାକୁ ।

ମୁଁ କଣ ତମର କେହି ନୁହେଁ ବାପା, ଦିନେ ଦାଣ୍ଡରୁ ଗୋଟାଇ ଆଣି ଆମକୁ ଯିଏ ସଂସାରରେ ଥଇଥାନ କଲା, ତା ଋଣ କଣ ଏଇମିତି ଶୁଝେଇବୁ । ତମେ ପରି ଶୁଣିଲ ଛବି ବାପା ତାଙ୍କ ପାଇଁ ପୁରସ୍କାର ଘୋଷଣା କରିଛନ୍ତି । ଆଉ କେଇଟା ଦିନରେ ସବୁ ଜଣା ପଡ଼ିଯିବ ।

ସତେ ଠାକୁରେ ପ୍ରଫୁଲ୍ଲକୁ ଫେରାଇ ଆଣିବେ ? ତୋ'ପରି କେହି, ମୋ ଭାଗ୍ୟରେ ଅଛି ? ସୁଜାତା, ଆଉ କାହିଁକି ମୋହ ଲଗଉଛୁ ମା ! ସେ ଲକ୍ଷ୍ମୀଛଡ଼ା ଗୋଟିଏ ଥାନରେ ଥିଲେ ସିନା କେହି ପାଇବ···ହଁ ମା, ତୁ ତୋ ସଂସାର ଗଢ଼, ତା ଆଶା ଛାଡ଼ିଦେ ।

ଆଶା ଥିଲା ପର୍ଯ୍ୟନ୍ତ ମଣିଷ କଣ ନିରାଶ ହୋଇ ପଡ଼େ ବାପା ! ମୋ ମନ କହୁଛି ସେ ନିଶ୍ଚୟ ଆସିବେ···ସୁଜାତା ଆଖିରେ ଲୁହ ଟଳ ଟଳ ହେଉଥାଏ ।

ଯିଏ ତୋ ପରି ଝିଅର ସ୍ନେହ ମମତାକୁ ଆଡ଼େଇ ଦେଇ ଆଉ ଗୋଟିଏ ଝିଅ ପାଇଁ ପାଗଳ ହେଲା, ତାକୁ କି ବିଶ୍ୱାସ ମା ! ବର୍ଷେ ଦି ବର୍ଷ ପରେ ସବୁ ହୁଏତ ସେ ଭୁଲି ଯାଇପାରେ···ତୁ କାହିଁକି ମିଛଟାରେ ସନ୍ତୁଳି ହେବୁ ! ବରଂ ମୋ ସାଙ୍ଗରେ ଗାଁକୁ ଚାଲ ।

ତୋର ବାହାସାହା କରିଦେବି···ଆଜିଠୁ ତୁ ମୋର ଝିଅ ହେଲୁ, ପୁଅଟା ନହେଲା ନାହିଁ କୁଆଡ଼େ ଯାଇଛି ଯାଉ···

ସୁଜାତା ବୁଢ଼ାଙ୍କ ପିଠିରେ ହାତ ଦେଇ ଦେଲା—ଏମିତି ଅମଙ୍ଗଳ ଚିନ୍ତା କରନା ବାପ ! ସେ ନିଶ୍ଚୟ ଫେରି ଆସିବେ, ମୋର ମନ କହୁଛି—ସେ ଅଥୟ ହେବ ସୁଜାତା ପାଖକୁ ଫେରି ଆସିବାକୁ···

ବୃଦ୍ଧ ଦୀର୍ଘ ନିଶ୍ୱାସ ଛାଡ଼ିଲେ ।

ତୁ କ'ଣ ଅପେକ୍ଷା କରି ପାରିବୁ ମା ! ବୃଦ୍ଧ ସୁଜାତାର ମଥା ଉପରେ ହାତ ବୁଲାଇ ଆଣି କହିଲେ—ଏହା ସହଜ ନୁହେଁ ମା ! ଭରସାରେ କେତେ କେତେ ଭେଳା ବୁଡ଼ିଯାଏ···ତୁ···

ହଁ, ସୁଜାତା, ତାଙ୍କ କଥା ମାନ, ପ୍ରଫୁଲ୍ଲ ଯେ ଆସିବ ତାର କି ଭରସା ! ସୁଜାତ ମା ଝିଅର ଏକବାଗିଆ କଥା ଶୁଣି ଶୁଣି ଶେଷରେ ବିରକ୍ତ ହୋଇ କହିଲେ ।

ଆମେ ସେ ଦିନ କି ଭରସାରେ ଘର ଛାଡ଼ିଥିଲେ ମା ! ମଣିଷ ଆଶାରେହିଁ ବଞ୍ଚେ । ଶେଷ ନିଶ୍ୱାସଯାଏ ମୁଁ ଅପେକ୍ଷା କରିବି···ମୋର ଭରସା ଅଛି···ବାପା, ତମେ ଅଉ ଯିବନି ତ ! ସୁଜାତା ଦୃଷ୍ଟିରେ ...